ଆମର ପ୍ରତିବଦ୍ଧତା
ସରକାର ଓ ପ୍ରଶାସନ ସହ ଜନସାଧାରଣଙ୍କ ସମ୍ପର୍କର ସେତୁ
ନିଷ୍କର୍ଷ

# ନିଷ୍କର୍ଷ
NISHKARSHA

RNI REGD. No. : ODIODI/2020/78909

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Channel : Nishkarsha Media
www.nishkarsha.com
www.nishkarsha.in
YouTube
NISHKARSHA MEDIA ENTERTAINMENT & PUBLICATION

♦ VOLUME - 03 ♦ ISSUE- 27♦ CUTTACK ♦ WEEKLY ♦ 04 TO 10- JULY 2022♦ 8 PAGE ♦ RATE- 5/- ■ ବର୍ଷ - ୦୩ ♦ ସଂଖ୍ୟା -୨୭ ♦ କଟକ♦ ସାପ୍ତାହିକ ♦ ୦୪ ରୁ ୧୦ ଜୁଲାଇ ୨୦୨୨ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

## ରାଜ୍ୟ ବଜେଟ୍ ଉପସ୍ଥାପିତ, ୨ ଲକ୍ଷ କୋଟିର ବ୍ୟୟ ଅଟକଳ



ଭୁବନେଶ୍ୱର (ଏନ୍.ଏମ୍.): ବିଧାନସଭାର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥାପନ କରିଛନ୍ତି ରାଜ୍ୟ ବଜେଟ । ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ସେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି । ଏହି ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟିର ବ୍ୟୟ ଅଟକଳ କରାଯାଇଥିବା ବେଳେ କେଉଁ କ୍ଷେତ୍ର ପାଇଁ କେତେ ବ୍ୟୟବରାଦ କରାଯାଇଛି ଜାଣନ୍ତୁ ।

କୃଷି ପାଇଁ ୨୧ ହଜାର ୧୬୬ କୋଟି ଟଙ୍କା ବ୍ୟୟ ଅଟକଳ, କାଳିଆ ଯୋଜନା ପାଇଁ ୧୮୭୪ କୋଟି ଟଙ୍କା ବ୍ୟୟ ବରାଦ, କୃଷି ଗବେଷଣା ଓ ଶିକ୍ଷା ପାଇଁ ୧୬୧ କୋଟି ବ୍ୟୟ ବରାଦ, ଉଦ୍ୟାନ କୃଷି ବିକାଶ ପାଇଁ ୩୧୨ କୋଟି ବ୍ୟୟ ବରାଦ, କୃଷକ ପରିବାରକୁ ଆୟ ସହାୟତା ପାଇଁ ୧୧୨ କୋଟି ବ୍ୟବସ୍ଥା, ଜଳସେଚନ ପାଇଁ କୋରାପୁଟରେ ଝଞ୍ଜାବତୀ ପ୍ରକଳ୍ପ ଆରମ୍ଭ ଯୋଜନା, ୧୨, ୫୦୦ ନଳକୂପ ଖନନ ହେବ; ଏଥିପାଇଁ ବ୍ୟୟବରାଦ ହୋଇଛି ୪୦୦ କୋଟି, ବନ୍ୟା ନିୟନ୍ତ୍ରଣ ପାଇଁ ୯୬୮ କୋଟି ଟଙ୍କା ବ୍ୟୟ ବରାଦ, ପାର୍ବତୀ ଗିରି ଯୋଜନା ପାଇଁ ୫ ବର୍ଷରେ ଖର୍ଚ୍ଚ ହେବ ୧୦, ୭୫୯ କୋଟି, ଚାଷୀମାନଙ୍କୁ କୃଷି ଋଣ ସୁଧ ସହାୟତା ପାଇଁ ୮୯୩ କୋଟି ବରାଦ, ମତ୍ସ୍ୟଚାଷ ଓ ପଶୁପାଳନ ପାଇଁ ୧୬୫୮ କୋଟି ବ୍ୟୟ ଅଟକଳ, ମାଛ ଚାଷ ପାଇଁ ନୂଆ ପୋଖରୀ ଯୋଜନାରେ ୯୮ କୋଟି ବ୍ୟୟ ବରାଦ, ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ୫ଏସଏଙ୍କୁ ମିଳିବ ୩୮ କୋଟି ଟଙ୍କା, ପ୍ରଶାସନିକ ରାଜସ୍ୱ ବ୍ୟୟ ବାବଦକୁ ୭୪, ୨୬୧ କୋଟି, ଦରମା ପାଇଁ ୨୯, ୨୪୮ କୋଟି; ପେନସନ୍ ପାଇଁ ୧୮, ୨୨୧ କୋଟି, ସୁଧ ଦେୟ ପାଇଁ ୮୪୬୭ କୋଟି, ସଂପତ୍ତି ରକ୍ଷଣାବେକ୍ଷଣ ପାଇଁ ୫୮୫୬ କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩୨୧୦ କୋଟି ଟଙ୍କା ଅଟକଳ, ଜନସ୍ୱାସ୍ଥ୍ୟ ପାଇଁ ୧୨, ୬୨୪ କୋଟି ଟଙ୍କା ବ୍ୟୟବରାଦ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ପାଇଁ ୨୬୬୪ କୋଟି ଟଙ୍କା ବ୍ୟୟବରାଦ, ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ୨୭, ୩୨୪ କୋଟି ବ୍ୟୟବରାଦ, ମୋ ସ୍କୁଲ ପାଇଁ ୬୪୬ କୋଟି, ସ୍କୁଲ ରୂପାନ୍ତରୀକରଣ ପାଇଁ ୧୦୦ କୋଟି, ମଧ୍ୟାହ୍ନ ଭୋଜନ ପାଇଁ ୮୫୧ କୋଟି; ବ୍ୟାଗ୍, ୟୁନିଫର୍ମ ପାଇଁ ୧୯୩ କୋଟି, ଧାର୍ମିକ ପୀଠ ବିକାଶ ପାଇଁ ୧୯୫୦ କୋଟି ବ୍ୟୟବରାଦ ଲକ୍ଷ୍ୟ, ରାସ୍ତାଘାଟ ରକ୍ଷଣାବେକ୍ଷଣ ପାଇଁ ୨୯୭୦ କୋଟି ବିନିଯୋଗ ଲକ୍ଷ୍ୟ, ବିଜୁ ଏକ୍ସପ୍ରେସ ୱେ ପାଇଁ ୩ ଶହ କୋଟିର ବ୍ୟୟବରାଦ ପ୍ରସ୍ତାବ, ବିଜୁ ସେତୁ ଯୋଜନାରେ ୨୮୧ ସେତୁ ହେବ, ଖର୍ଚ୍ଚ ହେବ ୧୬୮୮

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

### ପ୍ରଗତିଶୀଳ ଓ ବିକାଶକେନ୍ଦ୍ରିକ ବଜେଟ୍ : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର(ଏନ୍.ଏମ୍.): ବିଧାନସଭାରେ ଉପସ୍ଥାପିତ ହୋଇଥିବା ପେପରମୁକ୍ତ ପୂର୍ଣ୍ଣାଙ୍ଗ ରାଜ୍ୟ ବଜେଟ(ଗ୍ରୀନ୍ ବଜେଟ)କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରିବା ସହ ଏହା ପ୍ରଗତିଶୀଳ, ବିକାଶକେନ୍ଦ୍ରିକ ଓ ଗରିବଙ୍କ ସ୍ୱାର୍ଥରେ ବଜେଟ ବୋଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଟ୍ୱିଟ୍ କରି କହିଛନ୍ତି ଯେ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କୁ ପେନ୍ ଡ୍ରାଇଭରେ ଓଡ଼ିଶା ବଜେଟ-୨୦୨୨ ଦେଇଥିଲେ । ଯାହାକି ଓଡ଼ିଶା ସରକାରଙ୍କ 'ଗ୍ରୀନ୍ ବଜେଟ'ର ଏକ ପଦକ୍ଷେପ । ଏଭଳି ପେପରମୁକ୍ତ ବଜେଟ ଉପସ୍ଥାପନ କରି ଓଡ଼ିଶା ନିଜକୁ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିପାଦିତ କରିବ । ବଜେଟ ଉପରେ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ସୁବିଧା ସୃଷ୍ଟି, ଗୁଣାତ୍ମକ ଶିକ୍ଷା ଓ ସ୍କୁଲ ରୂପାନ୍ତରଣ, ଜୀବନ ଜୀବିକା, ମହିଳା ସଶକ୍ତିକରଣ ଓ ଭିତ୍ତିଭୂମି ବିକାଶକୁ ପ୍ରାଥମିକତା ଦିଆଯାଇଛି । ପୁଞ୍ଜି ବ୍ୟୟକୁ ୫୬ ପ୍ରତିଶତରୁ ଅଧିକ କରାଯାଇଛି, ଯାହାକି ଦ୍ରୁତ ଅଭିବୃଦ୍ଧି କରାଇବ । ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟରେ ୨ହଜାର କୋଟି ଟଙ୍କା ବରାଦ ହୋଇଛି । ଏହା ରାଜ୍ୟର ୭୦ଲକ୍ଷ ମହିଳାଙ୍କ ପାଇଁ ସରକାରଙ୍କ ଯୋଗଦାନକୁ ଆହୁରି ନିବିଡ଼ କରାଇବ । 'ବଜେଟ୍ ସ୍ଥିରୀକୃତ ପାଣ୍ଠି' ସୃଷ୍ଟି ପାଇଁ ଆମର ପଦକ୍ଷେପ ଭବିଷ୍ୟତରେ ରାଜସ୍ୱ ସମସ୍ୟାକୁ ମୁକାବିଲା କରିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

## ଶ୍ରୀକ୍ଷେତ୍ରରେ ରଥ ଟାଣିଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ



ପୁରୀ(ଏନ୍.ଏମ୍.): ବିଶ୍ୱ ପ୍ରସିଦ୍ଧ ପୁରୀ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । କରୋନା ଯୋଗୁଁ ଗତ ଦୁଇବର୍ଷ ଦରି ରଥଯାତ୍ରାରେ ଶ୍ରଦ୍ଧାଳୁ ଯୋଗ ଦେଇ ପାରିନଥିବାବେଳେ ଚଳିତ ବର୍ଷ ବେଶ ଜାକଜମକରେ ପ୍ରଭୁ ରଥରେ ବସି ମାଉସୀମା ଘର ଯାଇଛନ୍ତି । ଆଉ ଏଥି ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଶ୍ରୀକ୍ଷେତ୍ର । ଦୀର୍ଘ ଦୁଇ ବର୍ଷ ପରେ ବଡ଼ଦାଣ୍ଡରେ ହେଉଛି ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ହୋଇଯାଇଛି । ଦୁଇ ବର୍ଷ ପରେ ରଥଯାତ୍ରା ଦେଖିବାକୁ ଭକ୍ତଙ୍କୁ ଅନୁମତି ମିଳିଥିବାରୁ ବଡ଼ଦାଣ୍ଡ ଜନସମୁଦ୍ରରେ ପରିଣତ ହୋଇଛି । ତେବେ ଶ୍ରୀଗୁଣ୍ଡିଚା ଯାତ୍ରା ଅବସରରେ

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ରଥଯାତ୍ରା ଭିଡ଼ରେ ୯୬ ଅଚେତ, ନଡ଼ିଆ ମାଡ଼ରେ ମହିଳା ପୁଲିସ ରକ୍ତାକ୍ତ

ପୁରୀ(ଏନ୍.ଏମ୍.): ପୁରୀ ବଡ଼ଦାଣ୍ଡ ଜନସମୁଦ୍ର ପାଲଟିଛି । ସଭିଙ୍କ ମନରେ ରଥଯାତ୍ରା ଦେଖିବାର ଉତ୍କଣ୍ଠା । ମହାପ୍ରଭୁମାନଙ୍କ ଟିକିଏ ଝଲକ ପାଇବାକୁ ଓ ରଥ ଦଉଡ଼ି ପର୍ଯ୍ୟନ୍ତ ପହଞ୍ଚି ରଥ ଭିଡ଼ିବାକୁ ସମସ୍ତ ଶ୍ରଦ୍ଧାଳୁଙ୍କ ଭିତରେ ଠେଲାପେଲା । ଏହି ପ୍ରବଳ ଗହଳି ଭିତରେ ଗୁଳୁଗୁଳି ସହି ନ ପାରି ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଅଂଶୁଘାତର ଶିକାର ହୋଇଛନ୍ତି । ଅପରାହ୍ନ ସାଢ଼େ ୧ଟା ସୁଦ୍ଧା ପ୍ରାୟ ୯୬ ଜଣ ଶ୍ରଦ୍ଧାଳୁ ଅଚେତ ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରାଯିବା ପରେ ଆମ୍ବୁଲାନ୍ସ ଯୋଗେ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ବଳଭଦ୍ରଙ୍କ ରଥ ଟାଣିବା ବେଳେ ଜଣେ ଆହତ ହୋଇଛନ୍ତି । ସେ ବ୍ରହ୍ମପୁର ଭଞ୍ଜନଗର ଅଞ୍ଚଳର ୬୫ ବର୍ଷୀୟ ଜୟରାମ ଶତପଥୀ ବୋଲି ଜଣାପଡ଼ିଛି । ସେହିପରି ନଡ଼ିଆ ମାଡ଼ରେ ରାପିଡ଼ି ଆକ୍ସନ ଫୋର୍ସର ଜଣେ ମହିଳା କର୍ମଚାରୀ ଆହତ ହୋଇଛନ୍ତି । ତାଙ୍କ ମୁଣ୍ଡରେ ନଡ଼ିଆ ବାଜି ଥିବାରୁ ସେ ରକ୍ତାକ୍ତ ହୋଇଛନ୍ତି । ତାଙ୍କ ନାମ ଏଏର୍ ସୁମତି ଦେବି । ସେହିପରି ପ୍ରାୟ ୧୦ଜଣ ଯାତ୍ରୀ ସମୁଦ୍ର ସ୍ନାନ ବେଳେ ଲହଡ଼ା ମାଡ଼ରେ ଆହତ ହୋଇ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି ।

## ବାଘ ଛାଲ କିଣିବା ବାହାନାରେ ଆସି ଅଭିଯୁକ୍ତକୁ ମାଡ଼ିବସିଲେ ବନବିଭାଗ କର୍ମଚାରୀ



ଉମରକୋଟ(ଏନ୍.ଏମ୍.): ଗ୍ରାହକ ସାଜି ବାଘ ଛାଲ କିଣିବାକୁ ମୁଲଚାଲ କଲେ । ଡିଲ୍ ଫାଇନାଲ୍ ହେଲା ବେଳକୁ ମାଡ଼ି ବସିଲେ ବନ କର୍ମଚାରୀ । ଏପରି ଘଟଣା ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ରେ ଘଟିଛି । ଉମରକୋଟ ବ୍ଲକ୍ ଅନ୍ତର୍ଗତ ସେମଲା ଛକ ନିକଟରୁ ଏକ ବାଘ ଛାଲ ଜବତ ସହ ଜଣକୁ ଗିରଫ କରିବାରେ ସଫଳ ହୋଇଛି ଉମରକୋଟ ବନ ବିଭାଗ । ଗିରଫଦଜଣକ ହେଉଛନ୍ତି ଝରିଗାଁ ଥାନା ବେଲଗାଁ ଗ୍ରାମର ଅନନ୍ତ ପନକା । ଗତକାଲି ଅନନ୍ତ ପନକା ରାଇଘର ବ୍ଲକ୍ କେରିପଦର ଅଞ୍ଚଳରୁ ଏକ କଲରାପତିଆ ବାଘ ଛାଲ ବିକ୍ରି କରିବାକୁ ସେମଲା ଛକ ନିକଟକୁ ଆସିଥିଲେ । ଏନେଇ ଉମରକୋଟ ବନ ବିଭାଗ କର୍ମଚାରୀ ବିଶେଷ ସୂତ୍ରରୁ ଖବର ପାଇଥିଲେ । ଏହାପରେ ଉମରକୋଟ ବନାଞ୍ଚଳ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବାଘ ଛାଲ ରାକେଟକୁ ଧରିବା ପାଇଁ ବ୍ଲୁ ପ୍ରିଣ୍ଟ ତିଆରି ହୋଇଥିଲା ।

ପ୍ରଥମେ କିଛି ବନ କର୍ମଚାରୀ ଗ୍ରାହକ ସାଜି ବନ କର୍ମଚାରୀ ବାଘ ଛାଲ କିଣିବାକୁ ଅନନ୍ତଙ୍କ ନିକଟକୁ ଯାଇଥିଲେ । ଆଉ କିଛି ଚାରିପଟେ ଲୁଚି ରହିଥିଲେ । ସେଠାରେ ଉଭୟ ପକ୍ଷ ମଧ୍ୟରେ ମୁଲଚାଲ ହେବା ପରେ ଡିଲ୍ ଫାଇନାଲ ହୋଇଥିଲା । ଏହାପରେ ଅନନ୍ତ ବାଘ ଛାଲକୁ ବନ କର୍ମଚାରୀଙ୍କୁ ଦେବା ବେଳକୁ ତାଙ୍କୁ ମାଡ଼ି ବସିଲେ ବନ କର୍ମଚାରୀ । ଏହି ଘଟଣାରେ ଅନନ୍ତଙ୍କୁ ଗିରଫ ସହ ବାଘ ଛାଲ ଜବତ କରାଯାଇଛି । ଏହି ବାଘ ଛାଲକୁ ଅନନ୍ତ ଛତିଶଗଡ଼ରୁ ଓଡିଶା ବିକ୍ରି ପାଇଁ ଆଣିଥିବା ଉମରକୋଟ ରେଞ୍ଜର ପୂର୍ଣ୍ଣ ଚନ୍ଦ୍ର ନାୟକ କହିଛନ୍ତି ।

## ରାଜ୍ୟସ୍ତରୀୟ ତାଇକୋଣ୍ଡୋ ରେଫରୀ କର୍ମଶାଳା

କଟକ(ଏନ୍.ଏମ୍.): କଟକ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସଠାରେ ଦୁଇ ଦିନ ଧରି ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ ଏବଂ ଓଡ଼ିଶା ତାଇକୋଣ୍ଡୋ ଟ୍ରେନିଂ ସେଣ୍ଟର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ରେଫରୀ କୋର୍ସ ଓ ରିଫ୍ରେସର କୋର୍ସ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା ଅନ୍ତର୍ଜାତୀୟ ତାଇକୋଣ୍ଡୋ ଗ୍ରାଣ୍ଡ ମାଷ୍ଟର କ୍ଲାସ ଓ୍ୱାନ ରେଫରୀ ତଥା ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍ ସମ୍ପାଦକ ଗୋପାଳ ଚନ୍ଦ୍ର ରାୟଙ୍କ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ଜିଲ୍ଲାର ପ୍ରତିଭାବାନ ବ୍ଲାକ ବେଲ୍ଟ କ୍ରୀଡ଼ାବିତ ଯୋଗ ଦେଇ ତାଇକୋଣ୍ଡୋ ଖେଳର ନୂତନ ନିୟମ ଓ ପ୍ରତିଯୋଗିତାର ପରିଚାଳନାର ନିୟମଗୁଡିକ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ । ଏହି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଜୁନରେ ଜିଏସଟି ଆଦାୟ ୫୬% ବଢ଼ିଲା, ସଂଗ୍ରହ ହେଲା ୧.୪୪ ଲକ୍ଷ କୋଟି ଟଙ୍କା




ନୂଆଦିଲ୍ଲୀ(ଏଜେନ୍ସି): ଜୁନ୍ ମାସରେ ଜିଏସ୍ଟି ସଂଗ୍ରହ ରେକର୍ଡ କରିଛି । ଗତବର୍ଷ ଜୁନ ତୁଳନାରେ ଚଳିତ ବର୍ଷ ଜୁନରେ ଜିଏସ୍ଟି ସଂଗ୍ରହ ୫୬% ଅଧିକ ହୋଇଛି । ଜୁନ୍ ମାସରେ ସମଗ୍ର ଦେଶରୁ ୧,୪୪,୬୧୬ କୋଟି ଟଙ୍କାର ଜିଏସ୍ଟି ସଂଗ୍ରହ ହୋଇଛି । ଦେଶରେ ଚାଲିଥିବା ଟିକସ ଠକେଇ ଓ ନକଲି ବିଲ୍ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରୁ ଜିଏସ୍ଟି ସଂଗ୍ରହ ବୃଦ୍ଧି ପାଇଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି । ୨୦୨୧ ଜୁନ୍ ମାସରେ ୯୨,୮୦୦ କୋଟି ଟଙ୍କାର ଜିଏସ୍ଟି ସଂଗ୍ରହ ହୋଇଥିଲା । ହେଲେ ବର୍ଷକ ଭିତରେ ଏହାର ପରିମାଣ ୫୬% ବୃଦ୍ଧି ପାଇଛି ।

ଚଳିତ ବର୍ଷ ଜୁନରେ ସଂଗ୍ରହ ହୋଇଥିବା ଜିଏସ୍ଟି ଦ୍ୱିତୀୟ ସର୍ବାଧିକ । ୨୦୨୨ ଏପ୍ରିଲରେ ସର୍ବାଧିକ ୧,୬୭,୫୪୦ କୋଟି ଟଙ୍କାର ଜିଏସଟି ଆଦାୟ ହୋଇଥିଲା । ସେହିପରି ୫ମଥର ପାଇଁ ଗୋଟିଏ ମାସରେ ଜିଏସ୍ଟି ସଂଗ୍ରହ ୧.୪୦ ଲକ୍ଷ କୋଟି ଟଙ୍କା ଉପରେ ରହିଛି । ଚଳିତ ବର୍ଷ ହିଁ ୪ର୍ଥ ଥର ପାଇଁ ୧.୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ଜିଏସଟି ସଂଗ୍ରହ ହୋଇଛି । ଅର୍ଥ ମନ୍ତ୍ରଣାଳୟ ଜାରି କରିଥିବା ରିପୋର୍ଟକୁ ସ୍ପଷ୍ଟ ହୋଇଛି ଯେ ଚଳିତ ବର୍ଷ ଜୁନ ମାସରେ ମୋଟ ୧,୪୪,୬୧୬ କୋଟି ଟଙ୍କାର ଜିଏସ୍ଟି ରାଜସ୍ୱ ଆସିଛି । ଏହା ମଧ୍ୟରେ କେନ୍ଦ୍ରୀୟ ଜିଏସଟିର ପରିମାଣ ୨୫,୩୦୬ କୋଟି ଓ ରାଜ୍ୟ ଜିଏସଟିର ପରିମାଣ ୩୨,୪୦୬ କୋଟି । ସେହିପରି ଆଇଜିଏସଟିର ପରିମାଣ ୭୫,୮୮୭ କୋଟି ଟଙ୍କା । ଏହା ମଧ୍ୟରେ ଆମଦାନୀ ଜିଏସଟିର ପରିମାଣ ୪୦,୧୦୨ କୋଟି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

## ଅନ୍ଧାରୀ ମୁଲକରେ ଆଶାର କିରଣ ଆଶା

## ସେବା ଯୋଗାଇବାକୁ ନିଜେ ଡଙ୍ଗା ଚଳାଇ ଧାଇଁ ଯାଆନ୍ତି ବୃନ୍ଦା



ଜୟପୁର (ଏନ୍.ଏମ୍.): ଜଳ ଭଣ୍ଡାରରେ ଅକାତ କାତ ପାଣି । ନୀଳ ଜଳ ରାଶିରେ ଏକୁଆଟିଆ ଆହୁଲା ମାରି ଆଗକୁ ମାଡ଼ି ଯାଉଛନ୍ତି ଆଶା ଦିଦି ବୃନ୍ଦା ଖଲ । ବାମ ହାତ ଥକିଗଲେ ସେ ଡାହାଣ ହାତରେ ଆହୁଲା ମାରୁଛନ୍ତି । ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ କର୍ତ୍ତବ୍ୟ ପାଇଁ ସେ ଏମିତି ଜଳାପୁଟ୍ ନଦୀକୁ ଅତିକ୍ରମ କରି ଯାଆନ୍ତି ଆର ପାଖ ଗାଁକୁ । ଆଉ ସେଠାରୁ ପୋଲିଓ ଔଷଧ ଧରି ଗାଁକୁ ଫେରନ୍ତି । ଗାଁରେ ଛୋଟ ଛୋଟ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆନ୍ତି । କେବଳ ପଲ୍ସ ପୋଲିଓ ନୁହେଁ, ସରକାରଙ୍କ ସବୁ କାମରେ ସେ ନିଜକୁ ଏମିତି ସାମିଲ କରିଥାଆନ୍ତି । ଏମିତି ଚିତ୍ର ଆସିଛି କୋରାପୁଟ୍ ଜିଲ୍ଲା ନନ୍ଦପୁର ବ୍ଲକ ଅଞ୍ଚଳରୁ । ପୁରା ଘଟଣାଟି ଏମିତି । ଜଳାପୁଟ୍ ଜଳ ଭଣ୍ଡାରରେ ଭିତରେ ରହିଛି ସାବୁନ, ଉପରସାବୁନ ଓ ଲାମାଣ୍ଡୁର ଗାଁ । ଏଠାରେ ୩୦୦ରୁ ଅଧିକ ଲୋକ ବାସ କରନ୍ତି । ଏମାନେ ସାଧାରଣତଃ ଚାଷ ବାସ କରି ପରିବାର ଭରଣ ପୋଷଣ କରନ୍ତି । ଦେଶ ସ୍ୱାଧୀନତା ହେବାର ଏବେ ବର୍ଷ ପରେ ମଧ୍ୟ ଗାଁକୁ ଯିବା ପାଇଁ ରାସ୍ତା ଖଣ୍ଡିଏ ନାହିଁ । ଲୋକମାନଙ୍କର ଏକମାତ୍ର ଭରସା ହେଉଛି ଦେଶୀ ଡଙ୍ଗା । ଗାଁ ଲୋକମାନେ ନିଜ ହାତରେ ଡଙ୍ଗା ବାହି ଜଳଭଣ୍ଡାର ପାର ହୋଇଥାଆନ୍ତି । ୨୦ ମିନିଟ୍ର ଜଳ ଯାତ୍ରା ପରେ ଲୋକେ ଅରଗଣ୍ଡାରେ ପହଞ୍ଚିଥାଆନ୍ତି । ସେଠାରୁ କାମ ଅନ୍ୱେଷଣରେ ଅନ୍ୟ ଗାଁକୁ ଯାଇଥାଆନ୍ତି ଲୋକେ । ହେଲେ ସଞ୍ଜ ନଇଁବା ପୂର୍ବରୁ ଘାଟକୁ ଫେରି ଆସନ୍ତି । ସେଠାରୁ ନିଜ ହାତରେ ଆହୁଲା ମାରି ଗାଁକୁ ଫେରନ୍ତି । ଇଏ ତାଙ୍କର ନିତି ଦିନିଆ ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ । ବିକାଶର କଥାକୁ ନେଇ ସରକାରଙ୍କ କାହିଁ କେତେ ଚିତ୍କାର କରୁଛନ୍ତି । ପୂଳା ପୂଳା ପ୍ରତିଶ୍ରୁତି ସାଙ୍ଗକୁ ଗାଁରୁ ସହର ସବୁଠି ବିକାଶର ଲମ୍ବା ତାଲିକା ଦେଉଛନ୍ତି ରାଜ୍ୟ ସରକାର । ହେଲେ ଦେଶ ସ୍ୱାଧୀନତାର ଏତେ ବର୍ଷ ପରେ ଏହି ତିନୋଟି ଗାଁକୁ ଗମନାଗମନର ସୁବିଧା ନଥିବା ବେଳେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥା କଥା ନକହିବା ଭଲ । ଗାଁରେ ଅଙ୍ଗନବାଡିଟିଏ ମଧ୍ୟ ନାହିଁ । ସ୍କୁଲକୁ ଯିବାକୁ ହେଲେ ଡଙ୍ଗାରେ ନଦୀ ପାର ହୋ ନିକଟସ୍ଥ ଜବାଗୁଡା ସ୍କୁଲକୁ ପିଲାମାନଙ୍କୁ ଯିବାକୁ ପଡୁଛି । ସବୁଠାରୁ ଦୁର୍ଭାଗ୍ୟ କଥା ହେଉଛି, ଜଳାପୁଟ ଜଳଭଣ୍ଡାରରୁ ବିଦ୍ୟୁତ ଉତ୍ପାଦନ ହେଉଥିଲେ ମଧ୍ୟ ଜଳାପୁଟ ଜଳଭଣ୍ଡାର ଜଳ ଘେରିରେ ରହୁଥିବା ଗାଁରେ ଏଯାଏ ବିଦ୍ୟୁତ ସଂଯୋଗ ପାଇନାହାନ୍ତି । ସୋଲାର ଲାଇଟ ଯୋଗାଇ ଦେ କାମ ସାରିଦେଇଛି ପ୍ରଶାସନ । ଯାହାବି ଠିକରେ କାମ କରୁନଥିବା ଅଭିଯୋଗ ହୋଇଛି ।

## ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହେବାର ଦିନକ ପରେ ଶରଦ ପାୱାରଙ୍କୁ ଆୟକର ନୋଟିସ୍



ମୁମ୍ବାଇ (ଏଜେନ୍ସି): ବିଜେପି ସହ ମିଶି ଶିବସେନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେ ଶାସନ କ୍ଷମତା ଅକ୍ତିଆର କରିବାର ଗୋଟିଏ ଦିନ ପରେ ବିରୋଧୀ ଏନସିପି ମୁଖ୍ୟ ଶରଦ ପାୱାରଙ୍କୁ ଝଟ୍କା । ନିର୍ବାଚନେ ସତ୍ୟପାଠ ମାମଲା ସମ୍ପର୍କିତ ଶରଦ ପାୱାରଙ୍କୁ ହୋଇଛି ଆୟକର ନୋଟିସ । ଲୋକସଭା ନିର୍ବାଚନ ତଥା ୨୦୦୪, ୨୦୦୯, ୨୦୧୪ ଏବଂ ୨୦୨୯ରେ ହୋଇଥିବା ସାଧାରଣ ନିର୍ବାଚନରେ ଶରଦ ପାୱାର ଦାଖଲ କରିଥିବା ସତ୍ୟପାଠରେ ତଥ୍ୟ ସମ୍ପର୍କିତ ପାୱାରଙ୍କୁ ନୋଟିସ ହୋଇଛି । ଏଥିରେ ପ୍ରତିକ୍ରିୟା ରଖି

ଅବଶିଷ୍ଟାଂଶ ୭ ପୃଷ୍ଠାରେ ►

# ନୂଆ ଲୁକରେ ଆସୁଛନ୍ତି ସବ୍ୟସାଚୀ ମିଶ୍ର



**ଭୁବନେଶ୍ୱର(ଏନ୍.ଏମ୍.):** ବେଳାଭୂମିର କୋଳରେ ଠିଆ ହୋଇଛି ଭଙ୍ଗା ଦଦରା ଟିଣ ଛପର ଘରଟିଏ। ଆଉ ତା’ରି ଛାଇ ତଳେ ନିଘୋଡ଼ ନିଦରେ ଶୋଇଛନ୍ତି ଜଣେ ଯୁବକ। ରୂପ ଦେଖିଲେ ଲାଗିଛି ସେ କୌଣସି ପାଗଳ ବା ପାଗଳ ପ୍ରେମୀ ହୋଇଥିବେ। ନାଇଁ ଆଜ୍ଞା ସେମିତି ଭାବିବା ଭୁଲ୍। ସେ କୌଣସି ପାଗଳ ନୁହଁନ୍ତି, ସେ ହେଉଛନ୍ତି ପାଗଳ ପ୍ରେମୀ...। ଓଲିଉଡ୍ର ଚକ୍ଲେଟ୍ ବୟ ସବ୍ୟସାଚୀ ମିଶ୍ର। ନିର୍ମାଣ ଚାଲିଥିବା ନୂଆ ଓଡ଼ିଆ ଫିଲ୍ମରେ ସେ ଏହି ଗେଟ୍ଅପରେ ଆସୁଛନ୍ତି। ସବ୍ୟ ନିଜେ ଏନେଇ ଟ୍ୱିଟରରେ ସେୟାର କରିଛନ୍ତି। ଓଡ଼ିଶାର ଲୋକପ୍ରିୟ ଔପନ୍ୟାସିକ ଶଙ୍କର ତ୍ରିପାଠୀଙ୍କ ପୁସ୍ତକ “ନାଦ ବିନ୍ଦୁ” ଉପନ୍ୟାସକୁ ନେଇ ଓଡ଼ିଆ ଫିଲ୍ମ ତିଆରି ହେଉଛି। ଫିଲ୍ମର ନାଁ ରହିଛି “ପୁଷ୍କରା”। ଏଥିରେ “ନୀଳକଣ୍ଠ” ଚରିତ୍ରରେ ଅଭିନୟ କରୁଛନ୍ତି ସବ୍ୟ। ତରଙ୍ଗ ସିନେ ପ୍ରଡକ୍ସନ୍ ଦ୍ୱାରା ପ୍ରସ୍ତୁତ ଏହି ଫିଲ୍ମର ପ୍ରଥମ ଭାଗ ସୁଟିଂ ଶେଷ ହୋଇଛି। ଅଗଷ୍ଟ ମାସରେ ଦ୍ୱିତୀୟ ପର୍ଯ୍ୟାୟ ସୁଟିଂ ଆରମ୍ଭ ହେବ ବୋଲି ସବ୍ୟ ଟ୍ୱିଟ୍ରରେ ଲେଖିଛନ୍ତି। ଏଥିପାଇଁ ସେ ସମସ୍ତଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି।

# ‘ଓସ୍କାର’ ପ୍ୟାନେଲରେ ସାମିଲ ହେବେ କାଜୋଲ-ସୂର୍ଯ୍ୟା



**ମୁମ୍ବାଇ(ଏଜେନ୍ସି):** ଭାରତ ସମେତ ଅନେକ ଦେଶ ପ୍ରତିବର୍ଷ ଏକାଡେମୀ ପୁରସ୍କାର ପାଇଁ ଅପେକ୍ଷା କରି ରହିଥାଏ। ଏହି ଓସ୍କାର ଆୱାର୍ଡ ଉପରେ ସାରା ବିଶ୍ୱର ନଜର ଥାଏ। ଏଭଳି ସ୍ଥିତିରେ ଭରତୀୟ ସିନେମା ଜଗତ ପାଇଁ ଏକ ବଡ ଖବର ସାମ୍ନାକୁ ଆସିଛି। ଏବେ ବଲିଉଡ ଅଭିନେତ୍ରୀ କାଜୋଲ ଓସ୍କାର ପ୍ୟାନେଲରେ ସାମିଲ ହେବେ। ଏଥିପାଇଁ ତାଙ୍କୁ ଆମନ୍ତ୍ରିତ କରାଯାଇଛି। ପୂର୍ବରୁ ଏହି ପ୍ୟାନେଲରେ ଆମୀର ଖାନ୍, ଅମିତାଭ ବଚ୍ଚନ, ଶାହାରୁଖ ଖାନ୍, ବିଦ୍ୟା ବାଲନ ଓ ସଲମାନ ଖାନ୍ ସାମିଲ ହୋଇସାରିଛନ୍ତି। ଅଭିନେତ୍ରୀ କାଜୋଲଙ୍କୁ ମଙ୍ଗଳବାର ଦ ଏକାଡେମି ଅଫ୍ ମୋଶନ ପିକଚର ଆର୍ଟସ ଆଣ୍ଡ ସାଇନସେଜ ପକ୍ଷରୁ ଜାରି କରାଯାଇଥିବା ୨୦୨୨ର କ୍ୟାଟେଗୋରୀ ପାଇଁ ଅତିଥି ତାଲିକାରେ ନୋମିନେଟ୍ କରାଯାଇଛି। ତେବେ କେବଳ କାଜୋଲଙ୍କ ବ୍ୟତୀତ ସାଉଥ ଫିଲ୍ମ ଅଭିନେତା ସୂର୍ଯ୍ୟାଙ୍କୁ ମଧ୍ୟ ଆମନ୍ତ୍ରିତ କରାଯାଇଛି। ସୂର୍ଯ୍ୟା ଏଭଳି ଜଣେ ପ୍ରଥମ ସାଉଥ ଅଭିନେତା ଯାହାକୁ ଓସ୍କାର ପ୍ୟାନେଲରେ ସାମିଲ ହେବାକୁ ଡକାଯାଇଛି। ଚଳିତ ବର୍ଷ ୩୯୭ ଅତିଥିଙ୍କୁ ଆମନ୍ତ୍ରିତ କରାଯାଇଛି। କାଜୋଲ ଓ ସୂର୍ଯ୍ୟାଙ୍କ ବ୍ୟତୀତ ଫିଲ୍ମ ନିର୍ମାତା ସୁଷ୍ମିତ ଘୋଷ, ରିଣ୍ଟୁ ଥମସ ଓ ରିମା କାଗତିଙ୍କ ନାଁ ମଧ୍ୟ ଏଥିରେ ସାମିଲ ଅଛି। ଯଦି କାଜୋଲ ଏହି ନିମନ୍ତ୍ରଣକୁ ସ୍ୱୀକାର କରନ୍ତି ତେବେ ସେ ଆସନ୍ତାବର୍ଷ ୯୫ତମ ଏକାଡେମୀ ପୁରସ୍କାର ପାଇଁ ଭୋଟ ଦେବାଲାଗି ଯୋଗ୍ୟ ହେବେ। ସେପଟେ କାଜୋଲଙ୍କ ତରଫରୁ ଏନେଇ କୌଣସି ପ୍ରତିକ୍ରିୟା ମିଳିନି। ଅଭିନେତା ଅଜୟ ଦେବଗନ ଟ୍ୱିଟ୍ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏକାଡେମୀ ତାର ୱେବସାଇଟରେ ଶେୟାର କରିଥିବା ଏକ ବିବୃତି ଅନୁଯାୟୀ, ଏହି ତାଲିକାରେ ସିନେମା ଜଗତରେ ପ୍ରଶଂସନୀୟ ଅବଦାନ ରଖିଥିବା କଳାକାର ଏବଂ ନିର୍ମାତା-ନିର୍ଦ୍ଦେଶକଙ୍କ ନାମ ସାମିଲ ଅଛି। ସଦସ୍ୟତା ଚୟନ ବୃତ୍ତିଗତ ଯୋଗ୍ୟତା ଉପରେ ଆଧାରିତ। ଏକାଡେମୀର ବୟାନ ଅନୁଯାୟୀ, ୨୦୨୨ ଓସ୍କାର ଆୱାର୍ଡ ପ୍ୟାନେଲରେ ସଦସ୍ୟତା ଭାବେ ଯୋଗଦେବାକୁ ଆମନ୍ତ୍ରିତ ହୋଇଥିବା ଲୋକଙ୍କ ମଧ୍ୟରୁ ୪୪ ପ୍ରତିଶତ ମହିଳା ଅଛନ୍ତି।

# ରଣବୀର-ଆଲିଆଙ୍କ ଫ୍ୟାନ୍ସଙ୍କ ପାଇଁ ଖୁସି ଖବର, ନଭେମ୍ବରରେ ପ୍ରଥମ ସନ୍ତାନର ମା’ ହେବେ ଆଲିଆ



**ମୁମ୍ବାଇ (ଏଜେନ୍ସି):** ରଣବୀର-ଆଲିଆଙ୍କ ଫ୍ୟାନ୍ସଙ୍କ ପାଇଁ ଏବେ ଆସିଛି ଖୁସି ଖବର। ଯାହାକୁ ନେଇ ଉଭୟରେ ବେଶ ଖୁସି ରହିଛନ୍ତି। ଗତ ଏପ୍ରିଲରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଏହି ହଟ୍ ଯୋଡି ଖୁବ୍ ଶିଘ୍ର ବାପା-ମା ହେବାକୁ ଯାଉଛନ୍ତି। ଆସନ୍ତା ନଭେମ୍ବର ମାସରେ ଆଲିଆ ଭଟ୍ଟ ଏବଂ ରଣବୀର କପୁର ପ୍ରଥମ ସନ୍ତାନର ପିତାମାତା ହେବେ ବୋଲି ଜଣାପଡିଛି। ଆଲିଆ ମଧ୍ୟ ଡାକ୍ତରଖାନା ବେଡ୍ରେ ଶୋଇ ‘ଅଲଟ୍ରାସାଉଣ୍ଡ୍’ କରାଉଥିବା ବେଳର ଫଟୋ ସହିତ ସାମାଜିକ ଗଣମାଧ୍ୟମ ‘ଇନ୍ଷ୍ଟାଗ୍ରାମ୍’ରେ ସେୟାର୍ କରିଛନ୍ତି। ତେବେ ‘ଇନ୍ଷ୍ଟାଗ୍ରାମ୍’ରେ ସେୟାର୍ ହୋଇଥିବା ଫଟୋରେ ଦେଖାଯାଉଛି ଆଲିଆଙ୍କର ଅଲଟ୍ରାସାଉଣ୍ଡ୍ ଚାଲିଥିବା ବେଳେ ରଣବୀର କପୁର ତାଙ୍କ ପାଖରେ ବସି ଦେଖୁଛନ୍ତି। ଫଟୋ ପରିଚୟୋକ୍ତିରେ ଆଲିଆ ଲେଖିଛନ୍ତି: ଆମ ପିଲା ଖୁବ୍ ଶୀଘ୍ର ଆସୁଛି। ତେଣୁ ଆଲିଆଙ୍କ ସୋସିଆଲ ଗଣମାଧ୍ୟମରେ ଏ ବିଷୟରେ ସୂଚନା ପାଇବା ପରେ ଫ୍ୟାନ୍ସଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ ଯେ, ଦୀର୍ଘ ଦିନ ହେବ ଆଲିଆ ଓ ରଣବୀରଙ୍କ ବିବାହକୁ ନେଇ ଚର୍ଚ୍ଚା ହେଉଥିଲା। ଶେଷରେ ଏହି ଚର୍ଚ୍ଚା ଉପରେ ଏବେ ପୂର୍ଣ୍ଣ ଛେଦ ପକାଇ ଗତ ଏପ୍ରିଲ ୧୪ ତାରିଖରେ ଏହି ହଟ୍ ଯୋଡି ବିବାହ ବନ୍ଧନରେ ଛନ୍ଦି ହୋଇଥିଲେ। ଏବେ ବିବାହର ୩ ମାସ ପରେ ଏହି ଯୋଡି ତାଙ୍କ ଫ୍ୟାନ୍ସଙ୍କୁ ଆଉ ଏକ ଖୁସି ଖବର ଦେଇଛନ୍ତି।

# ପୁଣି ‘ଜ୍ୟାକ୍ ସ୍ପେରୋ’ ସାଜିବେ ଜନି ଡେପ୍, ମିଳିଲା ୨,୫୩୫ କୋଟି ଟଙ୍କାର ଅଫର୍



**ଲସ୍ ଏଞ୍ଜେଲିସ (ଏଜେନ୍ସି):** ହଲିଉଡର ଜଣାଶୁଣା ଅଭିନେତା ଜନି ଡେପ୍। ସେ ଗଲା କିଛି ଦିନ ହେବ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ପୂର୍ବତନ ପତ୍ନୀ ଅମ୍ବର ହାର୍ଡ ଆଣିଥିବା ମାନହାନୀ ମକଦ୍ଦମାରେ ଜନି ଡେପ୍ ଜିତିବା ପରେ ଏବେ ସେ ପୁଣି ଥରେ ପରଦାକୁ କମ୍ବ୍ୟାକ୍ କରିବାକୁ ଯୋଜନା କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜନି ଡେପ୍ ପୁଣି ଥରେ ଜ୍ୟାକ୍ ସ୍ପେରୋ ଚରିତ୍ରରେ ନଜର ଆସିବେ। ଏଥିପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଡିଜନୀ ଜନି ଡେପ୍ଙ୍କ ନିକଟକୁ ଏକ କ୍ଷମା ପତ୍ର ପଠାଇଛି। ଏଥିସହ ହଲିଉଡର ସୁପର ହିଟ୍ ଫିଲ୍ମ ‘ପାଇରେଟେସ୍ ଅଫ ଦ କ୍ୟାରିବିୟାନ’ର ଜ୍ୟାକ୍ ସ୍ପେରୋ ଚରିତ୍ରରେ ଅଭିନୟ ପାଇଁ ୨୫୩୫ କୋଟି ଟଙ୍କା ଅଫର କରିଛି। ହଲିଉଡର ଏହି ସୁପରହିଟ୍ ଫିଲ୍ମର ପାଞ୍ଚଟି ଭାଗରେ ଜନି ଡେପ୍ କ୍ୟାପଟେନ୍ ଜ୍ୟାକ ସ୍ପେରୋ ଚରିତ୍ରରେ ଅଭିୟନ କରି ସାରିଛନ୍ତି। ମିଡିଆ ରିପୋର୍ଟ ମୁତାବକ, ଡିଜନୀ ତାଙ୍କ ନିକଟକୁ ଏକ ଉପହାର ସହିତ ପତ୍ର ମଧ୍ୟ ପଠାଇଛନ୍ତି। ଡିଜନୀ ଷ୍ଟୁଡିଓ ଜ୍ୟାକ ସ୍ପେରୋଙ୍କୁ ନେଇ ଡ୍ରାଫ୍ଟ ମଧ୍ୟ ପ୍ରସ୍ତୁତ କରିଛି। ଜନିଙ୍କୁ ଜ୍ୟାକ୍ ସ୍ପେରୋ ଚରିତ୍ରରେ ଅଭିନୟ ପାଇଁ ୨,୫୩୫ କୋଟି ଟଙ୍କା ଅଫର ଦିଆଯାଇଛି। ଜନିଙ୍କ ଜଣେ ନିକଟତର ବନ୍ଧୁଙ୍କ କହିବା ମୁତାବକ, ଆଶା କରୁଛୁ ଜନି ଡେପ୍ ନିର୍ମାତା ସଂସ୍ଥାକୁ କ୍ଷମା କରିଦେବେ। ହେବ ଯଦି ଜନି ଡେପ୍ କ୍ୟାପଟେନ୍ ଜ୍ୟାକ୍ସ ସ୍ପେରୋ ଭୂମିକାରେ ନଜର ଆସିବେ ତେବେ ନିଶ୍ଚିତ ରୂପେ ପ୍ରଶଂସକଙ୍କ ପାଇଁ ଏହା ବଡ ଖବର। ଅନ୍ୟପଟେ କିନ୍ତୁ ଜନି ଡେପ୍ କିମ୍ବା ତାଙ୍କ ଟିମ୍ଙ୍କ ତରଫରୁ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ବ୍ୟକ୍ତିଗତ ବିବାଦ ଯୋଗୁ ଗତ କିଛି ବର୍ଷ ହେଲେ ଜନି ଡେପଙ୍କ ହାତରୁ ଅନେକ ଫିଲ୍ମ ଛଡାଇ ନିଆଯାଇଥିଲା। ଏପରିକି ଫାଣ୍ଟାଷ୍ଟିକ ବିଷ୍ଟ ୩ ଏବଂ ପାଇରେଟ୍ସ ଅଫ ଦ କ୍ୟାରିବିୟାନ ପରି ଫିଲ୍ମ ମଧ୍ୟ ତାଙ୍କ ହାତରୁ ଛଡାଇ ନିଆଯାଇଥିଲା। ଏଥିସହ ଆଉ କେବେ ବି ଜ୍ୟାକ୍ ସ୍ପେରୋ ଭୂମିକାରେ ଅଭିନୟ କରିବେ ନାହିଁ ବୋଲି ନିକଟରେ ଜନି ଡେପ୍ ଘୋଷଣା ମଧ୍ୟ କରିଥିଲେ।

## ଏ ସପ୍ତାହର ଭାଗ୍ୟବିଚାର

**ମେଷ:** ସୋମବାର: ଜୀବନସାଥୀଙ୍କର ପ୍ରେମ ଓ ସୁଖ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟୀଙ୍କ ଲାଗି ସମୟ ଉତ୍ତମ। ଶୁକ୍ର ଓ ଶନିବାର: ଶିକ୍ଷକଙ୍କର ସହଯୋଗ ପାଇବେ। ରବିବାର ପାରିବାରିକ ସୁଖ ମିଳିବ।

**ବୃଷ:** ସୋମବାର: ପୂର୍ବରୁ କରି ଆସୁଥିବା କାମରେ ଲାଭ ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ବ୍ୟବସାୟ ଉପରେ ବିରୋଧୀଙ୍କର ନଜର ରହିବ। ଶୁକ୍ର ଓ ଶନିବାର: ଘରର ପରିବେଶ ଭଲ ରହିବ। ରବିବାର: ଲାଭବାନ ହେବେ।

**ମିଥୁନ:** ସେମାବାର: ମହତ୍ତ୍ୱପୂର୍ଣ୍ଣ ଲୋକଙ୍କ ସାକ୍ଷାତ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: କିଛି ନୂଆ କରି ଦେଖାଇବାର ଇଚ୍ଛା ଜାଗିବ। ଶୁକ୍ର ଓ ଶନିବାର: ଆର୍ଥିକ ମାମଲାରେ ହଇରାଣ ହୋଇପାରନ୍ତି। ରବିବାର:ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ବନ୍ଧୁଙ୍କ ସାକ୍ଷାତ ମିଳିବ।

**କର୍କଟ:** ସୋମବାର: ଜୀବନସାଥୀଙ୍କୁ ମନ ଓ ହୃଦୟର କଥା କହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଅଧୁରା ଥିବା କାମ ସଂପୂର୍ଣ୍ଣ ହେବ। ଶୁକ୍ର ଓ ଶନିବାର: ବ୍ୟବସାୟରେ ବିକ୍ରୀ ବଢ଼ିବ। ରବିବାର: ମନବାଞ୍ଛା ପୂର୍ଣ୍ଣ ହେବ।

**ସିଂହ:** ସୋମବାର: ନୂଆ କାମର ସୁଯୋଗ ଲାଗି ପ୍ରସ୍ତୁତ ରହିବେ। ମଙ୍ଗଳ, ବୁଧ ଓ ଗୁରୁବାର: ମନ ଆଧ୍ୟାତ୍ମିକ ଦିଗରେ ଲାଗି ରହିବ। ଶୁକ୍ର ଓ ଶନିବାର: କିଛିନା କିଛି ଇଚ୍ଛା ପୂରା ହେବ। ରବିବାର: ନୂତନ କାର୍ଯ୍ୟରେ ଯୋଗଦେବେ।

**କନ୍ୟା:** ସୋମବାର: କାର୍ଯ୍ୟକ୍ଷେତ୍ର ବୃଦ୍ଧି ଲାଗି ନୂଆ ଅବସର ପାଇବେ। ମଙ୍ଗଳ, ବୁଧ ଓ ଗୁରୁବାର: ପୂର୍ବ କଥାକୁ ନେଇ ଚିନ୍ତିତ ରହିବେ। ଶୁକ୍ର ଓ ଶନିବାର: ପ୍ରେମ ପ୍ରସଙ୍ଗରେ ସବୁ କିଛି ଭଲ ହେବ। ରବିବାର: କର୍ମକ୍ଷେତ୍ରକୁ ନେଇ ଚିନ୍ତିତ ରହିବେ।

**ତୁଳା:** ସୋମବାର: ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। ମଙ୍ଗଳ, ବୁଧ ଓ ଗୁରୁବାର: ବେକାରଙ୍କୁ ରୋଜଗାର ମିଳିବ। ଶୁକ୍ର ଓ ଶନିବାର: ବିଶେଷ କାମରେ ବାଧା ଉପୁଜିପାରେ। ରବିବାର: ହଠାତ୍ ଅସୁସ୍ଥ ଅନୁଭବ କରିବେ।

**ବିଛା:** ସୋମବାର: ବ୍ୟବସାୟରେ ସବୁ ଭଲ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଆପଣଙ୍କ କାମର ପ୍ରଶଂସା ହେବ। ଶୁକ୍ର ଓ ଶନିବାର: ଜୀବନସାଥୀଙ୍କ ସହିତ ସମ୍ବନ୍ଧ ମଧୁର ହେବ। ରବିବାର: ବ୍ୟବସାୟରେ ଲାଭବାନ ହେବେ।

**ଧନୁ:** ସୋମବାର: କୌଣସି କାମରେ ଅଧିକ ସମୟ ବ୍ୟୟ ହେବ। ମଙ୍ଗଳ, ବୁଧ ଓ ଗୁରୁବାର: ନୂଆ ଲୋକଙ୍କ ସହିତ ସଂପର୍କ ହେବ। ଶୁକ୍ର ଓ ଶନିବାର: କ୍ୟାରିୟରରେ ନୂଆ କୀର୍ତ୍ତିମାନ ସ୍ଥାପିତ କରିବେ। ରବିବାର: ଅଯଥାରେ ସମୟ ଅତିବାହିତ ହେବ।

**ମକର:** ସୋମବାର: ବନ୍ଧୁ ତାଲିକାରେ ଭଲ ଲୋକ ଯୋଡ଼ିବେ। ମଙ୍ଗଳ, ବୁଧ ଓ ଗୁରୁବାର: ଉପାର୍ଜନ ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: କାରବାରରେ ସଫଳତା ପାଇବେ। ରବିବାର: କୌଣସି ବନ୍ଧୁ ସହଯୋଗର ହାତ ବଢ଼ାଇବେ।

**କୁମ୍ଭ:** ସୋମବାର: ସାମାଜିକ କାର୍ଯ୍ୟରେ ସମୟ ଦେବେ। ମଙ୍ଗଳ, ବୁଧ ଓ ଗୁରୁବାର: ଜୀବନକୁ ଉତ୍କୃଷ୍ଟ କରିବା ଲାଗି ସୁଯୋଗ ପାଇବେ। ଶୁକ୍ର ଓ ଶନିବାର: ନୂଆ କାର୍ଯ୍ୟରେ ରୁଚି ବଢ଼ିବ। ରବିବାର: ଧର୍ମାନୁଷ୍ଠାନ କାର୍ଯ୍ୟରେ ସମୟ କଟିବ।

**ମୀନ:** ସୋମବାର: ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ମଙ୍ଗଳ, ବୁଧ ଓ ଗୁରୁବାର: ଅଫିସ୍ରେ ଅଧିକ ପରିଶ୍ରମ କରି ଅବଶିଷ୍ଟ କାମ ପୂରା କରିବେ। ଶୁକ୍ର ଓ ଶନିବାର: ଆୟ ବୃଦ୍ଧି ହେବ। ରବିବାର: ଦୀର୍ଘ ଦିନ ଧରି ଆଶା କରିଥିବା ଫଳ ପ୍ରାପ୍ତି ହୋଇପାରେ।

## ମୋମୋ ସ୍ୱାସ୍ଥ୍ୟପକ୍ଷେ ହୋଇପାରେ କ୍ଷତିକାରକ !

ଆଜି କାଲି ଅଧିକାଂଶ ଯୁବପିଢ଼ିଙ୍କ ମନପସନ୍ଦ ଫାଷ୍ଟଫୁଡ ହେଲା ମୋମୋ। ଚିକେନ୍, ମଟନ୍, ଭେଜ, ପନିର ପୁର ଦିଆ ଏହି ମୋମୋର ଚାହିଦା ଢ଼େର ରହିଛି। ଷ୍ଟିମ୍ ମୋମୋ ଠାରୁ ଆରମ୍ଭ କରି ଫ୍ରାଏ ମୋମ ଓ ତନ୍ଦୁରି ମୋମୋ ଯାଏ ଫାଷ୍ଟଫୁଡ ଷ୍ଟଲରେ ବିକ୍ରି ହେଉଛି। କେବଳ ସେତିକି ନୁହେଁ ଏହି ମୋମୋ ସହ ଦିଆଯାଉଥିବା ଚଟଣିର ବଜାରରେ ଢ଼େର ଡିମାଣ୍ଡ ରହିଛି। କିନ୍ତୁ ଆପଣମାନେ ଜାଣିଛନ୍ତି କି, ତେବେ ପାଟିକୁ ସୁଆଦିଆ ଲାଗୁଥିବା ଏହି ମୋମୋ ଆପଣଙ୍କ ଜୀବନ ବି ନେଇପାରେ। ନିକଟରେ ଏନେଇ ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ତଥା ଏମ୍ସ ଚେତାବନୀ ଜାରି କରିଛି। ନିକଟରେ ମୋମୋ ଖାଇବା ପରେ ଜଣେ ୫୦ ବର୍ଷୀୟ ବ୍ୟକ୍ତିଙ୍କ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଥିବା ମାମଲା ସାମ୍ନାକୁ ଆସିଛି। ଏହି ପୂରା ମାମଲାର ରିପୋର୍ଟକୁ ଏମ୍ସ ତରଫରୁ ଫରେନ୍ସିକ୍ ଇମେଜିଙ୍ଗ ଜର୍ଣ୍ଣଲରେ ପ୍ରକାଶିତ କରାଯାଇଛି। ରିପୋର୍ଟରେ କୁହାଯାଇଛି, ବ୍ୟବଚ୍ଛେଦ ପରେ ଶ୍ୱାସନଳିରେ ମୋମୋ ଫସିଯିବା କାରଣରୁ ଉକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ମାମଲା ସାମ୍ନାକୁ ଆସିବା ପରେ ଏମ୍ସ ପକ୍ଷରୁ ମୋମୋକୁ ନେଇ ଚେତାବନୀ ଜାରି କରାଯାଇଛି। ମଇଦାରେ ତିଆରି ମୋମୋର ଚିକ୍କଣ ଆସ୍ତରଣ ଓ ଛୋଟ ଆକାରକୁ ଭଲଭାବେ ଚୋବାଇ ନଖାଇ ଗିଳି ଦେବା ଦ୍ୱାରା ଏଭଳି ସମସ୍ୟା ଉପୁଜିପାରେ। ଏହି ସମସ୍ୟା ଆଗକୁ ମଧ୍ୟ ବଢ଼ିପାରେ ବୋଲି ଡାକ୍ତରମାନେ କହିଛନ୍ତି। ସେଥିପାଇଁ ଗିଳିବା ପୂର୍ବରୁ ମୋମୋକୁ ଭଲ ଭାବରେ ଚୋବାଇବା ଉଚିତ୍ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି।



### ମା’ରାଣ ଦେହକୁ ନେବେନି...

ଦୁଇଲକ୍ଷ କୋଟି ଆଜିର ବଜେଟ
ଗରିବ ପାଏ ଆଘାତ...
ଟଙ୍କାଏ ଚାଉଳ ଚାଖେଣାରେ ଦେଇ
ମାରୁଛି ପଛରେ ନାତ...
ଆଗକୁ ମାରିବ ବାତ...
ଓଷଦ ପେଡିଟା ବଜେଟରେ ଥେଲେ
ଖାଇ ବାହାରନ୍ତା ପିତ....



- ସମ୍ବିତ ସେନାପତି

## ବୋଉର ରୋଷେଇ ଘର

# ରୋହି ମାଛ ପୋସ୍ତ



ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କିନ୍ତୁ ଆମେ ଆପଣଙ୍କ ପାଇଁ ମାଛର ଏକ ନୂଆ ରେସିପି ଆଣିଛୁ, ଯାହାର ନାଁ ହେଲା ରୋହି ମାଛ ପୋସ୍ତ। ନାଁ ଯେମିତି ଏହାର ଟେଷ୍ଟ ବି ସେମିତି। ଥରେ ଖାଇଲେ ପାଟିରୁ ଜମା ଛାଡ଼ିବନି।

**ଆବଶ୍ୟକ ଉପକରଣ: ରୋହି ମାଛ ୫୦୦ ଗ୍ରାମ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।**

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍ରେ ତେଲ ଗରମ କରି ସଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା’ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ରୋହି ମାଛ ପୋସ୍ତ।

**ନିଷ୍କର୍ଷର ପ୍ରତି ସଂଖ୍ୟାରେ ପ୍ରକାଶ ପାଉଛି ବୋଉର ରୋଷେଇ ଘର। ଏହି ସ୍ତମ୍ଭରେ ଆପଣମାନଙ୍କ ଭଳି ମା’ ଭଉଣୀମାନେ ବିଭିନ୍ନ ସୁସ୍ୱାଦୁ ରୋଷେଇ ସମ୍ପର୍କରେ ସବିଶେଷ ତଥ୍ୟ ଦେଇ ଆମ୍ଭ ପାଖକୁ ପଠାଇଥାନ୍ତି ବିଭିନ୍ନ ପ୍ରକାର ବ୍ୟଞ୍ଜନର ପ୍ରସ୍ତୁତି ପଦ୍ଧତି। ଆପଣ ବି ପଠାଇ ପାରିବେ ଆମ୍ଭ ଠିକଣାରେ।**




# ସଫିଂ ମଲ୍ ଉପରେ ରୁଷର ମିସାଇଲ ମାଡ଼, ୧୬ ମୃତ



**କିଭ୍ (ଏଜେନ୍ସି):** ୟୁକ୍ରେନ୍ ଉପରେ ରୁଷର ପୁଣି ଏକ ବଡ଼ ହମଲା । ରୁଷ-ୟୁକ୍ରେନ ଯୁଦ୍ଧକୁ ଏବେ ୪ ମାସ ବିତିଯାଇଥିଲେ ମଧ୍ୟ ରୁଷର ଆକ୍ରମଣାତ୍ମକ ମନୋଭାବରେ କୌଣସି ପରିବର୍ତ୍ତନ ଆସିନାହିଁ । ୟୁକ୍ରେନକୁ ସମ୍ପୂର୍ଣ୍ଣ ନଷ୍ଟ କରିବା ଜିଦରେ ଅଟଳ ରହିଛି ରୁଷ । ଅସହାୟ ହୋଇ ବିଶ୍ୱ ସମୁଦାୟର ସହାୟତା ଲୋଡୁଥିବା ୟୁକ୍ରେନ୍ ଉପରେ ପୁଣି ଏକ ବଡ଼ ଧରଣର ଆକ୍ରମଣ କରିଛି ରୁଷୀୟ ସେନା । ସୋମବାର ପୂର୍ବ-ୟୁକ୍ରେନ୍ର ଏକ ଜନଗହଳିପୂର୍ଣ୍ଣ ସଫିଂ ମଲ୍ ଉପରେ ଭୟଙ୍କର ମିଜାଇଲ୍ ମାଡ଼ ହୋଇଛି । ଏଥିରେ ୧୬ ଜଣଙ୍କ ଜୀବନ ଯାଇଥିବା ବେଳେ, ୪୦ରୁ ଅଧିକ ଲୋକ ଆହତ ହୋଇଥିବା ସୂଚନା ମିଳିଛି । ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି । କ୍ରେମ୍ଚୁକ୍ର ସପିଙ୍ଗ୍ ସେଣ୍ଟରରେ ଯେତେବେଳେ ରୁଷ କ୍ଷେପଣାସ୍ତ୍ର ମାଡ଼ ହେଲା, ସେତେବେଳେ ସେଠାରେ ପ୍ରାୟ ହଜାରେରୁ ଅଧିକ ଲୋକ ଥିଲେ ବୋଲି କହିଛନ୍ତି ନିଜେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଦୋମିର ଜେଲେନସ୍କି । ମିସାଇଲ ଆକ୍ରମଣର ଏକ ଭୟଙ୍କର ଭିଡିଓ ମଧ୍ୟ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଛି । ସପିଙ୍ଗ୍ ମଲ୍ରେ ବିସ୍ଫୋରଣ ପରେ ସେଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟୁଥିବା ଏବଂ ବିରାଟ ଆକାରରେ କଳା ଧୂଆଁ ଆକାଶକୁ ଆଚ୍ଛାଦିତ କରୁଥିବା ଦେଖିବାକୁ ମିଳୁଛି । ୟୁକ୍ରେନ୍ ରାଷ୍ଟ୍ରପତିଙ୍କର ଡେପୁଟି ଚିଫ୍ ଅଫ୍ ଷ୍ଟାଫ୍ କିର୍ଲୋ ଟାଇମୋଶେଙ୍କୋ ଟେଲିଗ୍ରାମ ଯୋଗେ କହିଛନ୍ତି ଯେ ସେଠାରେ ୨୦ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୯ ଜଣଙ୍କର ଅବସ୍ଥା ଗୁରୁତର ରହିଛି । ପୋଲଟାଭା ଗଭର୍ଣ୍ଣର ଦିମିତ୍ରି ଲୁନିନ କଡ଼ା ନିନ୍ଦା କରିଛନ୍ତି । ଏହା ଯୁଦ୍ଧ ଅପରାଧ ଓ ମାନବିକାତ ବିରୋଧ ଅପରାଧ । ସାଧାରଣ ଲୋକଙ୍କ ବିରୋଧରେ ଏହା ଆତଙ୍କବାଦୀଙ୍କ ଆକ୍ରମଣ ବୋଲି ସେ କହିଛନ୍ତି ।

# ଅନ୍ଧାର ଜାପାନ: ସରକାର କହିଲେ- ବିଜୁଳି ବଞ୍ଚାଅ, ପୁରସ୍କାର ନିଅ

**ଟୋକିଓ (ଏଜେନ୍ସି):** ଜାପାନର ଟକିଓ ସହରରେ ଏବେ ଅହସ୍ୟ ଗରମ ସହ ବିଜୁଳି ସଂକଟ ଦେଖାଦେଇଛି । ଏଭଳି ସ୍ଥିତିରେ ଲୋକଙ୍କୁ ଶକ୍ତି ସଞ୍ଚୟ ବା ବିଜୁଳି ବଞ୍ଚାଇବା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି । ଜାପାନ ସରକାର ବିଜୁଳି ଯୋଗାଣକୁ କଡ଼ାକଡ଼ି କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରଶାସନ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ରିୱାର୍ଡ ବା ପୁରସ୍କାର ଦେବା ପାଇଁ ଘୋଷଣା କରିଛି । ଯେଉଁମାନେ ବିଜୁଳି ସଂଚୟ କରିବେ ସେହି ଗ୍ରାହକଙ୍କୁ ଏହି ସୁବିଧା ମିଳିପାରିବ । ଏମିତି କି ମନ୍ତ୍ରାଳୟ ପକ୍ଷରୁ ସନ୍ଧ୍ୟା ୩ରୁ ୬ଟା ଯାଏଁ ଦେଖି ଚାହିଁ ବିଜୁଳି ବ୍ୟବହାର କରିବା ପାଇଁ ଲୋକଙ୍କୁ ଅନୁରୋଧ କରିଛି । କାରଣ, ସୋଲାର ପାୱାର ବା ସୌର ଶକ୍ତିରୁ ଉତ୍ପନ ହେଉଥିବା ବିଜୁଳି, ଏହି ସମୟରେ କମିଯାଇଥାଏ । ତେଣୁ ସନ୍ଧ୍ୟାରେ ଟୋକିଓରେ ବେଶୀ ସମସ୍ୟା ହେଉଛି । ଟୋକିଓର ପାଣିପାଗ ବିଭାଗର ସୂଚନା ଅନୁସାରେ ଗତ ଶନିବାର ଦିନ, ଜାପାନର ଏହି ରାଜଧାନୀ ସହରରେ ତାପମାତ୍ରା ୪୦ ଡିଗ୍ରୀ ଥିଲା । ଏମିତି କି କିଛି ଦିନ ୩୫ ଡିଗ୍ରୀ ଉପରେ ରହିବ ବୋଲି ଆକଳନ କରାଯାଇଛି । ଏଭଳି ସ୍ଥିତିରେ ସ୍ଥାନୀୟ ପ୍ରଶାସନ, ବିଜୁଳି ବା ଶକ୍ତି ସଂଚୟ କରିବା ପାଇଁ ବିଭିନ୍ନ ବାଟ ଆପଣାଇଛି । ତେବେ ସ୍ଥାନୀୟ ସମୟ ଅନୁସାରେ ଆଜି ଅପରାହ୍ନରେ ବିଦ୍ୟୁତ୍ ସଙ୍କଟ ଅଧିକ ଗୁରୁତର ହେବା ନେଇ ଜାପାନର ଅର୍ଥନୀତି, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଆକଳନ କରିଛି । ସମସ୍ୟାକୁ ଦେଖି ସତର୍କ ଓ ସାବଧାନ କରାଇଛି ମନ୍ତ୍ରଣାଳୟ । ଏଥିରେ କୁହାଯାଇଛି ଯେ, ଲୋକମାନେ ଅନାବଶ୍ୟକ ଲାଇଟ୍ ବନ୍ଦ କରିବା ଉଚିତ୍ । କିନ୍ତୁ ଅତ୍ୟଧିକ ଗରମକୁ ଏଡାଇବା ପାଇଁ ଏସି ବ୍ୟବାହାର କରିପାରିବେ । ସପ୍ତାହେ ଧରି ତାପମାତ୍ରା ବଢୁଥିବାରୁ ଅଧିକାରୀମାନେ ବିଦ୍ୟୁତ ସଙ୍କଟ ସମ୍ପର୍କରେ ଚେତାବନୀ ଦେଇଛନ୍ତି । ସପ୍ତାହ ଶେଷରେ, କେନ୍ଦ୍ରୀୟ ଟୋକିଓର ତାପମାତ୍ରା ୩୫ଡିଗ୍ରୀ ସେଲସିୟସରୁ ଊର୍ଦ୍ଧ୍ୱ ରୁହଥିବା ବେଳେ ରାଜଧାନୀର ଉତ୍ତର-ପଶ୍ଚିମ ଇସାସାକି ସହରରେ ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି । ଜୁନ୍ ମାସରେ ଜାପାନ ପାଇଁ ଏହା ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି । ଜୁନ୍ ମାସରେ ଜାପାନରେ ଅଧିକ ଗ୍ରୀଷ୍ମ ପ୍ରବାହ ହୋଇଥାଏ । ଏହି ସମୟରେ ତାପମାତ୍ରା ସାଧାରଣତଃ ୩୦ ଡିଗ୍ରୀ ସେଲସିୟସରୁ କମ୍ ରହିଥାଏ । କିନ୍ତୁ ଚଳିତ ବର୍ଷ ସ୍ଥିତି ଜଟିଳ ରହିଛି ।



# ଠକ ସୁକେଶର ନୂଆ କାରନାମା, ଜେଲ ଭିତରୁ ଚିଠି ପଠାଉଥିଲା

**ନୂଆଦିଲ୍ଲୀ (ଏଜେନ୍ସି):** ଦିଲ୍ଲୀ ତିହାର ଜେଲରେ ଥିବା ୨୦୦ କୋଟି ଟଙ୍କାର ଠକେଇ କରିଥିବା ସୁକେଶ ଚନ୍ଦ୍ରଶେଖର ପୁଣି ଚର୍ଚ୍ଚାରେ । ଜେଲର ସୁରକ୍ଷା ବ୍ୟବସ୍ଥାକୁ ପୁଣି ଥରେ ଭେଦି ଥିବା ଭିଜୁଆଲ ସିସିଟିଭିରେ କଏଦ ହୋଇଛି । ତେବେ ନର୍ସିଂ କର୍ମଚାରୀଙ୍କ ଜରିଆରେ ସୁକେଶ ଜେଲରୁ ବାହାରକୁ ନିଜର ବାର୍ତ୍ତା ପଠାଉଥିଲା । ସିସିଟିଭି ରେକର୍ଡ ଯାଞ୍ଚବେଳେ ଏହି କଥା ସାମ୍ନାକୁ ଆସିଛି । ବାସ୍ତବରେ, ସିସିଟିଭି ରେକର୍ଡିଂ ଯାଞ୍ଚ କରିବା ସମୟରେ ଅଧିକାରୀମାନେ ଜାଣିବାକୁ ପାଇଲେ ଯେ ସୁକେଶ ଜେଲର ହସ୍ପିଟାଲରେ କଣ୍ଟ୍ରାକଚୁଆଲ ଭାବେ କାମ କରୁଥିବା ଜଣେ ନର୍ସିଂ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିବା ସହ ତାଙ୍କୁ ଏକ ଚିଠି ମଧ୍ୟ ଦେଉଛି । ଏହି ଚିଠିକୁ ବାହାରେ ଥିବା ସୁକେଶର ସହଯୋଗୀଙ୍କୁ ନର୍ସିଂ ଷ୍ଟାଫ ଜଣକ ଦେଇଥାନ୍ତେ । ଯେତେବେଳେ ନର୍ସିଂ କର୍ମଚାରୀଙ୍କୁ ଏ ବିଷୟରେ ପଚରାଯାଇଥିଲା, ସେତେବେଳେ ସେ ଏନେଇ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ । ବର୍ତ୍ତମାନ ତିହାର ଜେଲ ଅଧିକାରୀ ଏହି ଘଟଣାର ତଦନ୍ତ ପାଇଁ ଦିଲ୍ଲୀ ପୁଲିସ ସହ ଯୋଗାଯୋଗ କରିଛନ୍ତି । ଉକ୍ତ ନର୍ସିଂଷ୍ଟାଫଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚିଠି ଲେଖିଛନ୍ତି । ଏହା ପୂର୍ବରୁ ମଧ୍ୟ ସୁକେଶ ଚନ୍ଦ୍ରଶେଖର ଦିଲ୍ଲୀର ତିହାର ଜେଲରେ ରହି ୨୦୦ କୋଟି ଟଙ୍କାର ଠକେଇ କରିଥିଲେ । ଗୃହ ମନ୍ତ୍ରଣାଳୟର ଜଣେ ଅଧିକାରୀ ଭାବେ ନିଜକୁ ଦର୍ଶାଇ ସୁକେଶ ଦିଲ୍ଲୀର ଜଣେ ମହିଳା ବ୍ୟବସାୟୀଙ୍କୁ ନିଜ ସ୍ୱର ବଦଳାଇ ତାଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିଲା । ଅଭିଯୋଗ ହୋଇଛି ଯେ ସୁକେଶ ଜେଲ ଅଧିକାରୀଙ୍କୁ ଲକ୍ଷ ଲକ୍ଷ ଟଙ୍କାର ଲାଞ୍ଚ ଦେଇ ମୋବାଇଲ୍ ଫୋନ୍ ବ୍ୟବହାର କରିଥିଲା । ତଦନ୍ତ ପରେ ଅନେକ ଜେଲ ଅଧିକାରୀଙ୍କୁ ଗିରଫ କରାଯାଇଥିଲା । ବର୍ତ୍ତମାନ ମହାଠକ ସୁକେଶ ତିହାର ଜେଲ ୩ ନମ୍ବର ସେଲ୍ରେ ବନ୍ଦି ଅଛି । ସେ ଜଲରେ ବନ୍ଦୀ ଥାଇ କେତେବେଳେ ଅନଶନରେ ବସୁଛି ତ ଆଉ କେତେବେଳେ ସୁରକ୍ଷା ବ୍ୟବସ୍ଥାକୁ ଠେଙ୍ଗା ଦେଖାଇ ଜେଲ ଅଧିକାରୀଙ୍କ ନାକେଦମ୍ କରୁଛି ।

# ବେଙ୍ଗାଲୁରୁ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା



**ବେଙ୍ଗାଲୁର (ଏଜେନ୍ସି):** ବେଙ୍ଗାଲୁରୁର ଆଗରାଠାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ଭକ୍ତିପୂତ ପରିବେଶ ମଧ୍ୟରେ ପବିତ୍ର ରଥଯାତ୍ରା ପର୍ବ ପାଳନ କରାଯାଇଛି । ଏଠାରେ ବଢି ଭୋରରୁ ମଙ୍ଗଳ ଆରତୀ, ଅବକାଶ, ମଇଲମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ସାହାଣମେଳା ଆଦି ରୀତିନୀତିକୁ ଯଥାବିଧି ସମ୍ପନ୍ନ କରାଯାଇଥିଲା । ଦିନ ୧୨ ଟା ୧୫ରେ ଚାରି ଠାକୁରଙ୍କ ପହଣ୍ଡି ବିଜେ ଆରମ୍ଭ କରାଯାଇଥିଲା । ମନ୍ଦିର ବେଢ଼ାରେ ଥିବା ସୁନ୍ଦର, ସୁରମ୍ୟ ଓ ସୁଶୋଭିତ ୨୮ ଫୁଟ ଉଚ୍ଚ ରଥ ଉପରକୁ ଠାକୁରମାନଙ୍କୁ ଭକ୍ତ ମାନଙ୍କର କୀର୍ତ୍ତନ ତଥା ଜୟ ଜଗନ୍ନାଥ ଧ୍ୱନିମଧ୍ୟରେ ନିଆଯାଇଥିଲା । ମନ୍ଦିର ଟ୍ରଷ୍ଟି ସୀତିକଣ୍ଠ ଷଡ଼ଙ୍ଗୀ ଛେରା ପହଁରା କରିବା ପରେ ଅପରାହ୍ନ ୨ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା । ରଥଟିକୁ ଦୀର୍ଘ ୧ କିମି ପର୍ଯ୍ୟନ୍ତ ଟଣାଯାଇ ସନ୍ଧ୍ୟା ୬ଟା ବେଳେ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚିଥିଲା । ପାଗ ମେଘୁଆ ଥିବାରୁ ପ୍ରାୟ ୨୫୦୦୦ ଦର୍ଶକ ରଥ ଉପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ଦର୍ଶନ କରିଥିବା ଦେଖା ଦେଇଥିଲା । ରଥଯାତ୍ରା ଉତ୍ସବରେ ବିଶିଷ୍ଟ ଅତିଥି ମାନଙ୍କ ମଧ୍ୟରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ବାସବରାଜ ଏସ୍ ବୋମାଇ, କେନ୍ଦ୍ରୀୟ ବେଙ୍ଗାଲୁରୁର ସାଂସଦ ପିସି ମୋହନ, ରାଜ୍ୟମନ୍ତ୍ରୀ ଅରବିନ୍ଦ ଲିମ୍ବାଭଲି ଏବଂ ବିଧାୟକ ସତୀଶ ରେଡ୍ଡୀ ପ୍ରମୁଖ ଯୋଗ ଦଦେଇଥିଲେ । ସମଗ୍ର ମହୋତ୍ସବକୁ ସୁଚାରୁ ଆୟୋଜନ କରିବାରେ ମନ୍ଦିରର ଟ୍ରଷ୍ଟି ତଥା ସମ୍ପାଦନା ମଣ୍ଡଳୀ ସଦସ୍ୟ ନିହାର ସାମନ୍ତରା, ଡକ୍ଟର ପ୍ରତାପ ପାଣି, କାମାକ୍ଷା ପଣ୍ଡା, ଜଷ୍ଟିସ ଜେପି ଉଦ୍ଗାତା, ହର ମହାପାତ୍ର, ମନୋଜ ପାତ୍ର ଓ ପୁଣ୍ୟଶ୍ଳୋକ ଖୁଣ୍ଟିଆ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ପାକିସ୍ତାନରେ ବନ୍ଦ ହେବ ମୋବାଇଲ ଏବଂ ଇଣ୍ଟରନେଟ ସେବା

**ଇସଲାମାବାଦ (ଏଜେନ୍ସି):** ପାକିସ୍ତାନରେ ବନ୍ଦ ହୋଇଯିବ ମୋବାଇଲ ଏବଂ ଇଣ୍ଟରନେଟ ସେବା । ଦେଶରେ ଏବେ ବିଜୁଳି ସସମ୍ୟା ଉତ୍କଟ ରୂପ ଧାରଣ କରିଥିବାରୁ ଏହାକୁ ମୁକାବିଲା ପାଇଁ ବାଟ ଖୋଜୁଛନ୍ତି ସରକାର । ଫଳରେ ଟେଲିକମ ଅପରେଟରମାନଙ୍କୁ ଇଣ୍ଟରନେଟ ଏବଂ ମୋବାଇଲ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି । ଏନେଇ ପାକିସ୍ତାନର ଜାତୀୟ ପ୍ରଯୁକ୍ତି ଜ୍ଞାନ କୌଶଳ ବୋର୍ଡ (ଏନଆଟିବି) ପକ୍ଷରୁ ଚେତାବନୀ ଦିଆଯାଇଛି । ଚଳିତ ଜୁଲାଇ ମାସରେ ପାକିସ୍ତାନରେ ବିଜୁଳି ସଙ୍କଟ ହେବା ନେଇ ପ୍ରଧାନମନ୍ତ୍ରୀ ସେହବାଜ ସରିଫ ଆଶଙ୍କା କରିଛନ୍ତି । ଏ ସମ୍ପର୍କରେ ପାକିସ୍ତାନର ଏକ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଖବର ପ୍ରକାଶ ପାଇଛି । ମୁଖ୍ୟ କଥା ହେଉଛି ଆବଶ୍ୟକ ଅନୁଯାୟୀ ପାକିସ୍ତାନ ପ୍ରାକୃତିକ ଗ୍ୟାସ(ଏଲଏନଜି) ପାଉ ନାହିଁ । ତେଣୁ ଗ୍ୟାସ ସମସ୍ୟାର ସମାଧାନ ପାଇଁ ପାକିସ୍ତାନର ମେଣ୍ଟ ସରକାର ବିଚାର ବିମର୍ଶ କାରୁଛନ୍ତି । ପ୍ରାକୃତିକ ଗ୍ୟାସ ଯୋଗାଣ ପାଇଁ ପାକିସ୍ତାନ ସରକାର ଚୁକ୍ତି କରିବାରେ ବିଫଳ ହୋଇଛନ୍ତି । ଫଳରେ ପ୍ରାକୃତିକ ଗ୍ୟାସ୍ ଅଭାବରୁ ପାକିସ୍ତାନରେ ବିଜୁଳି ଉତ୍ପାଦନ ସେକ୍ଟର ପ୍ରଭାବିତ ହୋଇଛି । ଆଗାମି ଦିନରେ ପରିସ୍ଥିତି ଆହୁରି ଜଟିଳ ହେବ ବୋଲି କୁହାଯାଉଛି । ଅ୍ୟପଟେ ବିଜୁଳି ବଞ୍ଚାଇବା ପାଇଁ ପାକିସ୍ତାନ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ତେଣୁ ସରକାରି କର୍ମଚାରିଙ୍କ କାର୍ଯ୍ୟ ସମୟକୁ ହ୍ରାସ କରାଯାଇଛି । ସେହିପରି କରାଚି ସହରରେ ଥିବା ସଫିଂ ମଲ ଏବଂ ଫେକ୍ଟୋରୀକୁ ସଅଳ ବନ୍ଦ କରିବାକୁ ନିର୍ଦ୍ଦେଶ ହୋଇଛି । ପ୍ରାକୃତିକ ଗ୍ୟାସ ଯୋଗାଣ ନେଇ ପାକିସ୍ତାନ ସରକାର କତାର ସହ ଯୋଗାଯୋଗ କରୁଛନ୍ତି । ସେପଟେ ପାକିସ୍ତାନର ଟଙ୍କା ମଧ୍ୟ ଅନ୍ତର୍ଜାତୀୟ ତୁଳନାରେ ଦୁର୍ବଳ ହେବାରେ ଲାଗିଛି ।

## ଆଇନ ଅଦାଲତ

# ବିଧାୟକଙ୍କ କ୍ୱାଟର୍ସ ପାଇଁ ଗଛକଟା ମାମଲା: ପ୍ରତିଜବାବ ଦେବାଲାଗି ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ(ଏନ୍.ଏମ୍.):** ବିଧାୟକମାନଙ୍କ ପାଇଁ ଭୁବନେଶ୍ୱର ୟୁନିଟ୍ ୪ ଅଞ୍ଚଳରେ ବହୁତଳ କ୍ୱାଟର୍ସ ପାଇଁ ଗଛକଟା ମାମଲାରେ ଆବଦନକାରୀଙ୍କୁ ପ୍ରତି ଜବାବ ଦେବାଲାଗି ଆଜି ହାଇକୋର୍ଟ ନୋଟିସ୍ ଦେଇଛନ୍ତି । ବିଚାରପତି ସଙ୍ଗମ ସାହୁ ଓ ବିଚାରପତି ବିରଜା ପ୍ରସନ୍ନ ଶତପଥିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରାଯାଇଥିଲା । ଏଥିରେ କୁହାଯାଇଛି ଯେ ବିଧାୟକଙ୍କ କ୍ୱାଟର୍ସ ନିର୍ମାଣ କ୍ଷେତ୍ରରେ ଯାହାସବୁ କାର୍ଯ୍ୟ ହାତକୁ ନିଆଯାଇଛି ସବୁଆଇନ ଅନୁଯାୟୀ କରାଯାଇଛି । ବିଶେଷକରି ଆଇନ ଅନୁସାରେ ଗଛ କଟାଯାଇଛି ବୋଲି ଜବାବରେ ସ୍ପଷ୍ଟ କରାଯାଇଛି । ପ୍ରତିପକ୍ଷ ତଥା ସାଧାରଣ ପ୍ରଶାସନ ପକ୍ଷରୁ ଜବାବ ପାଇଲା ପରେ ହାଇକୋର୍ଟ ଆବେଦନକାରୀଙ୍କୁ ପ୍ରତି ଜବାବ ଦେବାକୁ ନିର୍ଦ୍ଦେଶ ଦେବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସେପ୍ଟେମ୍ବର ୭ ତାରିଖକୁ ଦିନଧାର୍ଯ୍ୟ କରିଛନ୍ତି । ସୂଚନାଯୋଗ୍ୟ ଆବେଦନକାରିଣୀ ସମାଜସେବୀ ଜୟନ୍ତୀ ଦାସ ଏହି ମାମଲା ରୁଜୁ କରିଛନ୍ତି । ସେ ତାଙ୍କ ପିଟିସନ୍ରେ ଦର୍ଶାଇଛନ୍ତି ଯେ ମଭୁବନେଶ୍ୱର ୟୁନିଟ୍ ୪ ଅଞ୍ଚଳରେ ବିଧାୟକମାନଙ୍କ ପାଇଁ ବହୁତଳ କ୍ୱାଟର୍ସ ନିର୍ମାଣ ଲାଗି ୮୭୦ ଟି ଗଛ କାଟିବାକୁ ସରକାର ଯୋଜନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୦୦ଟି ବହୁ ପୁରୁଣା ଗଛ କଟାସରିଛି । ଭୁବନେଶ୍ୱର ସହରର ମଧ୍ୟସ୍ଥଳରେ ଥିବା ଏହି ଗଛଗୁଡ଼ିକ ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସହରର ପରିବେଶକୁ ସନ୍ତୁଳନ କରୁଛି । ଗଛ ନକାଟି ମଧ୍ୟ ପ୍ରକଳ୍ପ ନିର୍ମାଣ କରାଯାଇ ପାରିବ, ଆବଶ୍ୟକ ସ୍ଥଳେ ଟେକ୍ନୋଲୋଜିର ବ୍ୟବହାର କରି ଗଛଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ ବୋଲି ଆବେଦନକାରୀଙ୍କ ପକ୍ଷରୁ କୋର୍ଟଙ୍କୁ ଦର୍ଶାଯିବା ସହିତ କଟାଯାଇଥିବା ଗଛପାଇଁ ସରକାର କ୍ଷତିପୂରଣ ଦେବାକୁ ସେ ଅଦାଲତଙ୍କ ପ୍ରାର୍ଥନା କରିଥିଲେ । ଆବେଦନକାରିଣୀ ଏହି ମାମଲାରେ ରାଜ୍ୟ ସରକାର, ଜିଲ୍ଲା ବନ ଅଧିକାରୀଙ୍କ ସମେତ ୧୦ ଜଣଙ୍କୁ ପକ୍ଷଭୁକ୍ତ କରିଛନ୍ତି ।

# ପୁଣି ସିନ୍ଦେ କ୍ୟାମ୍ପକୁ ସୁପ୍ରିମକୋର୍ଟଙ୍କ ବଡ଼ ଆଶ୍ୱସ୍ତି



**ମୁମ୍ବାଇ (ଏନ୍.ଏମ୍.):** ସିନ୍ଦେ କ୍ୟାମ୍ପକୁ ବଡ଼ ଆଶ୍ୱସ୍ତି । ଶିବସେନାର ୧୫ ଜଣ ବିଦ୍ରୋହୀ ବିଧାୟକଙ୍କ ସଦସ୍ୟ ପଦ ଅଯୋଗ୍ୟ ଘୋଷଣା ନେଇ ତୁରନ୍ତ ଶୁଣାଣି କରିବାକୁ ଶିବସେନା ପକ୍ଷରୁ ସୁପ୍ରିମକୋର୍ଟରେ ରୁଜୁ ହୋଇଥିବା ସାନି ଆବେଦନକୁ ଅଗ୍ରାହ୍ୟ କରିଛନ୍ତି କୋର୍ଟ । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ମିଶାଇ ୧୫ ଜଣ ବିଧାୟକଙ୍କ ବିରୋଧରେ ବିଧାନସଭା ସଦସ୍ୟତା ରଦ୍ଦ ପାଇଁ ଆବେଦନ ହୋଇଥିଲା । ଶିବସେନା ପକ୍ଷରୁ ଦଳର ମୁଖ୍ୟ ସୁନିଲ ପ୍ରଭୁ ଏହି ଆବେଦନ କରିଥିଲେ । ଭେକେସନ୍ ବେଞ୍ଚ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜେବି ପର୍ଦ୍ଦିୱାଲାଙ୍କ ଦ୍ୱୈତ୍ୟ ଖଣ୍ଡପୀଠ ନିକଟରେ ଶିବସେନା ପକ୍ଷରୁ ବରିଷ୍ଠ ଓକିଲ କପିଲ ଶିବଲ ଆବେଦନ କରିଥିଲେ । ତେବେ ଆସନ୍ତା ଜୁଲାଇ ୧୧ରେ ମାମଲାର ଶୁଣାଣି ପାଇଁ କୋର୍ଟ ରାଜି ହୋଇଛନ୍ତି । ଏହା ପୂର୍ବରୁ ମହାରାଷ୍ଟ୍ର ରାଜ୍ୟପାଳ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କୁ ଫ୍ଲୋର ଟେଷ୍ଟ ପାଇଁ ଆମନ୍ତ୍ରଣ କରିଥିଲେ । ହେଲେ ହେଲା ଏହା ଉପରେ ରୋକ ଲଗାଇବାକୁ ସେନା ସୁପ୍ରିମକୋର୍ଟ ଯାଇଥିଲା । କିନ୍ତୁ ଗତ ଜୁନ୍ ୨୯ ତାରିଖରେ ରାଜ୍ୟପାଳଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବାକୁ ମନା କରିଥିଲେ ସର୍ବୋଚ୍ଚ ନ୍ୟାଳୟ । ଏହା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଉଦ୍ଧବ ଠାକରେ । ଗତ କିଛି ଦିନ ହେବ ମହାରାଷ୍ଟ୍ରରେ ହାଇଡ୍ରାମା ଚାଲିବା ପରେ ଗତକାଲି ଶିବସନାର ବିଦ୍ରୋହୀ ନେତା ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଗତକାଲି ଶିବସେନା ନେତା ଏକନାଥ ସିନ୍ଦେ ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ବିଜେପି ନେତା ଦେବେନ୍ଦ୍ର ଫଡ଼ନାଭିସ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଫଡ଼ନାଭିସ ମୁଖ୍ୟମନ୍ତ୍ରୀ ହେବେ ବୋଲି ପ୍ରଥମେ ଖବର ପ୍ରସାରିତ ହୋଇଥିଲା । କିନ୍ତୁ ରାଜ୍ୟପାଳଙ୍କୁ ଭେଟିବାପରେ ଫଡ଼ନାବିସ ଏବଂ ସିନ୍ଦେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଫଡ଼ନାଭିସ ସିନ୍ଦେଙ୍କୁ ମୁଖ୍ୟମନ୍ତ୍ରୀ ଘୋଷଣା କରି ସମସ୍ତଙ୍କୁ ଆଚମ୍ବିତ କରିଦେଇଥିଲେ ।

# ନୂପୁର ଶର୍ମା ପୂରା ଦେଶବାସୀଙ୍କୁ କ୍ଷମା ମାଗନ୍ତୁ: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ(ଏଜେନ୍ସି):** ପ୍ରଫେଟ ମହମ୍ମଦଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଥିବା ବିଜେପିର ପୂର୍ବତନ ରାଷ୍ଟ୍ରୀୟ ମୁଖପାତ୍ର ନୂପୁର ଶର୍ମାଙ୍କୁ ସୁପ୍ରିମକୋର୍ଟ କଡା ନିନ୍ଦା କରିଛନ୍ତି । ନୂପୁର ଶର୍ମା ଟିଭି ସାମ୍ନାକୁ ଆସି ସମଗ୍ର ଦେଶବାସୀଙ୍କୁ କ୍ଷମା ମାଗିବାକୁ କହିଛନ୍ତି ସର୍ବୋଚ୍ଚ ଅଦାଲତ । ଏଥିସହ ଉଦୟପୁର ଘଟଣାରେ ତାଙ୍କୁ କୋର୍ଟ ଦାୟୀ କରିଛନ୍ତି । ତାଙ୍କ ଯୋଗୁ ହିଁ ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟିଥିବା ସୁପ୍ରିମକୋର୍ଟ କହିଛନ୍ତି । ଆଜି ନୂପୁର ଶର୍ମା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଭିନ୍ନ ଭିନ୍ନ ରାଜ୍ୟରେ ତାଙ୍କ ବିରୋଧରେ ଯେତିକି ବି ମାମଲା ରୁଜୁ ହୋଇଛି ସେ ସବୁକୁ ଦିଲ୍ଲୀ ଟ୍ରାନ୍ସଫର କରିବା ପାଇଁ ସେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ତାଙ୍କର ଏହି ଆବେଦନ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ତାଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି, 'ତାଙ୍କ ମନ୍ତବ୍ୟ ସାରା ଦେଶରେ ଲୋକଙ୍କ ମନରେ ଉତ୍ତେଜନା ସୃଷ୍ଟି କରିଛି । ଆଜି ଦେଶରେ ଯାହା ଘଟୁଛି ସେଥିପାଇଁ ସେ ଦାୟୀ । କୋର୍ଟ କହିଛନ୍ତି ଯେ ଆମେ ବିତର୍କ ଦେଖିଛୁ, ଏଥିରେ ଲୋକଙ୍କୁ ଭଡକାଇବା ପାଇଁ ସେ ଚେଷ୍ଟା କରିଥିଲେ । କିନ୍ତୁ ଏହା ପରେ ସେ ଯାହା କହିଥିଲେ ତାହା ଅଧିକ ଲଜ୍ଜାଜନକ ଅଟେ ।' ସୁପ୍ରିମକୋର୍ଟ ଆହୁରି କହିଛନ୍ତି, 'ନୂପୁର ଶର୍ମା ଓ ତାଙ୍କ ମନ୍ତବ୍ୟ ପୂରା ଦେଶରେ ନିଆଁ ଲଗାଇଦେଇଛି । ଉଦୟପୁରରେ ଘଟିଥିବା ଘଟଣା ପାଇଁ ମଧ୍ୟ ସେ ଦାୟୀ । ତେଣୁ ଏବେ କ୍ଷମା ମାଗିଲେ କିଛି ଲାଭ ନାହିଁ । ବେଶ ବିଳମ୍ବ ହୋଇସାରିଲାଣି । ତାଙ୍କ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । କିନ୍ତୁ ଅନେକ ଏଫ୍ଆଇଆର୍ ସତ୍ତ୍ୱେ ତାଙ୍କୁ ଦିଲ୍ଲୀ ପୁଲିସ ଛୁଇଁପାରି ନାହିଁ ।' ବାସ୍ତବରେ ନୂପୁର ଶର୍ମା ନିଜ ଆବେଦନରେ ତାଙ୍କୁ ଜୀବନରେ ମାରି ଦେବାକୁ ଧମକ ଦିଆଯାଇଥିବା ଦର୍ଶାଇ ତାଙ୍କ ବିରୋଧରେ ବିଭିନ୍ନ ରାଜ୍ୟରେ ହୋଇଥିବା ସମସ୍ତ ମାମଲାକୁ ଦିଲ୍ଲୀ ଟ୍ରାନ୍ସଫର କରିବା ପାଇଁ ଦାବି କରିଥିଲେ । ନୂପୁର ଶର୍ମା ନିଜ ଆବେଦନରେ କହିଛନ୍ତି ଯେ ତାଙ୍କୁ ଲଗାତାର ହତ୍ୟା ଧମକ ମିଳୁଛି, ତେଣୁ ବିଭିନ୍ନ ରାଜ୍ୟରେ ପଚରାଉଚରା ବେଳେ ତାଙ୍କ ଜୀବନ ପ୍ରତି ବିପଦରେ ରହିଛି । ତେଣୁ ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥିବା ସମସ୍ତ ମାମଲାର ଶୁଣାଣି ପାଇଁ ସୁପ୍ରିମକୋର୍ଟ ଏହି ମାମଲାକୁ ଦିଲ୍ଲୀକୁ ସ୍ଥାନାନ୍ତର କରିବାକୁ ସେ ଦାବି କରିଥିଲେ । ଅତୀତରେ ସେ ଦିଲ୍ଲୀ ପୁଲିସର ସୁରକ୍ଷା ମଧ୍ୟ ଲୋଡିଥିଲେ । ଉଲ୍ଲେଖଯୋଗ୍ୟ, ନୂପୁର ଶର୍ମା ବିଜେପିର ମୁଖପାତ୍ର ଥିଲେ । ନିକଟରେ ଏକ ଟିଭି ଡିବେଟ୍ରେ ପ୍ରଫେଟ ମହମ୍ମଦଙ୍କ ବିରୋଧରେ ସେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏହାପରେ ତାଙ୍କୁ ଜୋରଦାର ବିରୋଧ କରାଯାଇଥିଲା । ଏପରିକି ଏହି ନିଆଁ ପୂରା ଦେଶରେ ବ୍ୟାପି ଯାଇଥିଲା । କୁଏତ, ୟୁଏଇ, କତାର ସମେତ ସମସ୍ତ ମୁସିଲମ ଦେଶଗୁଡିକ ତାଙ୍କ ବୟାନକୁ ନେଇ ନିନ୍ଦା କରିଥିଲେ । କେବଳ ସେତିକି ନୁହେଁ ପୂରା ଦେଶରେ ବିକ୍ଷୋଭ ପ୍ରଦର୍ଶନ ମଧ୍ୟ ହୋଇଥିଲା । ଏହାପରେ ବିଜେପି ତାଙ୍କୁ ଦଳରୁ ନିଲମ୍ବିତ କରିଥିଲା । ନୂପୁରଙ୍କ ବିରୋଧରେ ମହାରାଷ୍ଟ୍ର, କୋଲକାତା, ବିହାର, ପୁଣେ ସମେତ ବିଭିନ୍ନ ରାଜ୍ୟରେ ମାମଲା ରୁଜୁ ହୋଇଛି ।

# ହାଇକୋର୍ଟରେ ୧,୯୦,୨୨୫ ମାମଲା ଏବେ ବିଚାରାଧୀନ



**ଭୁବନେଶ୍ୱର (ଏନ୍.ଏମ୍.):** ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ୩୩ଜଣ ବିଚାରପତି କାର୍ଯ୍ୟ କରିବା ସ୍ଥାନରେ ବର୍ତ୍ତମାନ ୨୨ଜଣ ବିଚାରପତି କାର୍ଯ୍ୟରତ ଅଛନ୍ତି । ସେହିପରି ଓଡ଼ିଶା ହାଇକୋର୍ଟରେ ୧,୯୦,୨୨୫ଟି ମାମଲା ବିଚାରାଧୀନ ଅଛି । ବିଧାୟକ ଅନନ୍ତ ଦାସଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏହି ସୂଚନା ଦେଇଛନ୍ତି । ଏହାବାଦ୍ ମନ୍ତ୍ରୀ ଶ୍ରୀ ସାରକା ସୂଚନା ଦେଇଛନ୍ତି ଯେ ୨୦୧୯ ଏବଂ ୨୦୨୦ରେ ୮୫,୮୩୪ଟି ମାମଲା ଲୋକ ଅଦାଲତ ଦ୍ୱାରା ଫଇସଲା ହୋଇଛି । କଟକ ଜିଲ୍ଲାରେ ସର୍ବାଧିକ ୨୩୬୯୦ଟି ଏବଂ ସୋନପୁରରେ ସବୁଠୁ କମ୍ ୧୭୬ଟି ମାମଲା ଲୋକ ଅଦାଲତରେ ଫଇସଲା ହୋଇଛି । ସେହିପରି ଓଡ଼ିଶାରୁ ତିନି ଜଣ ବଚାରପତି ତ୍ରିପୁରା, ଉତ୍ତରାଖଣ୍ଡ, କଲିକତା ଉଚ୍ଚ ନ୍ୟାୟଳୟରେ କାର୍ଯ୍ୟରତ ଅଛନ୍ତି ।




## ହାତ ଅଳସେ ନିଶ ବଙ୍କା

ନିଜର ଖାମଖିଆଲି ତଥା ଆଳସ୍ୟ ପଣ ଯୋଗୁଁ ଓଡ଼ିଶାକୁ ବିଭିନ୍ନ ସମୟରେ ବହୁକିଛି ହରାଇବାକୁ ପଡ଼ିଛି । ଏପରିକି ପ୍ରାଚୁର୍ଯ୍ୟଭରା ଗୋଟିଏ ଗରିବ ରାଜ୍ୟର ମାନ୍ୟତା ମିଳିଛି । ଗୋଟିଏ ପରେ ଗୋଟିଏ ବୈଭବକୁ ହରାଇବାକୁ ପଡ଼ିଛି । ଚୋର ଯିବା ପରେ ବୁଦ୍ଧି ପଶିବା ନ୍ୟାୟରେ ସବୁକିଛି ହରାଇସାରିବା ପରେ ଆମର ଚେତା ଚୈତନ୍ୟ ଉଦୟ ହୋଇଥାଏ ; ହେଲେ ସେତେବେଳକୁ ନେଡିଗୁଡ଼ କହୁଣୀକୁ ଚାଲିଯାଇଥାଏ ।

ଏଭଳି ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଆମ୍ଭର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିନଥାଏ । ବେଳେବେଳେ ଓଡ଼ିଶାକୁ ନେଇ ବିଭିନ୍ନ ମହଲରେ କୁମ୍ଭୀର କାନ୍ଦଣା କାନ୍ଦିଥାନ୍ତି । ଗରିବ ଲୋକଙ୍କ ପାଇଁ ଭିକ୍ଷାଦାନ ଭଳି କିଛି ଯୋଜନା କରାଯାଏ । ତଥାପି ଆଳସ୍ୟ ପରାୟଣତା ଓଡ଼ିଆ ସେତକ ପାଇ ବି ଖୁସ । ସତେ ଯେମିତି ନିଜର ସ୍ୱାଭିମାନ, ଅସ୍ମିତା ବନ୍ଧା ପଡ଼ିଯାଇଛି । ଗୋଟିଏ ପଟେ କୋଟିଆ ହାତରୁ ଚାଲିଯିବା ଭଳି ଅବସ୍ଥାରେ ସରକାର ଓ ପ୍ରଶାସନର ନିଦ ଭାଙ୍ଗିଲା । ଏଠାରେ ପ୍ରଶ୍ନ ଉଠୁଛି ଯେ, କୋଟିଆକୁ ଯେତେବେଳେ ଆନ୍ଧ୍ର ପ୍ରଥମେ ସହାୟତା ଦେବା ନାମରେ ପ୍ରବେଶ କଲା ସେତେବେଳେ ଓଡ଼ିଶାର ପ୍ରଶାସନିକ ଅଧିକାରୀ ଥିଲେ କେଉଁଠି । ଓଡ଼ିଶାର କୋଟିଆବାସୀଙ୍କ ଦୁଃଖ ଆନ୍ଧ୍ର ସରକାର ଓ ପ୍ରଶାସନକୁ ଦେଖାଯିବା ବେଳେ ଓଡ଼ିଶା ସରକାର ଓ ପ୍ରଶାସନକୁ କାହିଁକି ଦେଖାଯାଇ ନଥିଲା । ଆନ୍ଧ୍ରପ୍ରଦେଶର ଏହା ଦୀର୍ଘ ଦିନର ଚକ୍ରାନ୍ତ ଥିଲେ ମଧ୍ୟ ଏ ନେଇ ଓଡ଼ିଶା ସରକାର କାହିଁକି ପଦକ୍ଷେପ ନେଇ ନଥିଲେ । ରାଜ୍ୟସରକାରଙ୍କ ଯୋଜନା ସେମାନଙ୍କ ନିକଟରେ ଅପହଞ୍ଚ ହୋଇପଡ଼ିଲା କାହିଁକି । କେବଳ ହାତ ଅଳସେ ନିଶ ବଙ୍କା ଭଳି ଉଚିତ ସମୟରେ ପଦକ୍ଷେପ ନନେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେବା ସ୍ୱାଭାବିକ । ଅନ୍ୟପକ୍ଷରେ ଏବେ ବିରୋଧୀ ଦଳର ନେତାମାନେ ବିଧାନସଭାରେ ପ୍ରସଙ୍ଗ ଉତ୍ଥାପନ କରି ହୋ ହାଲ୍ଲା କରୁଥିବାବେଳେ ସେତେବେଳେ କେଉଁ ଅନନ୍ତ ଶୟନରେ ଥିଲେ । କାହିଁକି ସରକାରଙ୍କୁ ଏ ନେଇ ପୂର୍ବରୁ ଚେତାଇ ଦେଇନଥିଲେ । ଏ ନେଇ ଉଚିତ ସମୟରେ ପଦକ୍ଷେପ ନିଆଯାଇଥିଲେ ହୁଏତ କୋଟିଆରେ ଆନ୍ଧ୍ର ସରକାର ନିର୍ବାଚନ କରି ଏହାକୁ କବ୍‌ଜା କରିବାକୁ ସୁଯୋଗ ପାଇ ନଥାନ୍ତା । ଅନ୍ୟପକ୍ଷରେ ପୂର୍ବ ଦିଗର ଭାରତର ବିକାଶ ଆରମ୍ଭ କରୁଥିବା କେନ୍ଦ୍ର ସରକାର କାହିଁକି ଆନ୍ଧ୍ରର ଏଭଳି କାର୍ଯ୍ୟରୁ ବିରତ ରହିବାକୁ ଚାପ ପ୍ରୟୋଗ ନକରୁଛି । ଯଦି ଗୋଟିଏ ଦେଶ ଭିତରେ ରାଜ୍ୟଗୁଡ଼ିକର ସୀମା ସୁରକ୍ଷିତ ଓ ଶୃଙ୍ଖଳିତ ନୁହେଁ ତେବେ ଦେଶର ସୀମାକୁ କେତେଦୂର ସୁରକ୍ଷିତ ଓ ଶୃଙ୍ଖଳିତ ରହି ପାରିବ ସେ ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି । ତେବେ ଏହି ସମସ୍ୟାରେ ମଧ୍ୟ ରାଜ୍ୟ ସରକାରଙ୍କୁ ଦାୟୀ କରାଯାଇ ପାରେ । କେବଳ ରାଜଧାନୀରେ ଯୋଜନା ଆରମ୍ଭ କରି ବସିଗଲେ ହେବ ନାହିଁ । ଏହି ଯୋଜନା ସାରା ରାଜ୍ୟରେ ପହଞ୍ଚି ପାରୁଛି କି ନାହିଁ ସେ ନେଇ ଅନୁଧ୍ୟାନ କରିବାର ମଧ୍ୟ ଉତ୍ତର ଦାୟିତ୍ୱ ସରକାରଙ୍କ ରହିଛି । ତେଣୁ ଖରସୁଆଁ, ଷଢ଼େଇକଳା ଭଳି କୋଟିଆ ମଧ୍ୟ ହାତରୁ ଚାଲିଯାଉଛି । ଏଥି ପାଇଁ ସମସ୍ତ ରାଜ୍ୟବାସୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ଯେ, ଓଡ଼ିଆ ଏବଂ ଓଡ଼ିଶାର ସୁରକ୍ଷା ପାଇଁ ଜାତି ଧର୍ମବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ଦାୟିତ୍ୱ ରହିଛି । ନଚେତ ହାତ ଅଳସେ ନିଶ ବଙ୍କା ଭଳି ସର୍ବଦା ତତ୍ପର ନରହିଲେ ନିଜର ଗୌରବ, ଗାରିମା, ସ୍ୱାଭିମାନ, ଅସ୍ମିତା ଦିନେ ଇତିହାସ ପାଲଟି ଯିବ ଏଥିରେ ସନ୍ଦେହ ନାହିଁ ।

✹ ✹ ✹

### କବିତା ଗୁଚ୍ଛ

## ଦେଖି ଲାଜମାଡେ

**- ଶ୍ରୀକାନ୍ତ ପାଣି**



ହେ ଶ୍ରେଷ୍ଠ ଜୀବାତ୍ମା,
ସୃଷ୍ଟିର ବୈଚିତ୍ର୍ୟ ଦେଖ କେହିନାହିଁ ତୁମ ଅବିକଳ କପି,
ଆଧୁନିକ ଖୋଳ ପିନ୍ଧି ଆଗକୁ ମାଡ଼ିବା କେବଳ ହିଁ ଇଚ୍ଛା
ଯେଉଁଠି ଉନ୍ନତି ଧାଏଁ କ୍ଷୟମୁହାଁ ଦେଇ ବିଷର୍ଣ୍ଣତା ଭାବ
ପାଦେ ପାଦେ ଲୋଭ ଦ୍ୱେଷ ଈର୍ଷା ସ୍ଥିତି ଦେଖି ଲାଜମାଡେ ।।
ହେ ଭାଗ୍ୟ ନିୟନ୍ତା,
କେ ତୋଳେ ନଭଶ୍ଚୁମ୍ବୀ ପ୍ରାସାଦ ଆଉ କିଏ ଲଭେ ଇନ୍ଦ୍ର ଭୋଗ,
କେ ଗଢୁଛି ସପ୍ତପିଢ଼ି ଭାଗ୍ୟ ଉର୍ଦ୍ଧ୍ୱେ ଥାଇ ନୀତି କି ନିୟମ,
ପୁଣି ପ୍ରତିଯୋଗୀତାରେ ଜୀବନ ସାଥେ କୁଚକ୍ରୀ ବ୍ୟକ୍ତିତ୍ୱର ଲୀଳା,
ଧ୍ୱଂସମୁଖୀ କୁଟିଳ ନିଷ୍ଠୁର ସ୍ୱାର୍ଥର ସତ୍ତା ଦେଖି ଲାଜମାଡ଼େ ।।
ହେ 'ମୁଁ'ର ପୂଜାରୀ,
ବିବେକର ନ୍ୟାୟ ଆଉ ନୈତିକତା ରୁଦ୍ଧି କର ମନମାନୀ,
ନାରୀର ସମ୍ମାନ ବଦଳେ ଖେଳୁଛ ବହୁ ନିର୍ଯ୍ୟାତନା କ୍ରୀଡ଼ା,
କର୍ତ୍ତବ୍ୟର ଦ୍ୱାହୀ ଦେଇ କରୁଛ ନିଜକୁ ଟଙ୍କାରେ ନିଲାମ,
ଭୋଗହିଁ ଆହ୍ୱାନ ତୁମେ ଲାଳସା ମହାନା ଦେଖି ଲାଜମାଡ଼େ ।।
ହେ କରିତ କର୍ମା,
ସ୍ୱାଧୀନ ଡିଣ୍ଡିମ ପିଟି ଭାଙ୍ଗିଚଟି ପରାଧୀନର ଶୃଙ୍ଖଳ,
ଆଜି ଉଠୁଚି କିଆଁ ଅଶାନ୍ତି ବହ୍ନି ଆଉ ଅଯୌକ୍ତିକ ଲକ୍ଷ୍ୟ,
ସର୍ବଗିଳା ବଡ଼ପଣ ସହ ଅପାଶୋରା ନିନ୍ଦାର ବିଧାନ,
ସମ୍ମାନ ଲିପ୍ସିତ ଗର୍ବୀ ଗମ୍ଭୀର ମାନବ ଦେଖି ଲାଜମାଡେ ।।
ହେ ସ୍ରଷ୍ଟା ଆଜିର,
ବନ୍ଦୀଦିଅ ନଷ୍ଟ ପଥ ଆଉ ଅଧୋମୁଖୀ ସମାଜର ଗତି,
ଅମୂଲ୍ୟ ସୃଜନି ଟାଣିନେଉ ଯେତେ ଅଣନିଶ୍ୱାସୀର ପୀଡ଼ା,
ଛେଦୁ ନିର୍ଲଜ ବିସ୍ତାର କାୟା ହେଉ ଧନ୍ୟ ବ୍ୟକ୍ତିତ୍ୱ ବିକାଶ,
ନୋହିଲେ ଆଗାମୀ ପୀଢ଼ି କହିବ ତୁମକୁ ଦେଖି ଲାଜମାଡେ ।।



**ଠିକଣା:**
**ପ୍ଲଟ ନମ୍ବର-୪ସି-୧୩୯୭**
**ସେକ୍ଟର ୧୧, ସିଡିଏ**
**ଅଭିନବ ବିଡ଼ାନାସୀ, କଟକ-୧୫**

# ସାମ୍ପ୍ରତିକ ସମୟବୋଧ



ଡକ୍ଟର ମନୋରଞ୍ଜନ ବିଷୋୟୀ

ଏକବିଂଶ ଶତକର ବିଶ୍ୱ ସମଗ୍ର ଜଗତ ପାଇଁ ଆଣିଛି ଏକ ଅବିଶ୍ୱାସନୀୟ ପରିବର୍ତ୍ତନ । ଜଗତୀକରଣର ଦୃଷ୍ଟିଭଙ୍ଗୀ ନେଇ ଆଜି ସମଗ୍ର ବିଶ୍ୱ ହୋଇଛି ଗୋଟିଏ ପରିବାର । ବୈଷୟିକ ଜ୍ଞାନର ବିକାଶ ଫଳରେ ପୃଥିବୀର କୋଣ ଅନୁକୋଣରେ ଘଟିଯାଉଥିବା ଘଟଣା ମୁହୂର୍ତ୍ତକ ଭିତରେ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ପୃଥିବୀର ଯେକୌଣସି ଅଞ୍ଚଳରେ ଘଟୁଥିବା ଏକ ଆକସ୍ମିକ ବିପର୍ଯ୍ୟୟ ସମଗ୍ର ବିଶ୍ୱପାଇଁ ଆଣିଛି ସମାନ ଭାବରେ ଦୁଃଖଦ ସ୍ମୃତି । ଏପରିକି ବିଜ୍ଞାନର ଚରମ ଅଭ୍ୟୁଦୟ ଯେତିକି ଆଣିଛି ସମନ୍ୱୟ, ସେତିକି ବି ସୃଷ୍ଟି କରିଛି ବିପର୍ଯ୍ୟୟ । ଯାହାର ଜ୍ୱଳନ୍ତ ଉଦାହରଣ ସଂପ୍ରତି ଦେଖାଦେଇଥିବା ପରିସ୍ଥିତି । ପ୍ରକୃତପକ୍ଷେ କହିବାକୁ ଗଲେ ଆଜି ମଣିଷ ମୁହୂର୍ତ୍ତ ସର୍ବସ୍ୱ ମନସ୍ଥିତିକୁ ନେଇ କାଳ ଅତିବାହିତ କରୁଛି । ଅତୀତର ପ୍ରଲମ୍ବିତ ଯୁଗସର୍ବସ୍ୱ ମନୋବୃତ୍ତି ଆଜି ତିରୋହିତ । ଆଜି ମଣିଷ ପରିବର୍ତ୍ତିତ ପରିସ୍ଥିତି ସହ ସାଲିସ୍ କରିବାକୁ ବାଧ୍ୟ । ସାମ୍ପ୍ରତିକ କାଳରେ ଛଳନାମୟ ରାଜନୈତିକ ଯାତ୍ରା, ଫମ୍ପା ମୂଲ୍ୟବୋଧର ଜୟଗାନ, ମାନବୀୟ ଦୃଷ୍ଟିଭଙ୍ଗୀର ଅବମୂଲ୍ୟାୟନ ସହ ସମ୍ପର୍କ ଓ ସଂପ୍ରୀତିର ମୃତ୍ୟୁ ଘଟିଛି । ପ୍ରତିଷ୍ଠା ଓ ସ୍ୱୀକୃତି କାଙ୍ଗାଳ ମଣିଷ ବସ୍ତୁବାଦୀ ଦୃଷ୍ଟିକୋଣର ମୋହରେ ଆତ୍ମମଗ୍ନ ହୋଇଉଠିଛି । ଭୋଗସର୍ବସ୍ୱ ମନୋବୃତ୍ତି ଆଜି ମଣିଷକୁ ମଣିଷ ପାଖରେ ବିଭେଦର ରେଖା ଟାଣି ଠିଆ କରାଇଛି । ସଂପ୍ରତି ଏହି ସମସ୍ୟା କେବଳ ବ୍ୟକ୍ତିର ନୁହେଁ ; ଏହା ହେଉଛି ସମୟର । ମଣିଷପଣିଆର ଡୋରି କ୍ରମେ ଶିଥିଳ ହେବାରେ ଲାଗିଛି । ଆଜି ପାରସ୍ପରିକ ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପରାହତ ହୋଇଛି । ଦେଶ ଠାରୁ ଆରମ୍ଭ କରି ବିଦେଶ ସର୍ବତ୍ର ଆଜି ମଣିଷ ଆପଣାର ପ୍ରାପ୍ତି ପାଇଁ ; ନିଖିଳ ବିଶ୍ୱକୁ ଉପେକ୍ଷା କରିଚାଲିଛି ।



ଏ ପରିପ୍ରେକ୍ଷୀରେ କହିରଖେ ; ବ୍ୟକ୍ତି ଏକ ବୃହତ୍ତର ପରିସରରେ ସଂଚରିତ ହେବାର ଅଭିପ୍ରାୟ ରଖି ସୃଷ୍ଟି କରିଛି ସମାଜ । ବୃହତ୍ତର ମଣିଷର ସ୍ୱାର୍ଥ ସିଦ୍ଧି ଏବଂ କଲ୍ୟାଣ ଉଦ୍ଦେଶ୍ୟରେ ସମାଜର ପରିକଳ୍ପନା । ସମାଜକୁ ଶୃଙ୍ଖଳିତ କରିବା ଏକ ସାମୂହିକ କଲ୍ୟାଣର ପ୍ରତିଫଳନ ମାତ୍ର ।ନୀତି, ଆଦର୍ଶ, ଚଳଣି ଓ ବିଶ୍ୱାସ ବଞ୍ଚିବାର ମାର୍ଗ ଉପରେ ପର୍ଯ୍ୟବେସିତ । ସମୟର ଧାରାରେ କିନ୍ତୁ ଆଜି ମୂଲ୍ୟବୋଧ କ୍ରମଶଃ ଏକ କ୍ଷୟିଷ୍ଣୁ ପଥରେ ଗତି କରୁଛି । ଦିନେ ଉପନିଷଦୀୟ ଅଭିବ୍ୟକ୍ତର ମଣିଷ ଥିଲା ଅମୃତର ସନ୍ତାନ । ଏ ବିଶ୍ୱ ଏକ ମହତ୍ କାର୍ଯ୍ୟ ସମ୍ପାଦନ ଦିଗରେ ମଣିଷ ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ଜୀବନ ବ୍ୟକ୍ତିରୁ ଆରମ୍ଭ ହୋଇ ପରିବାରକୁ ଆଧାର କରି କ୍ରମେ ବୃହତ୍ତର ସମାଜ ଦିଗରେ ପରିବ୍ୟାପ୍ତ ହୋଇଥିଲା । କିନ୍ତୁ ଆଜିର ଏହି ସଂକଟମୟ ବିଶ୍ୱରେ ଜୀବନ ହୋଇଛି ସତତ ବିଦୀର୍ଣ୍ଣ । ଏଠାରେ କହିରଖେ ; ଭାରତୀୟ ଅନୁଭୂତିରେ ଜୀବନ-ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏକ ଯାତ୍ରାପଥ ମାତ୍ର ନୁହେଁ । ଧର୍ମ, ଅର୍ଥ, କାମ, ମୋକ୍ଷ ପରି ଚତୁଃବର୍ଗ ପ୍ରାପ୍ତି ହେଉଛି ଜୀବନର ଲକ୍ଷ୍ୟ । ଏକଦା ମନୁଷ୍ୟ ବିଶ୍ୱାସ କରୁଥିଲା, ଏକ ବୃହତ୍ତର ସ୍ୱାର୍ଥ ସିଦ୍ଧି ପାଇଁ ଆତ୍ମ ଉତ୍ସର୍ଗ ହିଁ ହେଉଛି ଏକମାତ୍ର ପନ୍ଥା । ସମଗ୍ର ବସୁଧାକୁ ଏକ କୁଟୁମ୍ବ ଭାବରେ ପରିକଳ୍ପନା କରି ସାମୂହିକ ସ୍ୱାର୍ଥସିଦ୍ଧି ନିମନ୍ତେ ବ୍ୟକ୍ତି ଆପଣାକୁ ଉତ୍ସର୍ଗ କରିଥିଲା । କିନ୍ତୁ ପରିବର୍ତ୍ତିତ ପରିବେଶରେ ପରମ୍ପରା କ୍ରମେ ଗଢ଼ି ଆସୁଥିବା ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆଜି ଜୀବନକୁ କରିଛି ବିପର୍ଯ୍ୟସ୍ତ । ଆପଣାର ସ୍ୱାର୍ଥସିଦ୍ଧି ପାଇଁ, ଅହରହ ଚେଷ୍ଟିତ ମଣିଷ ପ୍ରତ୍ୟେକ ମୁହୂର୍ତ୍ତରୁ ସ'ଳତା ହିଁ ଖୋଜି ଚାଲିଛି । ପରିଣତି ସ୍ୱରୂପ ନା' ସେ ବ୍ୟକ୍ତିଗତ ଜୀବନରେ ପାଇଛି ପୂର୍ଣ୍ଣତା ; ନା ସମୂହରେ ପାଇଛି ସ୍ୱୀକୃତି । ବାସ୍ତବିକ କହିବାକୁ ଗଲେ ସାଂପ୍ରତିକ ମଣିଷ ଆଜି ଦୁଇଟି ପୃଥିବୀର ଅଧିବାସୀ । ଗୋଟିଏ ଦିଗରେ ପରମ୍ପରାର ପୃଥିବୀ ତାକୁ ନିତ୍ୟ ପ୍ରତ୍ୟହ ଆନ୍ଦୋଳିତ କଲାବେଳେ, ଅନ୍ୟ ଏକ ପୃଥିବୀ ତାକୁ ପ୍ରତିଷ୍ଠା ଓ ସଫଳତା ଦିଗରେ ଉଚ୍ଚକିତ କରିଛି । ପରିଶେଷରେ କେବଳ ଏତିକି କହିବି- ସାଂପ୍ରତିକ ସମାଜରେ ସମସ୍ୟା ବିଜଡ଼ିତ ମଣିଷ ନିଶ୍ଚିତ ଭାବରେ ଏକ ବିଷଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଏ ବିଷଣ୍ଣତା, ଏ ଅସହାୟତା ; ବ୍ୟକ୍ତିତ୍ୱର ପରାଜୟ ନୁହେଁ । ଭାରତୀୟ ପରମ୍ପରା ଯୁଗେ ଯୁଗେ ଦସ୍ୟୁ ରତ୍ନାକରରୁ ବାଲ୍ମୀକିରେ ରୂପାନ୍ତରଣ ପ୍ରକ୍ରିୟା ପାଇଁ ପଥ ଉନ୍ମୋଚନ କରିଥାଏ । ସେହି ଧାରାରେ ସମାଜର ପୁନଃଗଠନ ଓ ନୈତିକ ଉତ୍ତରଣ ନିମନ୍ତେ ସାମୂହିକ ଉଦ୍ୟମର ଆବଶ୍ୟକତା ରହିଛି ।

✹

ଠିକଣା
**ସ୍ନାତକୋତ୍ତର ଓଡ଼ିଆ ବିଭାଗ**
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର**
**୭୬୦୦୦୭ (ଓଡ଼ିଶା)**
**ସଂପର୍କ: ୮୮୯୫୧୪୧୭୨୭**

# ଓଡ଼ିଶା ରାଜନୀତିରେ ଭୀଷ୍ମ - ନବୀନ



ମନୋଜ ବସନ୍ତରାୟ

ଓଡ଼ିଶାର ରାଜନୈତିକ ଇତିହାସକୁ ପର୍ଯ୍ୟାଲୋଚନା କରିବା ସମୟରେ ଯେଉଁ କେତେଜଣ ରାଜନୀତିଜ୍ଞଙ୍କ ନାମ ଆଗକୁ ଆସେ, ସେମାନଙ୍କ ମଧ୍ୟରୁ ସ୍ୱର୍ଗତ ବିଜୁବାବୁଙ୍କ ପୁତ୍ର ଧୂରିଣ ରାଜନୀତିଜ୍ଞ ନବୀନ ପଟ୍ଟନାୟକ ଅନ୍ୟତମ । ବିଗତ ୨୦୦୦ ମସିହା ଠାରୁ ଅଦ୍ୟାବଧି ସେ ୫ଥର ବିପୁଳ ବିଜୟ ଲାଭ କରି ସର୍ବାଧିକ ସମୟ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ନିଜ ପିତା ତଥା ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅନେକ ଅଧୁରା ସ୍ୱପ୍ନକୁ ସେ ସାକାର କରେଇ ପାରିଛନ୍ତି । ବିଜୁବାବୁଙ୍କ ଦେହାନ୍ତ ପରେ ରାଜନୀତିରେ ଅଭିଜ୍ଞତା ନଥିବା ନବୀନ ବାଧ୍ୟବାଧକତାରେ ରାଜନୀତିରେ ପ୍ରବେଶ କଲେ । ସେତେବେଳେ ବିରୋଧି ରାଜନୈତିକ ଦଳ ଅନେକ କଟାକ୍ଷ କରି କହିଥିଲେ ସେ କ'ଣ ରାଜନୀତିରେ ତିଷ୍ଠି ପାରିବେ ? ମାତ୍ର ପର ମୂହୁର୍ତ୍ତରେ ନବୀନ ସବୁ କଳ୍ପନା ଜଳ୍ପନାକୁ ଭୁଲ ପ୍ରମାଣିତ କରି ଜଣେ ଜନପ୍ରିୟ, ସୁଦକ୍ଷ, ସକ୍ରିୟ ଓ ଚତୁର ରାଜନୀତିଜ୍ଞ ଭାବେ ନିଜକୁ ପ୍ରମାଣିତ କରିଦେଲେ । ବିଜୁବାବୁଙ୍କ ଜନତା ଦଳର ବିଭାଜନ ଦେଖାଦେବାରୁ, ନବୀନ ଏଥିରୁ ଓହରି ଯାଇ ନିଜ ନେତୃତ୍ୱରେ ବିଜୁ ଜନତା ଦଳ ଗଠନ କରି ମାତ୍ର ୨ମାସ ମଧ୍ୟରେ ସେ ଦଳର ୧୨ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୯ଜଣଙ୍କୁ ଜିତାଇ ଦ୍ୱାଦଶ ଲୋକସଭାକୁ ପଠାଇ ରାଜନୀତିରେ ଜଣେ ଚର୍ଚ୍ଚିତ ଚେହେରା ପାଲଟିଗଲେ । ଯେଉଁମାନେ ବିଜୁ ଜନତା ଦଳ ଗଠନ ସମୟରେ ତାଙ୍କ ସହିତ ରହି ପରୋକ୍ଷରେ ତାଙ୍କ ବିରୋଧରେ କାର୍ଯ୍ୟ କରୁଥିଲେ ସେମାନଙ୍କୁ ସେ ଉଚିତ୍ ଜବାବ ଦେଇଛନ୍ତି । ଦଳ ବିରୋଧି କାର୍ଯ୍ୟପାଇଁ ସେମାନଙ୍କୁ ଦଳରୁ ବହିଷ୍କୃତ କରାଯାଇଛି । ପ୍ରଥମେ ସେ ଏନ୍.ଡି.ଏର ମୁଖ୍ୟ ଅଂଶୀଦାର ଭାରତୀୟ ଜନତା ପାର୍ଟି ସହିତ ମେଣ୍ଟ କରି ନିର୍ବାଚନରେ ବିଜୟ ହାସଲ କରିଥିଲେ ମଧ୍ୟ ସେ କେତେକ କାରଣରୁ ଏହି ମେଣ୍ଟରୁ ଓହରି ଆସିଥିଲେ । ସେତେବେଳେ ଅନ୍ୟାନ୍ୟ ବିରୋଧି ଦଳ ଓ ରାଜନୈତିକ ସମୀକ୍ଷକମାନେ ଭାବିଥିଲେ ଯେ, ନବୀନ ମେଣ୍ଟ ଭାଙ୍ଗିଦେଇ ମସ୍ତବଡ ଭୁଲ କରିଛନ୍ତି । ମାତ୍ର ସବୁ କଥା ଓ ଆଶଙ୍କାକୁ ଭୁଲ ପ୍ରମାଣିତ କରି ବିଜୁ ଜନତା ଦଳକୁ ଅଧିକ ଆସନରେ ଜିତାଇ ନିଜର ଜୟଯାତ୍ରା ବଜାୟ ରଖିଲେ ।

ନିଜେ ଅବିବାହିତ ରହି ଜନତା ଜନାର୍ଦ୍ଦନଙ୍କ ସେବାରେ ସମୟ ଦେଇ ବିଭିନ୍ନ ଜନକଲ୍ୟାଣୀକାରୀ ଯୋଜନା ମାଧ୍ୟମରେ ଓଡ଼ିଶାର ସମସ୍ତଙ୍କ ଆଦରର ପ୍ରିୟ ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି । ଅପାରଗ ଦୁର୍ନିତିଗ୍ରସ୍ତ, ମନ୍ତ୍ରୀ, ଅସାଧୁନେତା, ଲାଞ୍ଚଖୋର ପ୍ରଶାସନିକ ଅଧିକାରୀମାନଙ୍କୁ ସେ ଉଚିତ ଶିକ୍ଷା ଦେଇଛନ୍ତି । ପିତା ବିଜୁବାବୁଙ୍କ ଦେହାନ୍ତ ପରେ ୧୯୯୭ ଜୁନ ମାସରେ ହୋଇଥିବା ଲୋକସଭା ଉପନିର୍ବାଚନରେ ନବୀନ ଜନତା ଦଳ ପକ୍ଷରୁ ପ୍ରାର୍ଥି ହୋଇ ଆସ୍କା ନିର୍ବାଚନ ମଣ୍ଡଳୀରୁ ବିପୁଳ ଭୋଟରେ ବିଜୟୀ ହୋଇ ଏକାଦଶ ଲୋକସଭାରେ ପ୍ରବେଶ କରି ସେ Consultive Committee of Ministry of Steel and mines, Members of the Library Committee of Parliament, Member of Standing Committee of Parliament for Commerce ଭାବରେ ମନୋନୀତ ହୋଇଥିଲେ । ୧୯୯୯ ମସିହାରେ ସେ ପ୍ରଧାନମନ୍ତ୍ରୀ ଭରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ଖଣି ମନ୍ତ୍ରଣାଳୟର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ୧୯୯୯ ମହାବାତ୍ୟା ବିପର୍ଯ୍ୟୟ ପରିଚାଳନାରେ ତତ୍କାଳୀନ କଂଗ୍ରେସ ସରକାର ସଂପୂର୍ଣ୍ଣ ବିଫଳ ହେଲେ । ୨୦୦୦ ମସିହାରେ ଓଡ଼ିଶା ବିଧାନସଭା ନିର୍ବାଚନରେ ବିଜୟୀ ହୋଇ ବିଜୁବାବୁଙ୍କ ଜନ୍ମଦିନ ଅବସରରେ ମାର୍ଚ୍ଚ ମାସ୫ ତାରିଖରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ । ଜୀବିତାବସ୍ଥାରେ ବିଜୁବାବୁ ଚାହୁଁନଥିଲେ ନିଜ ପରିବାରର କୌଣସି ସଦସ୍ୟଙ୍କୁ ରାଜନୀତିକୁ ଆଣିବା ପାଇଁ । ରାଜନୀତି ପାଇଁ ନବୀନବାବୁ ସମ୍ପୂର୍ଣ୍ଣ ଅନାସକ୍ତ ଥିଲେ । କିନ୍ତୁ ୧୯୯୭ ମସିହା ଏପ୍ରିଲ ୧୭ ତାରିଖ ତାଙ୍କ ଜୀବନର ଚିନ୍ତା ଚେତନା ଓ ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇ ଦେଲା । ନବୀନ ବାବୁ ତାଙ୍କ ପିତାଙ୍କ ପରି ଦୁଃସାହସିକ ପଦକ୍ଷେପ ନେଇ ଓଡ଼ିଶା ପ୍ରତି କେନ୍ଦ୍ର ଅବହେଳାର ସ୍ୱରକୁ ଶାଣିତ କଲେ । କେନ୍ଦ୍ର ସରକାରଙ୍କ ନିକଟରେ ଅଦ୍ୟାବଧି ବାରମ୍ବାର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ ପାଇଁ ସେ ଦୃଢ଼ ଦାବି ଉପସ୍ଥାପନା କରି ଆସୁଛନ୍ତି । ନବୀନ ବିଜେପି ଓ କଂଗ୍ରେସଠାରୁ ସମଦୂରତା ବଜାୟ ରଖି ଏକା ନିଜସ୍ୱ ଶକ୍ତି ବଳରେ ରାଜ୍ୟର ବିକାଶ ପାଇଁ ଦୃଢ଼ ସଂକଳ୍ପବଦ୍ଧ ହୋଇ ରାଜ୍ୟର ସମୃଦ୍ଧିର ଦିଗରେ କାର୍ଯ୍ୟ କରି ଚାଲିଛନ୍ତି ।

ନବୀନ ଜଣେ ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠ, ମୁଖ୍ୟମନ୍ତ୍ରୀ ଭାବରେ ସେ ନିୟମିତ ନିଜ କାର୍ଯ୍ୟାଳୟକୁ ଯାଆନ୍ତି ଓ ନିଜେ ସମସ୍ତ କାର୍ଯ୍ୟକୁ ତଦାରଖ କରନ୍ତି । ନବୀନ ବାବୁ ବିଭିନ୍ନ ସମୟରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ମହାବାତ୍ୟା ପରବର୍ତ୍ତୀ ଅବସ୍ଥାରେ ଓଡ଼ିଶାରେ ଆର୍ଥିକ, ସାମାଜିକ, ଭୌଗୋଳିକ କ୍ଷେତ୍ରରେ ଉନ୍ନତି ପାଇଁ ବିଭିନ୍ନ ଯୋଜନାକରି ସେସବୁର ସଫଳ ରୂପାୟନ ପାଇଁ ଉଦ୍ୟମ କଲି ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ ଦେଲି । ଜନସାଧାରଣ ମୋ' କାମ ଦେଖିଲେ ଓ ପ୍ରଶଂସା କଲେ ମୋର ପ୍ରଧାନମନ୍ତ୍ରୀ ହେବାର ଆକାଂକ୍ଷା ନାହିଁ । ମୁଁ ମୋ ମା' ମାଟି, ପାଣି , ପବନ, ମୋ ଜନ୍ମଭୂମୀ ଓଡ଼ିଶା ଏବଂ ମୋର ଅତି ଆପଣାର କୋଟି କୋଟି ଓଡ଼ିଆଙ୍କୁ ଛାଡି ଯିବାକୁ ଚାହେଁନା । ଓଡ଼ିଶାର ବିକାଶ ଓ ମୋ ଲୋକଙ୍କର ଭଲମନ୍ଦ ବୁଝିବା ମୋର ପ୍ରଧାନ କର୍ତ୍ତବ୍ୟ । ଦାରିଦ୍ର୍ୟ ବିରୁଦ୍ଧରେ ମୋର ସଂଗ୍ରାମ, କୃଷି ଓ କୃଷକ ମାନଙ୍କ ଉନ୍ନତି, ଆଦିବାସୀ ଓ ଗରିବ ଅସହାୟ ଜନତାଙ୍କ ପାଇଁ କଲ୍ୟାଣକର ଯୋଜନା, ଦୁର୍ନିତୀମୁକ୍ତ ନିର୍ମଳ ପ୍ରଶାସନ ପାଇଁ ଲୋକେ ମୋତେ ଭଲ ପାଇଁ ଆସୁଛନ୍ତି ଏବଂ କ୍ରମାଗତ ଭାବେ ମୋତେ ସେମାନଙ୍କର ନେତା ବାଛି ଚାଲିଛନ୍ତି । ବିଜୁ ଯୁବ ବାହୀନୀର ରାଜ୍ୟ ସମାବେଶରେ ନବୀନ ବାବୁଙ୍କ ଉକ୍ତି ବେଶ୍ ପ୍ରଣିଧାନ ଯୋଗ୍ୟ । ସେ କହିଥିଲେ ଆପଣମାନଙ୍କ ଭଳି ଯୁବକଯୁବତୀ ଦେଶର ଭବିଷ୍ୟତ ଗଠନରେ ବିଶେଷ ସହାୟକ ହୋଇପାରିବେ । ନିଷ୍ଠା, ନିରନ୍ତର ଉଦ୍ୟମ, ସତ୍‌ସାହସ ବଳରେ ଆପଣମାନେ ରାଜ୍ୟର ଶିକ୍ଷା, ସଂସ୍କୃତି, କ୍ରୀଡା, କଳା ପ୍ରଭୃତି କ୍ଷେତ୍ରରେ ନିଜକୁ ନିୟୋଜିତ କରି ରାଜ୍ୟର ପ୍ରଗତି ସାଧନ କରିବା ସହିତ ଦେଶକୁ ପ୍ରଗତିର ରାସ୍ତାରେ ଅଗ୍ରଗାମୀ କରାଇପାରିବେ ।

ନବୀନଙ୍କ ଦୃଢ଼ ନେତୃତ୍ୱ ଯୋଗୁଁ ୧୯୯୯ରେ ୧୦ଟି, ୨୦୦୪ରେ ୧୨ଟି, ୨୦୧୪ରେ ୨୦ଟି, ୨୦୧୯ରେ ୧୩ଟି ଲୋକସଭା ସିଟ୍ ବିଜେଡି ଖାତାକୁ ଗଲା । ସେହିପରି ୧୯୯୯ରେ ୧୧୩, ୨୦୦୪ରେ ୧୧୩ ୨୦୦୯ ରେ ୧୦୩, ୨୦୧୪ ରେ ୧୧୭ ଓ ୨୦୧୯ରେ ୧୧୨ ବିଧାନସଭା ସିଟ୍ ବିଜେଡି ଖାତାକୁ ଯାଇଥିଲା । ଜନହିତକର କାର୍ଯ୍ୟକ୍ରମ ଉତ୍ତମ ପ୍ରଶାସନ , ନିର୍ମଳ ଭାବମୂର୍ତ୍ତି ଓ ରାଜନୈତିକ ସ୍ଥିରତା ପାଇଁ ନବୀନ ଲଗାତର ୫ଥର ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ଲାଭ କରି ମୁଖ୍ୟମନ୍ତ୍ରୀ ଭାବରେ ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ରେକର୍ଡ ଭଙ୍ଗ କରିଛନ୍ତି । ୨୦୦୩ରୁ ଅଦ୍ୟାବଧି ନବୀନ ଓଡ଼ିଶାର ବିକାଶ ଓ ସର୍ବସାଧାରଣଙ୍କ ଉନ୍ନତି ନିମନ୍ତେ ବିଭିନ୍ନ ଲୋକହିତକର ଯୋଜନା ମାନ କାର୍ଯ୍ୟକାରୀ କରି ଆସୁଛନ୍ତି । ୨୦୦୩ରେ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା, ୨୦୦୫ରେ ମହାତ୍ମାଗାନ୍ଧୀ ବୁଣାକାର ବୀମାଯୋଜନା, ୨୦୦୭ରେ ମୋ ଜମି ମୋ ଡ଼ିହ, ବିଜୁ ଗ୍ରାମ ଜ୍ୟୋତି, କିଶୋରୀ ଶକ୍ତି ଯୋଜନା, ୨୦୦୮ରେ ବସୁନ୍ଧରା, ମଧୁବାବୁ ପେନସନ, ବାଣିଶ୍ରୀ ଯୋଜନା, ୨୦୧୦ରେ ବିଜୁ ସହରାଞ୍ଚଳ ବିଦ୍ୟୁତକରଣ ଯୋଜନା, ୨୦୧୧ରେ ବିଜୁ କୃଷକ କଲ୍ୟାଣ, ମମତା ଯୋଜନା, ୨୦୧୪ରେ ମତ୍ସ୍ୟଜୀବୀ ବାସଗୃହ, ବିଜୁ ଗାଁ ଗାଡି ଯୋଜନା, ୨୦୧୫ରେ ଆକାଂକ୍ଷା, ଅନ୍ୱେଷା, ନିରାମୟ, ଆହାର ଯୋଜନା, ୨୦୧୬ରେ ବିଜୁ କନ୍ୟାରତ୍ନ ବରିଷ୍ଠ ବୁଣାକାର ସହାୟତା, ବିଜୁ ଶିଶୁ ସୁରକ୍ଷା, ଉଜ୍ୱଳ, ମଧୁବାବୁ ଆଇନ ସହାୟତା ଯୋଜନା, ୨୦୧୭ରେ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ, ଖାଦ୍ୟ ସୁରକ୍ଷା, ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ, ମୋବାଇଲ, ଅନମୋଲ, ସୁଦକ୍ଷା, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପୁରସ୍କାର ବିଜୁ ଗାଡି ଚାଳକ ବୀମା, ସି.ଇ.ଜିଏସ୍. ସମ୍ପୂର୍ଣ୍ଣା, ମତ୍ସ୍ୟଚାଷ, ତୃତୀୟ ପ୍ରକୃତି ସୁରକ୍ଷା ଅଭିଯାନ, ଅବଢ଼ା, ମୁଖ୍ୟମନ୍ତ୍ରୀ ଆଡିବନ୍ଧ, ସ୍ୱର୍ଣ୍ଣ, ଉନ୍ନତି, ବସୁଧା, ଗଙ୍ଗାଧର ମେହେର ଶିକ୍ଷାମାନବ ବୃଦ୍ଧି, ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା, ୨୦୧୮ରେ ବିଜୁଯୁବ ସଶକ୍ତିକରଣ, ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି, ଭୂଚେତନା, ଆମ କ୍ଲିନିକ୍, ମହିଳା ଚାଷୀଙ୍କ ପାଇଁ ମାଗଣା ସ୍ମାର୍ଟଫୋନ୍ ଯୋଗାଣ, ଓଡ଼ିଶା ନିଦାନ, ଖୁସି, ବିଜୁ ପକ୍କାଘର, ବିଜୁ ସ୍ୱାସ୍ଥ୍ୟକଲ୍ୟାଣ, ମହାପ୍ରୟାଣ, ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟବୀମା, କାଳିଆ, ପିଠା, ନୀଳବିପ୍ଳବ, ଆମ ଗାଁ ଆମ ବିକାଶ, ନିର୍ମାଣ କୁସୁମ, ବରିଷ୍ଠ ନାଗରିକ ତୀର୍ଥଯାତ୍ରା, ହବିଷ୍ୟାଳି, ଜାଗାମିଶନ / ଆମ ସହର ଆମ ଉନ୍ନତି ଯୋଜନା ଗୁଡ଼ିକୁ ନବୀନ ବାବୁ ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରି କରାଇ ପାରିଛନ୍ତି । ଜାଗା ମିଶନ ଜରିଆରେ ରାଜ୍ୟର ପୌରାଞ୍ଚଳ ଏବଂ ଏନ୍.ଏ.ସି.ରେ ବାସ କରୁଥିବା ୧୮ ଲକ୍ଷ ବସ୍ତିବାସିନ୍ଦାଙ୍କ ପାଇଁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରେ ଘର, ବାସୋପଯୋଗୀ ଜାଗା ତତ୍‌ସହିତ ପାଇପ୍‌ଜଳ, ରାସ୍ତା, ପାଇଖାନା, ଜୀବିକା, ଏଲ.ଇ.ଡି. ଲାଇଟ ପାର୍କ, ଖେଳପଡ଼ିଆ, ଷ୍ଟ୍ରୀଟ୍ ଲାଇଟ୍, ଗୋଷ୍ଠୀ କେନ୍ଦ୍ର ଆଦି ବ୍ୟବସ୍ଥା କରାଯିବ । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୩କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥିମଧ୍ୟରୁ ପୁରୁଷମାନଙ୍କ ପାଇଁ ୫ଲକ୍ଷ ଓ ମହିଳା ମାନଙ୍କ ପାଇଁ ୭ଲକ୍ଷ ବୀମା ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ରକ୍ତ ଭଣ୍ଡାରକୁ ମାଗଣାରେ ରକ୍ତ ଯୋଗାହେବ ଏବଂ ଏହି ଯୋଜନା ଅନ୍ତର୍ଗତ 'ସୁନେତ୍ର' ଯୋଜନାରେ ମାଗଣା ମୋତିଆ ବିନ୍ଦୁ ଅସ୍ତ୍ରୋପଚାର, ଚକ୍ଷୁ ପରୀକ୍ଷା ଓ ଚଷମା ପ୍ରଦାନ କାର୍ଯ୍ୟ କରାଯାଇପାରୁଛି ।

ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ଅଧିନରେ ପରିଚାଳିତ ସମ୍ପୂର୍ଣ୍ଣ ଯୋଜନା ମାଧ୍ୟମରେ ଗର୍ଭବତୀ ମହିଳା ଏବଂ ପ୍ରସୂତୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ସ୍ୱର୍ଣ୍ଣ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ କ୍ରୀଡାର ବିକାଶ ସାଧିତ ହେବା ସହ ଦୂରଦୂରାନ୍ତରୁ ଖେଳାଳୀମାନେ ଆସି କ୍ରୀଡା କ୍ଷେତ୍ରରେ ସୁନାମ ଅର୍ଜନ କରୁଛନ୍ତି । ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ୫ଲକ୍ଷ ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଉଛି । ଖାଦ୍ୟ ସୁରକ୍ଷା ଯୋଜନା ଅଢ଼େଇ କୋଟିରୁ ଅଧିକ ଲୋକ ଟଙ୍କିକିଆ ଚାଉଳ, ଗହମ ପାଇ ଉପକୃତ ହେଉଛନ୍ତି । ମଧୁବାବୁ ପେନ୍‌ସନ୍ ଯୋଜନା ମାଧ୍ୟମରେ ବୃଦ୍ଧା, ବିଧବା ଏବଂ ଅସହାୟମାନଙ୍କୁ ମାସିକ ୫୦୦ ଟଙ୍କା ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ନିରାମୟ ଯୋଜନା କାର୍ଯ୍ୟକାରୀ କରାଯାଇ ଲକ୍ଷାଧିକ ଲୋକଙ୍କୁ ମାଗଣାରେ ଔଷଧ ପ୍ରଦାନ କରାଯାଉଛି । ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନରେ ଆହାର ଯୋଜନା ଲାଗୁ କରାଯାଇ ଛୁଟିଦିନ ବ୍ୟତୀତ ଅନ୍ୟଦିନରେ ଶସ୍ତାରେ ମାତ୍ର ୫ଟଙ୍କା ବିନିମୟରେ ୧୧୪ଟି ପୌରାଞ୍ଚଳରେ ଦିନବେଳା ଓ ୬୦ଟି ହସ୍‌ପିଟାଲ କ୍ୟାମ୍ପସ୍‌ରେ ଦିବାରାତ୍ର ଭାତ,ଡାଲମା ଦିଆଯାଉଛି । ଏହି କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟସରକାର ୬୫ଟି ଗାଡି ଯୋଗାଇ ଦେଇଛନ୍ତି । ହାତଗଣତି କେତେକ ଯୋଜନାକୁ ଛାଡି ଦେଲେ ଅନ୍ୟାନ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇପାରିଛି । ଏସବୁର ଶ୍ରେୟ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ବାବୁ ପାଇ ସାରିଛନ୍ତି । ୨୦୧୯ ଫେବୃୟାରୀ ମାସରେ ଟାଟାଷ୍ଟିଲ ଏବଂ ଓଡ଼ିଶା ସରକାରଙ୍କ ସହଭାଗିତାରେ ବାଲିଆପାଳର ଚଉମୁଖରେ ସୁବର୍ଣ୍ଣରେଖା ବନ୍ଦରର ଭିତ୍ତି ସ୍ଥାପନ କରାଯାଇ ୫୦୦୦ କୋଟିର ବ୍ୟୟବରାଦ କରାଯାଇଛି । ଯାହାକି ୫୫ ମିଲିୟନ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ବାର୍ଷିକ ପଣ୍ୟକାରବାର କରିବା ସହିତ ୧୨ ହଜାର ଯୁବକ ଯୁବତୀଙ୍କୁ କର୍ମନିଯୁକ୍ତି ଯୋଗାଇ ପାରିବ । ରାଜ୍ୟର ସୁଶାସନ ପାଇଁ ସେ ୫ଟି ବ୍ୟବସ୍ଥାକୁ ଲାଗୁ କରିଛନ୍ତି । ଏହି ୫ଟି ମାଧ୍ୟମରେ ବିଭିନ୍ନ ବିଭାଗକୁ ଯୋଡି, ଦଳଗତ କାର୍ଯ୍ୟ, କୌଶଳ, ଯୋଗାଯୋଗ ଓ ସମନ୍ୱୟ ଏବଂ ସମୟାନୁବର୍ତ୍ତୀକୁ ସେ ଗୁରୁତ୍ୱ ଦେଇଛନ୍ତି ।

ଏହାଛଡା ବିପର୍ଯ୍ୟସ୍ତ ପରିଚାଳନାର ମୁକାବିଲା କରିବାକୁ ଯାଇ ୧୯୯୯ ମସିହା ମହାବାତ୍ୟା, ୨୦୧୩ ମସିହା ଫାଇଲିନ୍, ହୁଦ୍‌ହୁଦ୍, ନୀଲମ, ଅମ୍ଫନରେ ଓଡ଼ିଶାର ସଫଳତା ହେତୁ ମୁଖ୍ୟମନ୍ତ୍ରୀଙ୍କୁ ଜାତିସଂଘର ପ୍ରଶଂସା ମିଳିଛି । ଓଡ଼ିଶାର କଳିଙ୍ଗ ଷ୍ଟାଡିୟମରେ ପୁରୁଷ ହକି ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରି ସମଗ୍ର ବିଶ୍ୱର ସେ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । Indian National Trust for Art and Cultural Heritage (INTACH) ର ପ୍ରତିଷ୍ଠାତା ସଦସ୍ୟ ଭାବେ ସେ ଓଡ଼ିଶା ନେତାଙ୍କ ମଧ୍ୟରେ ପ୍ରଥମ, ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ପ୍ରଥମ । ଇଣ୍ଡିଆ ଟୁଡେ ସର୍ଭେରେ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପ୍ରଥମ । କ୍ରମାଗତ ଭାବେ କେନ୍ଦ୍ରରୁ କୃଷିକର୍ମଣ ପୁରସ୍କାର ପାଇବାରେ ଓଡ଼ିଶା ପ୍ରଥମ । କୋଭିଡ଼ ପରିଚାଳନା କ୍ଷେତ୍ରରେ ଦେଖିବାକୁ ଗଲେ ସଂକ୍ରମଣ ହାର ଓ ମୃତ୍ୟୁସଂଖ୍ୟା ଦେଶର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ବହୁତ କମ୍ । ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦଳ ବିଜେପି ଲୋକପ୍ରିୟ ହୋଇଥିବା ସ୍ଥଳେ, ଓଡ଼ିଶାର ଲୋକମାନେ ନବୀନଙ୍କ ସହିତ ଅଛନ୍ତି । ଏହାର ସଦ୍ୟତମ ପ୍ରମାଣ ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନରୁ ଜଣାପଡ଼ିଯାଉଛି । ବାଲେଶ୍ୱର ଆସନଟିକୁ ବିଜେପି ହାତରୁ ଛଡାଇ ଆଣିବା ଏବଂ ତିର୍ତ୍ତୋଲରେ ପୂର୍ବତନ ମନ୍ତ୍ରୀ ବିଷ୍ଣୁଦାସଙ୍କ ପୁତ୍ରକୁ ଜିତାଇ ଆଣିବାରେ ନବୀନଙ୍କ ଲୋକପ୍ରିୟତା ସହଜରେ ଅନୁମେୟ ।

✹

**- ନୂଆପଡା, ଲେବର କଲୋନୀ, କଟକ**
**ମୋ: ୯୮୬୧୫୭୫୦୮୮**




# ଥାନାରେ ନ୍ୟାୟ ନପାଇ ଆତ୍ମାହୁତି ଘଟଣା: ଆଇଆଇସି ନିଲମ୍ବିତ




**କିଶନନଗର(ଏନ୍.ଏମ୍.):** ଥାନାରୁ ନ୍ୟାୟ ନପାଇ ଆତ୍ମାହୁତି ଉଦ୍ୟମ କରିବା ଏବଂ ଚିକିତ୍ସାସମୟରେ ମୃତ୍ୟୁବରଣ କରିବା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ତେବେ ଏହି ଘଟଣା ଦିନକୁ ଦିନ ବିବାଦୀୟ ମୋଡ଼ ନେବା ପରେ ଆଜି ଡିଜିପି କିଶନର ନଗର ଥାନା ଆଇଆଇସିଙ୍କୁ ନିଲମ୍ବିତ କରିଛନ୍ତି। ସୂଚନା ଅନୁଯାୟୀ ଚଳିତ ମାସ ଗତ ୨୩ ତାରିଖ ଦିନ କିଶନନଗର ଥାନା ସମ୍ମୁଖରେ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ଗୁଣନିଧି ବିଶୋଇ। ଜମିଜମା ବିବାଦକୁ ନେଇ ସେ ଥାନାର ବାରମ୍ବାର ଦ୍ୱାରସ୍ଥ ହେଉଥିଲେ। ହେଲେ ତାଙ୍କୁ ନ୍ୟାୟ ମିଳୁନଥିଲା ବୋଲି ଅଭିଯୋଗ ହୋଇଥିଲା। ଶେଷରେ ସେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ଏସସିବି ମେଡ଼ିକାଲ ଓ ପରେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯେଉଁଠି ତାଙ୍କର ମୃତ୍ୟୁ ହୋଇଥିଲା। ଏଥିରେ କିଶନନଗର ଥାନା ଆଇଆଇସିଙ୍କ କାର୍ଯ୍ୟରେ ଅବହେଳା ଯୋଗୁଁ ସେ ଆତ୍ମହତ୍ୟା କରିଥିଲେ ବୋଲି ମୃତକଙ୍କ ପୁଅ ଅଭିଯୋଗ କରିଥିଲେ। ଏହି ଘଟଣାକୁ ବିଚାରକୁ ନେଇ ଘଟଣାର ତଦନ୍ତ କରି କିଶନନଗର ଥାନା ଆଇଆଇସି ସସ୍ମିତା ରଣାଙ୍କୁ ଡିଜିପି କାଯ୍ୟରୁ ନିଲମ୍ବିତ କରିଛନ୍ତି। ଆଇଆଇସିଙ୍କର ମନମୁଖୀ କାର୍ଯ୍ୟ ଓ କାର୍ଯ୍ୟରେ ଅବହେଳା ପାଇଁ ଗୋଟେ ନୀରିହ ଲୋକ ଆତ୍ମହତ୍ୟା କରିଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ଏଭଳି ଘଟଣାରେ ଆଇଆଇସିଙ୍କର ନିଲମ୍ବନ ପରେ ମୃତକ ଗୁଣନିଧିଙ୍କ ପରିବାରକୁ କିଛିଟା ଆସ୍ୱସ୍ତି ମିଳିଥିବା କୁହାଯାଉଛି। ତେବେ କିଶନ ନଗର କାହିଁକି ସମ୍ପୂର୍ଣ୍ଣ ରାଜ୍ୟରେ ପୁଲିସ କର୍ମତତ୍ପରତା ଦେଖାଇବା ଏବଂ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଉପରେ ଓଡ଼ିଶା ପୁଲିସ କାର୍ଯ୍ୟ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେବ ସହ ଡିଜିପି ଏଭଳି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେଇଥିବାରୁ ସାଧାରଣରେ ସ୍ୱାଗତ କରାଯାଇଛି।

### ଜିଲ୍ଲାପାଳଙ୍କ ନାମରେ ଗୋଟିଏ ନୁହେଁ ୨ଟି ଜାଲ ହ୍ୱାଟସଆପ ରହିଛି

# ସାଇବର ଥାନାରେ ପୁଣି ଆଉ ଏକ ଏତଲା

**କଟକ(ଏନ୍.ଏମ୍.):** କଟକ ଜିଲ୍ଲାପାଳଙ୍କ ନାମରେ ଜାଲ ହ୍ୱାଟସଆପ ଖୋଲାଯିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଏବେ କେଉଁ ଉଦ୍ଦେଶ୍ୟ ରଖି କିଏ ଜିଲ୍ଲାପାଳଙ୍କ ନାମରେ ଜାଲ ହ୍ୱାଟସଆପ ଖୋଲିଛି ତାହା ଜଣାପଡ଼ିନଥିଲେ ମଧ ତଦନ୍ତ ଜାରି ରହିଛି। ତେବେ ଜିଲ୍ଲାପାଳଙ୍କ ନାମରେ ଗୋଟିଏ ନୁହେଁ ବରଂ ୨ଟି ଜାଲ ହ୍ୱାଟସଆପ ଖୋଲାଯାଇଥିବା ଜଣାପଡ଼ିଛି। ଯଥାକ୍ରମେ ୭୬୯୬୯୧୮୧୫୧ ଏବଂ ୯୫୨୮୫୪୧୮୨୬ ନମ୍ବରରେ ଜାଲ ହ୍ୱାଟ୍ସଆପ ଆକାଉଣ୍ଟ ସୃଷ୍ଟିକରାଯାଇଥିବା ନେଇ ଜିଲ୍ଲାପାଳ କଟକ ସାଇବର ଥାନାରେ ଏତଲା ଦାୟର କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ କଟକ ଜିଲ୍ଲାପାଳ ଭବାନୀଶଙ୍କର ଚୟନୀଙ୍କ ନାମରେ ୭୬୯୬୯୧୮୧୫୧ ନମ୍ବର ଜରିଆରେ ଗତକାଲି ଜାଲ ହ୍ୱାଟ୍ସଆପ ଆକାଉଣ୍ଟ ସୃଷ୍ଟି କରାଯାଇ ଠକେଇ ମାଧମରେ ଅର୍ଥ ଆଦାୟ ପାଇଁ ଉଦ୍ୟମ କରାଯାଇଥିବା ବେଳେ ଆଜି ମଧ ଆଉ ଏକ ଜାଲ ହ୍ୱାଟ୍ସଆପ (୯୫୨୮୫୪୧୮୨୬) ନମ୍ବର ଜରିଆରେ ସଂପୃକ୍ତ ବ୍ୟକ୍ତି ଜଣକ ଏଭଳି କାର୍ଯ୍ୟ ଜାରି ରଖିଥିବା ପୁନର୍ବାର ଜିଲ୍ଲାପାଳଙ୍କ ଦୃଷ୍ଟିଗୋଚର ହୋଇଛି। ଏଥିନିମନ୍ତେ ଜିଲ୍ଲାପାଳ ଶ୍ରୀ ଚୟନୀ ସାଇବର ଥାନାରେ ପୁଣିଥରେ ଏତଲା ଦାୟର କରିବା ସଙ୍ଗେ ସଙ୍ଗେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଟକ ଭୁବନେଶ୍ୱର ପୁଲିସ କମିଶନର ଓ କଟକ ଡିସିପିଙ୍କୁ ଜଣାଇଛନ୍ତି। ଏଣୁ ଏହି ୨ଗୋଟି ହ୍ୱାଟସଆପ ନମ୍ବର ମାଧମରେ ପ୍ରେରଣ କରାଯାଉଥିବା ବାର୍ତ୍ତାକୁ ବିଶ୍ୱାସକୁ ନନେଇ ଉପରୋକ୍ତ ନମ୍ବର ଦୁଇଟିକୁ ଅବରୋଧ ବା ବ୍ଲକ(ଅଚଳ) କରିବାପାଇଁ ଜିଲ୍ଲାପାଳ ଶ୍ରୀ ଚୟନୀ ଜିଲ୍ଲାବାସୀଙ୍କୁ ଅନୁରୋଧ କରିଛନ୍ତି। ଯୋଜନାବଦ୍ଧ ଭାବରେ ଏଭଳି ଉଦ୍ୟମ କରାଯାଇଥିବା ଅନୁମାନ କରାଯାଉଛି। ତେବେ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଜିଲ୍ଲାବାସୀଙ୍କ ହିତ ଦୃଷ୍ଟିରୁ ଏଭଳି ଅପରାଧିକ କାର୍ଯ୍ୟକଳାପରେ ଜଡିତ ଥିବା ବ୍ୟକ୍ତି ବିଶେଷଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ସମସ୍ତ ଜନସାଧାରଣ ଓ ଗଣମାଧମ ପ୍ରତିନିଧି ସହଯୋଗ ଜାରି ରଖିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ଧରି ସାଇବର ଅପରାଧୀମାନେ ହାଇପ୍ରୋଫାଇଲ ବା ସମାଜରେ ପ୍ରତିଷ୍ଠିତ ବା ଉଚ୍ଚ ପଦପଦବୀରେ ଅଧିଷ୍ଠିତ ବ୍ୟକ୍ତିମାନଙ୍କ ନାମରେ ଜାଲ ଆକାଉଣ୍ଟ ସୃଷ୍ଟିକରି ଏଭଳି ଅପରାଧିକ କାର୍ଯ୍ୟକଳାପ ମାଧମରେ ଠକେଇ ଉଦ୍ୟମ କରି ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କମିଶନରେଟ ପୁଲିସର ଉଚ୍ଚ କର୍ତ୍ତୃପକ୍ଷ ସକ୍ରିୟ ଭାବରେ ଏହିପରି ଘଟଣା ଗୁଡିକର ଅନୁସନ୍ଧାନକୁ ଗୁରୁତ୍ୱାରୋପ କରୁଛନ୍ତି।

# ବଡମ୍ବାରୁ ହାତୀ କଙ୍କାଳ ମିଳିବା ଘଟଣାରେ ଏସଆଇଟି ଟିମର ତଦନ୍ତ



**ଆଠଗଡ଼(ଏନ୍.ଏମ୍.):** କଟକ ବଡମ୍ବା ରେଞ୍ଜର ଚନ୍ଦ୍ରଗିରି ଓ ଖାରୋଡ଼ ସଂରକ୍ଷିତ ଜଙ୍ଗଲରୁ ୩ଟି ହାତୀ ମୃତ୍ୟୁର ତଦନ୍ତ ଆରମ୍ଭ କରିଛି ସ୍ୱତନ୍ତ୍ର ଇନଭେଷ୍ଟିଗେସ ଟିମ(ଏସଆଇଟି)। ତେବେ ମାସେ ଭିତରେ ରିପୋର୍ଟ ହେବା ନେଇ ସୂଚନା ଦେଇଛି ଏସଆଇଟି। କେନ୍ଦ୍ର ସରକାରଙ୍କ ତାଗିଦ ପରେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିଲା। ବଡମ୍ବାରୁ ହାତୀ କଙ୍କାଳ ମିଳିବା ଓ ଗୁଳିମାଡ଼ ହୋଇଥିବା ହାତୀର ମୃତ୍ୟୁ ଘଟଣାର ତଦନ୍ତ ଲାଗି ସ୍ୱତନ୍ତ୍ର ଇନଭେଷ୍ଟିଗେସନ ଟିମ୍ (ଏସ୍ଆଇଟି) ବଡମ୍ବା ଗ୍ରସ୍ତରେ ଆସିଛନ୍ତି। ଆଠଗଡ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଉଭୟ ଚନ୍ଦ୍ରଗିରି ଏବଂ ଖାରୋଡ଼ର ଖୋଲ ଅଞ୍ଚଳ ପରିଦର୍ଶନ କରାଇଛନ୍ତି।

ଅନୁଗୁଳ ସର୍କଲର ଚିଫ୍ କନ୍ଜରଭେଟର ଅଫ୍ ଫରେଷ୍ଟ (ସିସିଏଫ୍)ଙ୍କ ଅଧକ୍ଷତାରେ ଗଠିତ ଟିମରେ କଞ୍ଜରଭେଟର ଅଫ୍ ଫରେଷ୍ଟ(ଇଟି) ଓ କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀ(ଡିଏସପି ର୍ୟାଙ୍କ) ସଦସ୍ୟ ରହିବେ। ତଦନ୍ତ ସମୟରେ ଯେଉଁ ଅଧିକାରୀଙ୍କ ସମ୍ପୃକ୍ତି ଆସିବ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟିମ ପକ୍ଷରୁ କୁହାଯାଇଛି। ଏହି ୬ ଜଣିଆ ଟିମରେ ସିସିଏଫ ୱାଇଲ୍ଡ ଲାଇଫ ମନୋଜ ଭି. ନାୟାର , ସିଏଫ ୱାଇଲ୍ଡ ଲାଇଫ କେଦାର ସ୍ୱାଇଁ, ଆସିସିଏଫ ଅନୁଗୋଳ ଯୋଗ ଦୟାନନ୍ଦ, ଡିଏସପି ଏସଟିଏଫ ଦିଲ୍ଲୀପ କୁମାର ସାହୁ, ଡାକ୍ତର ଇନ୍ଦ୍ରମଣି ନାଥ, ପ୍ରଫେସର ଭେଟରିନାରୀ ସର୍ଜରୀ, ଓୟୁଏଟି, ଡକ୍ଟର ଶିବ ପ୍ରସାଦ ପରିଡ଼ା, ଆସୋସିଏଟ ପ୍ରଫେସର, ସେଞ୍ଚୁରିଆନ ୟୁନିଭରସିଟି, କଙ୍କାଳ ବିଶେଷଜ୍ଞଙ୍କ ସମେତ ଶୁଭେନ୍ଦୁ ମଲ୍ଲିକ, ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ, ଖୋର୍ଦ୍ଧା ଏବଂ ପୁରବୀ ପାତ୍ର, ଅନିମାଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

# କନ୍ଷ୍ଟେବଲ୍ଙ୍କୁ ହାଣି ଗୋରୁ ଦଲାଲ ଚମ୍ପଟ



**ଜଳେଶ୍ୱର (ଏନ୍.ଏମ୍.):** ସମ୍ପତି ରାଜ୍ୟରେ ବେଆଇନ ଗୋଚାଲଣ ବଢ଼ିବାରେ ଲାଗିଛି। ଏ ନେଇ ପ୍ରଶାସନ ପକ୍ଷରୁ ଯେତେ କଟକଣା ଲଗାଗଲେ ମଧ ଗୋରୁ ଦଲାଲମାନଙ୍କୁ ଲଗାମ ଲଗାଇବା କଷ୍ଟସାଧ ହୋଇ ପଡୁଥିବା ଅଭିଯୋଗ ହୋଇଛି। ତେବେ ଜଣେ କନ୍ଷ୍ଟେବଲ୍ଙ୍କୁ ଭୁଜାଲିରେ ଆକ୍ରମଣ କରି ଚମ୍ପଟ ମାରିଲେ ଗୋରୁ ଚାଲାଣ କରୁଥିବା ଦଲାଲ ଓ ଗାଡ଼ି ଚାଳକ। ଏପରି ଘଟଣା ବାଲେଶ୍ୱର ଜିଲ୍ଲାରେ ଘଟିଛି। ହେଲେ ଏପର୍ଯ୍ୟନ୍ତ ଆକ୍ରମଣ କରିଥିବା ଦଲାଲ ଓ ଗାଡ଼ି ଚାଳକକୁ ପୁଲିସ୍ ଧରି ପାରିନାହିଁ। ପୁଲିସର କୋହଳ ମନୋଭାବ ଓ ଢ଼ିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ୬୦ ନମ୍ବର ରାଜପଥରେ ଏପରି ଘଟୁଥିବା ଆଲୋଚନା ହେଉଛି। ଗୁରୁବାର ବିଳମ୍ବିତ ରାତିରେ ଏକ ଟାଟା ଏସିରେ ବେଆଇନ୍ ଭାବେ ଗୋରୁ ଚାଲାଣ ହେଉଥିଲା। ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ କିଛି ଯୁବକ ଗାଡ଼ିକୁ ଅଟକାଇ ଅମର୍ଦ୍ଦାରୋଡ଼ ଫାଣ୍ଡିକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିରୁ ଗୋରୁଙ୍କୁ ଉଦ୍ଧାର କରି ଗୋ'ଶାଳାରେ ଛାଡ଼ିବା ପାଇଁ ଯୋଜନା କରିଥିଲା। ପୁଲିସ ଅନ୍ୟ କୌଣସି ଗାଡ଼ି ବା ଡ୍ରାଇଭର ମାଧମରେ ଜବତ କରିଥିବା ଗୋ'ବୋଝେଇ ଟାଟା ଏସିକୁ ବାଲେଶ୍ୱର ଗୋ'ଶାଳା ପଠାଇ ନଥିଲା। କନ୍ଷ୍ଟେବଲ ରମେଶ ଚନ୍ଦ୍ର ଦାସଙ୍କ ମାଧମରେ ଗୋରୁ ଚାଲାଣ ହେଉଥିବା ଗାଡ଼ିରେ ଦଲାଲଙ୍କୁ ବସାଇ ଗୋ' ଶାଳାକୁ ପଠାଇଥିଲା ବସ୍ତା ଫାଣ୍ଡି ପୁଲିସ୍। ରାତିରେ ବାଲେଶ୍ୱର ଗୋ'ଶାଳାରେ ଗୋରୁ ଛାଡ଼ି ଥିଲେ। ଭୋର ପ୍ରାୟ ୪ରୁ ୫ଟା ହେବ। ଗୋରୁ ଚାଲାଣ କରୁଥିବା ଦଲାଲ ଓ ଗାଡ଼ି ଡ୍ରାଇଭର କନ୍ଷ୍ଟେବଳ ଶ୍ରୀ ଦାସଙ୍କୁ ଗାଡ଼ିରେ ବସାଇ ଫେରୁଥିବା ବେଳେ ଭୁଜାଲିଆରେ ଆକ୍ରମଣ କରିଥିଲେ। ଜୀବନ ବିକଳରେ ଶ୍ରୀ ଦାସ ଗାଡ଼ିରୁ ଡେଇଁ ପଡ଼ିଥିଲେ। ସେ ଜାତୀୟ ରାଜପଥର ହଳଦୀପଦା ପାଖରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ତାଙ୍କୁ ଦେଖି ବସ୍ତା ଫାଣ୍ଡିକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ବସ୍ତା ମେଡ଼ିକାଲ୍ରେ ଭର୍ତ୍ତି କରିଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଉଦ୍ବେଗ ଜନକ ରହିଛି। ଅନ୍ୟପକ୍ଷରେ ଗୋରୁ ଦଲାଲ ଓ ଗାଡ଼ି ଡ୍ରାଇଭର ଚମ୍ପଟ ମାରିଛନ୍ତି।

# ସାଲେପୁରରେ ସବୁଜ ବଳୟ ପାଇଁ ବୃକ୍ଷରୋପଣ



**ସାଲେପୁର(ଏନ୍.ଏମ୍.):** ବୃକ୍ଷ ହିଁ ଜୀବନ। ଏବେ ବୃକ୍ଷ ବିନା ସମଗ୍ର ବିଶ୍ୱ ସଂକଟ ଦେଇ ଗତି କରୁଛି। ବିଶ୍ୱତାପାୟନରେ ବି ବିଭ୍ରାଟ ସୃଷ୍ଟି ହେଉଛି। ବିଶ୍ୱରୁ ଅମ୍ଳଜାନ ହ୍ରାସ ପାଉଥିବାବେଳେ ଅଙ୍ଗାରକାମ୍ଳ ବୃଦ୍ଧି ପାଉଛି; ଫଳରେ ପରିବେଶ ପ୍ରଦୂଷିତ ହେବା ସହ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର କାରଣ ହେଉଛି। ତେଣୁ ଜୀବ ଜଗତ ତିଷ୍ଟି ରହିବା ପାଇଁ ସବୁଜ ବଳୟର ଆବଶ୍ୟକତା ରହିଛି। ତେବେ ସମ୍ପ୍ରତି ଚାରିଆଡେ କଂକ୍ରିଟ ଜଙ୍ଗଲ ଗଢ଼ି ଉଠିଥିବାବେଳେ ସବୁଜ ଜଙ୍ଗଲ ହ୍ରାସ ପାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାର ସାଲେପୁର ବ୍ଲକ ପିକୋଳ ପଞ୍ଚାୟତର ସିମଳପଡ଼ା ଠାରେ ଉତ୍ସାହି ଯୁବକମାନଙ୍କୁ ନେଇ ଆସ ଆସ ଗଛ ଲଗାଇବା କାର୍ଯ୍ୟକ୍ରମ ମାଧମରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ମୌଲାନାଙ୍କ ନେତୃତ୍ୱରେ ବସନ୍ତ ରାଉତରାୟ, ସୁନୀଲ ସିଂ, ସେକ୍ ସାଜିଦ ଅଲି, ମହମ୍ମଦ କାସିମ, ହରି ବାରିକ, ସେକ୍ ନାକୀବ ଅହମଦ, ମାନସ ରଞ୍ଜନ ମଲ୍ଲିକ, ବଟ ମଲ୍ଲିକ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ୨୩ ଦିନ ପରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ମିଳିଲା ପିଏସ୍, ଏବେବି ଅପେକ୍ଷାରେ ଆଉ ୨ମନ୍ତ୍ରୀ

**ଭୁବନେଶ୍ୱର (ଏନ୍.ଏମ୍.):** ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଏପର୍ଯ୍ୟନ୍ତ ନବନିଯୁକ୍ତ ମନ୍ତ୍ରୀମାନେ ନିଜର ବିଭାଗ କାର୍ଯ୍ୟ ଠିକ୍ ଭାବେ ଆରମ୍ଭ କରିବାରେ ସକ୍ଷମ ହୋଇପାରିନାହାନ୍ତି। ଚଳିତ ମାସ ୫ତାରିଖରେ ମନ୍ତ୍ରିମଣ୍ଡଳ ଅଦଳବଦଳ ସହ ବିଭାଗ ଆବଂଟନ ହୋଇଥିଲେ ମଧ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କୁ ଆଜି ପିଏସ(ବ୍ୟକ୍ତିଗତ ସଚିବ) ଆବଣ୍ଟିତ ହୋଇଛି। ଆଉ ୨ଜଣ ମନ୍ତ୍ରୀ ରୋହିତ ପୂଜାରୀ ଓ ରୀତା ସାହୁ ଏବେବି ନିଜର ବ୍ୟକ୍ତିଗତ ସଚିବ(ବରିଷ୍ଠ ଓଏଏସ) ଅପେକ୍ଷାରେ ରହିଛନ୍ତି।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବରିଷ୍ଠ ଓଏଏସ୍ କଳ୍ପତରୁ ବେହେରାଙ୍କୁ ସଂସଦୀୟ ବ୍ୟାପାର ବିଭାଗରେ ମୁତୟନ କରାଯିବା ସହ ତାଙ୍କୁ ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତି ମିଳିଛି। କଟକସ୍ଥିତ ଏସସିବି ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଥିବା ଶ୍ରୀ ବେହେରାଙ୍କୁ ଗତ ଏପ୍ରିଲ ୪ ତାରିଖରେ ଜମିଜମା ରେକର୍ଡ ଓ ବନ୍ଦୋବସ୍ତ କମିଶନରଙ୍କ କାର୍ଯ୍ୟାଳୟରେ ଅତିରିକ୍ତ କମିଶନର ଭାବେ ବଦଳି ହୋଇଥିଲା । ଉକ୍ତ ବଦଳି ଆଦେଶକୁ ଆଜି ବାତିଲ କରାଯାଇଛି। ଶ୍ରୀ ବେହେରାଙ୍କ ନିଯୁକ୍ତି ସହ ୩ଟି ଦଫାରେ ମୋଟ ୧୯ଜଣ ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସଚିବ ଆବଣ୍ଟିତ ହୋଇଛନ୍ତି।



ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ପଂଚମ ପାଳି ସରକାରର ପ୍ରଥମ ମନ୍ତ୍ରିମଣ୍ଡଳ ଅଦଳବଦଳ ଜୁନ୍ ୫ତାରିଖରେ କରିଥିବାବେଳେ ଏହାର ୧୨ଦିନ ପରେ ୧୭ଜଣ ମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସଚିବ ଆବଂଟିତ ହୋଇଥିଲା। ଗତ ୫ଦିନ ପୂର୍ବରୁ ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ ଆଜି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ଘଡ଼େଇଙ୍କୁ ବ୍ୟକ୍ତିଗତ ସଚିବ ଯୋଗାଇ ଦିଆଯାଇଛି। ମାତ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ପୂଜାରୀ ଓ ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ ଏବେବି ବ୍ୟକ୍ତିଗତ ସଚିବ ପାଇନାହାନ୍ତି। ଯଦିଓ ଜୁଲାଇ ୨ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ହେଉଛି ଓ ମନ୍ତ୍ରୀମାନଙ୍କ ଅଫିସ୍ ଉପରେ ଅଧିକ କାର୍ଯ୍ୟ ଚାପ ରହିବ, ତଥାପି ଦୁଇଜଣ ମନ୍ତ୍ରୀ ଏବେବି ନିଜର ବ୍ୟକ୍ତିଗତ ସଚିବ ଅପେକ୍ଷାରେ ରହିଛନ୍ତି। ସୂଚନାଯୋଗ୍ୟ, ନବୀନ ପଟ୍ଟନାୟକ ସରକାରରେ ବ୍ୟକ୍ତିଗତ ସଚିବମାନଙ୍କ ମାଧମରେ ମନ୍ତ୍ରୀମାନଙ୍କ କାର୍ଯ୍ୟାଳୟକୁ ନିୟନ୍ତ୍ରଣ କରି ପରୋକ୍ଷରେ ମନ୍ତ୍ରୀମାନଙ୍କ ଭୂମିକାକୁ ଗୌଣ କରାଇବାର ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ଯେଉଁଥିପାଇଁ ମନ୍ତ୍ରୀମାନେ ନିଜ ପସନ୍ଦର ବ୍ୟକ୍ତିଗତ ସଚିବ ନେଇ ପାରୁନାହାନ୍ତି ଓ ତୃତୀୟ ମହଲା ଦ୍ୱାରା ଚୟନ ହେଉଥିବା ଅଫିସର ହିଁ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ସିଏମସିର ନୂତନ କମିଶନର ନିଖିଲ ପବନ କଲ୍ୟାଣ



**କଟକ(ଏନ୍.ଏମ୍.):** କଟକ ମହାନଗର ନିଗମରେ ନୂତନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ନିଖିଳ ପବନ କଲ୍ୟାଣ। ସେ ଆଜି ସିଏମସି କାର୍ଯ୍ୟାଳୟରେ କମିଶନର ଭାବେ ଯୋଗଦେବା ପୂର୍ବରୁ ପ୍ରଥମେ ମା' କଟକ ଚଣ୍ଡୀଙ୍କ ଦର୍ଶନ କରିଥିଲେ। ତେବେ କଟକ ସହର ଗୋଟିଏ ଭାଇଚାରାର ସହର ଭାବେ ଜଣାଶୁଣା। ତେଣୁ ଏଠାରେ କାମ କରିବା ପାଇଁ ତାଙ୍କୁ କୌଣସି ସମସ୍ୟା ହେବ ନାହିଁ; ଅଧିକରୁ ଅଧିକ ସହଯୋଗ ମିଳିବ ବୋଲି ଆଜି ଦାୟିତ୍ୱନେବା ଅବସରରେ ଶ୍ରୀ କଲ୍ୟାଣ ପ୍ରକାଶ କରିଛନ୍ତି। ତେବେ କଟକ ସହରର ବହୁବିଧ ସମସ୍ୟା ତାଙ୍କ ପାଇଁ ଚାଲେଞ୍ଜ ହୋଇ ପାରେ ବୋଲି କୁହାଯାଉଛି। ଗୋଟିଏ ପଟେ ସେ କଟକ ସହରକୁ ପ୍ରଥମ କରି ଆସିଥିବାବେଳେ ଏକକାଳୀନ ସମସ୍ତ ସମସ୍ୟାକୁ ମୁକାବିଲା କରିବା କଷ୍ଟକର ବ୍ୟାପାର ହୋଇଥିଲେ ମଧ ସମସ୍ତ ସହ ସମନ୍ୱୟ ରକ୍ଷା କରି ସେ କାର୍ଯ୍ୟନିର୍ବାହ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥି ପୂର୍ବରୁ ସେ ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ଦାୟିତ୍ୱରେ ଥିବାବେଳେ ରାଉରକେଲା ମହାନଗର ନିଗମ ପ୍ରଶାସକ ଢ଼େଙ୍କାନାଳ ଜିଲ୍ଲାପାଳ ଭାବେ କାର୍ଯ୍ୟକରିଛନ୍ତି। ତେଣୁ ସେ ସହରବାସୀଙ୍କ ସହିତ ରହି ସେମାନଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି କହିଥିଲେ। ତେବେ କଟକ ସହରର ରହିଥିବା ସମସ୍ୟାକୁ ଗୋଟିଏ ରାତିରେ ସମାଧାନ କରିବା ସମ୍ଭବ ନୁହେଁ ଏଥିପାଇଁ ସମୟ ଲାଗିବ। ଏଥି ପାଇଁ ସେ ଯଥେଷ୍ଟ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଅନ୍ୟପକ୍ଷ ପରେ କଟକ ସହରର ମୁଖ୍ୟ ଉତ୍ସବ ଦଶହରା ଓ ବାଲିଯାତ୍ରାକୁ ଉପଭୋଗ କରିବା ପାଇଁ ସୁଯୋଗ ମିଳିଥିବା କହିଥିଲେ। କଟକ ମହାନଗର ନିଗମରେ ଦୁର୍ନୀତି ବଢୁଥିବା ଭଳି ଯେଉଁ ଅଭିଯୋଗ ଆସୁଛି ସେଥିପ୍ରତି ସେ ସମ୍ପୂର୍ଣ୍ଣ ଯତ୍ନବାନ ରହିବେ ସିଏମସିରେ ଦୁର୍ନୀତିକୁ ଆଦୌ ପ୍ରଶୟ ଦିଆଯିବ ନାହିଁ ବୋଲି ରୋକ ଠୋକ ମତଦେଇଥିଲେ। ସେହିଭଳି ସହରବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କ ଦାବିକୁ ସମ୍ମାନ ଦେଇ ସେ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏଥି ପାଇଁ ସିଏମସିର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ବୁଦ୍ଧିଜୀବୀ, ରାଜନେତାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତାଙ୍କ ପର୍ଯ୍ୟନ୍ତ ସହରବିକାଶ କ୍ଷେତ୍ରରେ ତାଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ସେ ନିବେଦନ କରିଥିଲେ। ସହରରେ ବିଶେଷ କରି ନାଳ ନର୍ଦ୍ଦମା ଉନ୍ନତିକରଣ, ପରିମଳ ପରିଚାଳନା, ପାନୀୟ ଜଳ ଯୋଗାଣ, ରାସ୍ତାଘାଟ ମରାମତି ଓ ଆଲୋକୀକରଣ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ସହ ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନା ଗୁଡ଼ିକୁ ଠିକ୍ ଭାବେ ଉପଯୋଗ କରିବେ ବୋଲି ଦାୟିତ୍ୱଗ୍ରହଣ ସମୟରେ କମିଶନର ଶ୍ରୀ କଲ୍ୟାଣ ମତପ୍ରକାଶ କରିଛନ୍ତି।

# ମହିଳାମାନେ ଟାଣିଲେ ସାନ ରଥ, ନୀତିରେ ବିଳମ୍ବ ଯୋଗୁଁ ଡେରିରେ ପହଞ୍ଚିଲା ରଥ

**ଆଠଗଡ଼(ଏନ୍.ଏମ୍.):** ଦୁଇ ବର୍ଷ ଧରି ମହାମାରୀ କରୋନା ପାଇଁ ବନ୍ଦ ଥିଲା ରଥଯାତ୍ରା। କଟକଣା କୋହଳ ହେବା ପରେ ଚଳିତ ବର୍ଷ ପ୍ରବଳ ଜନସମାଗମ ଭିତରେ ଆଠଗଡ଼ ଆରାଧ ଶ୍ରୀ ଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ରଥଯାତ୍ରା ସମ୍ପନ୍ନ ହୋଇଛି। କିନ୍ତୁ ନୀତି କାନ୍ତିରେ ବିଳମ୍ବ ଯୋଗୁଁ ଡେରିରେ ରଥ ଟଣା ହେବା ଯୋଗୁଁ ଭକ୍ତ ଏବଂ ଶ୍ରଦ୍ଧାଳୁ ମାନଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଅବସରରେ ଆଠଗଡ଼ ପୁରୁଣା ବସଷ୍ଟାଣ୍ଡ ଲକ୍ଷ୍ମୀ ବଜାର ଠାରେ ଶ୍ରୀ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ୯ ଦିନ ଧରି ଭଜନ ସମାରୋହ ଉଦଘାଟିତ ହୋଇଯାଇଛି। ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ। ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ସସ୍ମିତା ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଜଗଦାନନ୍ଦ ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାର୍ଥସାରଥୀ ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି ଅବସରରେ ରଥ ଯାତ୍ରା ସମୟରେ ଯୁବ ସଂଗଠକ ଅଭୟ ବାରିକ ଉପସ୍ଥିତ ସେବକ ପଣ୍ଡା ପଡିଆରୀ ଏବଂ ସାଧାରଣ ଲୋକମାନଙ୍କୁ ୨ହଜାର ଜଗନ୍ନାଥଙ୍କ ଫଟୋଚିତ୍ର ପ୍ରଦାନ କରିଥିଲେ। ଅଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ୩୯ ଦଳ ସଂକୀର୍ତ୍ତନ ମଣ୍ଡଳୀ ରଥଯାତ୍ରା ସମୟରେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଶ୍ରୀ ଶ୍ରୀ ଅଟ୍ଟାଳୀ ଜଗନ୍ନାଥଙ୍କ ରଥକୁ ପୁରୁଷମାନେ ଟାଣୁଥିବା ବେଳେ ଜଗନ୍ନାଥ ବଲ୍ଲଭ ମଠ ଦିଅଁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସାନ ରଥକୁ କେବଳ ମହିଳାମାନେ ଟାଣିବାର ପରମ୍ପରା ଓଡ଼ିଶାରେ ବିରଳ। ତହସିଲଦାର ତଥା ମାଜିଷ୍ଟ୍ରେଟ ପ୍ରିୟବ୍ରତ ଦାସଙ୍କ ନେତୃତ୍ୱରେ ଆଠଗଡ଼ ଏସ୍ଡିପି ଓ ବିଜୟକୃଷ୍ଣ ବିଶି ଆଠଗଡ଼ ଥାନା ଅଧିକାରୀ ବାମଦେବ ସ୍ୱାଇଁ, ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆଙ୍କ ସମେତ ଛଅ ଜଣ ସବ୍ ଇନ୍ସପେକ୍ଟର ତିନି ପ୍ଲାଟୁନ ସୁରକ୍ଷା କର୍ମୀ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ନିୟୋଜିତ ହୋଇଥିଲେ। ଆଠଗଡ଼ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାଶ ସୂଚନା ଓ ଧାରା ବିବରଣୀ ପ୍ରଦାନ କରିଥିଲେ।






# ପବିତ୍ର ରଥଯାତ୍ରା ଅବସରରେ ଜଗତସିଂହପୁର ପ୍ରଧାନ ଡାକଘରେ ଜାରିହେଲା ବିଶେଷ ରଦ୍ଦକରଣ ଷ୍ଟାମ୍ପ



**ଜଗତସିଂହପୁର(ଏନ୍.ଏମ୍.)** ପବିତ୍ର ରଥଯାତ୍ରା ଅବସରରେ କଟକ ଦକ୍ଷିଣ ଡାକମଣ୍ଡଳର ଅଧୀନରେ ଥିବା ୨ଟି ପ୍ରଧାନ ଡାକଘରେ ଏକ 'ବିଶେଷ ରଦ୍ଦକରଣ ଷ୍ଟାମ୍ପ' ଉନ୍ମୋଚନ ହୋଇଯାଇଛି । ଜଗତସିଂହପୁର ପ୍ରଧାନ ଡାକଘର ପକ୍ଷ୍ୟରୁ ପ୍ରଧାନ ଡାକପାଳ ରଞ୍ଜନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ 'ବିଶେଷ ରଦ୍ଦକରଣ ଷ୍ଟାମ୍ପ' ଫିଲାଟେଲିଷ୍ଟ ହିମାଂଶୁ ଶେଖର ଦାସ ଓ ଜଗତସିଂହପୁରର ଜଣେ ଜଣାଶୁଣା ବିଶିଷ୍ଟ ବ୍ୟବସାୟୀ ନିର୍ମଳ ଖୁଣ୍ଟିଆଙ୍କ ଉପସ୍ଥିତିରେ ଏହା ଉନ୍ମୋଚନ ହୋଇଯାଇଛି । ଡାକପାଳଙ୍କ ସହିତ ଓମ ପ୍ରକାଶ, ସୁରେଶ କୁମାର ସ୍ୱାଇଁ, ସୁଶାନ୍ତ ପାଢ଼ୀ, ଶୁଭନାରାୟଣ ସ୍ୱାଇଁ, ମହେଶ ମଲ୍ଲିକ, ଜ୍ୟୋତିରଞ୍ଜନ ସେନାପତି, ଶୁଭମ ତ୍ୟାଗୀ, ଶରତ କୁମାର ଏବଂ ଦେବାଶିଷ ସାହୁ ପ୍ରମୁଖ ଡାକ-କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏଥି ସହ କଟକ ଦକ୍ଷିଣ ଡାକମଣ୍ଡଳ ଅଧୀନରେ ଥିବା ୨ଟି ପ୍ରଧାନ ଡାକଘରେ(ଜଗତସିଂହ ପୁର ଓ ଆଠଗଡ ପ୍ରଧାନ ଡାକଘର) ବୁକ ହୋଇଥିବା ସମସ୍ତ ଚିଠି ଗୁଡିକରେ ଉଭୟରେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ 'ପବିତ୍ର ରଥଯାତ୍ରା-୨୦୨୨(ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବ ତୁମେ) ଓ ତିନି ଠାକୁରଙ୍କ ରଥ' ମାନଙ୍କର କାଳିର ଏକ ଚିତ୍ରିତ ରୂପାଙ୍କନ ଛାପ ରୂପେ ଏହି ବିଶେଷ ରଦ୍ଦକରଣ ଷ୍ଟାମ୍ପ ବ୍ୟବହାର କରାଯାଇଛି । ଏହି ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରାର ମହତ୍ତ୍ୱ ପ୍ରତିପାଦନ ସହିତ ଓଡିଶାର ଜଗନ୍ନାଥ ସଂସ୍କୃତି ବଜାୟରଖିବା ନିମିତ୍ତ ଭାରତୀୟ ଡାକ ବିଭାଗ ତରଫରୁ ଓଡିଶାରେ ଥିବା ୩୫ଟି ପ୍ରଧାନ ଡାକଘର ମାଧ୍ୟମରେ ଏହି ରେଖା ଚିତ୍ରିତ ଏକ ବିଶେଷ ରଦ୍ଦକରଣ ଷ୍ଟାମ୍ପ ବ୍ୟବହାର କରାଯାଇଛି । ଏହା ଏକ ପ୍ରକାର ସର୍ବ ବୃହତ ଏକକାଳୀନ ଡାକଟିକଟ ସଂଗ୍ରହ ସ୍ମୃତିଚାରଣ ମଧ୍ୟରେ ପରିଗଣିତ ହେବାକୁ ଯାଉଛି । ଡାକଟିକେଟ ଲଗାଇ ଏହାର ପୁନଃବ୍ୟବହାର ରୋକାଯିବାକୁ ରଦ୍ଦକରଣ କୁହାଯାଇଥାଏ । ଏହା ଡାକଟିକେଟ ସଂଗ୍ରହ ଏବଂ ଅଧ୍ୟୟନ ବା ଫିଲାଟେଲିକ ଷ୍ଟଡିଜର ଏକ ବିଷୟ ବସ୍ତୁ ଅଟେ । ଓଡିଶା ଡାକ ପରିମଣ୍ଡଳ ଏହି ବିଶେଷ ରଦ୍ଦକରଣର ଏକ ଦିନ ନିମିତ୍ତ ପ୍ରଚଳନ ଏକ ବିଶାଳ ଡାକ ସ୍ମୃତି ସ୍ୱରୂପ ଡାକଟିକେଟ ସଂଗ୍ରହ କ୍ଷେତ୍ରରେ ସୁଯୋଗ ନେଇ ଆସିବା ସହିତ ଦେଶ ତଥା ଓଡ଼ିଶାରେ ଫିଲାଟେଲିକ କାର୍ଯ୍ୟକଳାପକୁ ଅଗ୍ରଗତି କରିବ ବୋଲି କଟକ ଦକ୍ଷିଣ ଡାକମଣ୍ଡଳର ଡାକ ଅଧିକ୍ଷକ ଗଜେନ୍ଦ୍ର ପ୍ରସାଦ କର କହିଛନ୍ତି ।

# କଟକ ସହରରୁ ପଙ୍କୋଦ୍ଧାର ନେଇ ସମୀକ୍ଷା କଲେ ମେୟର ଓ କମିଶନର

**କଟକ(ଏନ୍.ଏମ୍.):** କଟକ ସହରରେ ପଙ୍କୋଦ୍ଧାର ନେଇ ସିଏମସି ମେୟର ଓ କମିଶନରଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ତେବେ ମେୟର ସହରରୁ ପଙ୍କୋଦ୍ଧାର ନେଇ ଏକାଧିକବାର ଆଲୋଚନା କରିଥିଲେ ମଧ୍ୟ ନୂତନ କମିଶନରଙ୍କ ସହ ସମସ୍ତ ଅଧିକାରୀଙ୍କ ନେଇ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ସିଏମସି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀ ଉପସ୍ଥିତଥିଲେ । ବୈଠକରେ ମହାନଗର ମେୟର ସୁବାସ ସିଂହ ଓ ନବନିଯୁକ୍ତ କମିଶନର ନିଖିଲ ପବନ କଲ୍ୟାଣ ଏନେଇ ପ୍ରାଥମିକତା ଦେବାକୁ ଅଧିକାରୀମାନଙ୍କୁ ଚେତାବନୀ ଦେଇଛନ୍ତି । କୌଣସି ପରିସ୍ଥିତିରେ ଜନସାଧାରଣଙ୍କ କାର୍ଯ୍ୟରେ ହେଳା କଲେ କ୍ଷମା ନାହିଁ ବୋଲି ମେୟର ଓ କମିଶନର ରୋକଠୋକ କହିଛନ୍ତି । ସମସ୍ତ ଅଧିକାରୀ ପାଣିପାଗ ରିପୋର୍ଟ ସଂକ୍ରାନ୍ତରେ ଅବଗତ ହୋଇ





କାର୍ଯ୍ୟପନ୍ଥା ଅବଲମ୍ବନ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି । ସହରରେ ଡ୍ରେନରୁ ପଙ୍କୋଦ୍ଧାର କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ନଥିବାରୁ ମେୟର ଶ୍ରୀ ସିଂହଙ୍କ ସମେତ ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ବର୍ତ୍ତମାନ ସୁଦ୍ଧା ୫୯ଟି ୱାର୍ଡରେ ୯୦ପ୍ରତିଶତ ଡ୍ରେନରୁ ପଙ୍କୋଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଥିଲା । ଅବଶିଷ୍ଟ ୧୦ପ୍ରତିଶତ ପଙ୍କୋଦ୍ଧାର କାର୍ଯ୍ୟ ୭ଦିନରେ ସାରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ପ୍ରତିସପ୍ତାହରେ ଜାଇକା ଅଗ୍ରଗତି ରିପୋର୍ଟ ଦେବାକୁ ସେ ଅଧିକାରୀଙ୍କୁ କହିଥିଲେ । ପୁନଶ୍ଚ ସହରବାସୀ ପାନୀୟ ଜଳ ସମସ୍ୟା ଭୋଗ କରୁଥିବା ନେଇ ଅନେକ ଅଭିଯୋଗ ଆସିଥିବାବେଳେ ସେ ସବୁର ସମାଧାନ କ୍ଷେତ୍ରରେ ହେଉଥିବା ଅବହେଳାକୁ କମିଶନର ଓ ମେୟର ଉଦ୍‌ବେଗ ପ୍ରକାଶ କରିଥିଲେ । ତେବେ ଏ ନେଇ ଆସୁଥିବା ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କେତେଟି ଅଭିଯୋଗର ସମାଧାନ କରାଯାଇଛି ତାହାର ରିପୋର୍ଟ ମଧ୍ୟ ଆୟୁକ୍ତଙ୍କୁ ୱାଟକୋ କର୍ତ୍ତୃପକ୍ଷ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିବା ପରେ ବିଭାଗୀୟ ଅଧିକାରୀ ଚିଠି ଲେଖିଥିବା କହିଥିଲେ; ତେବେ ଏଣିକି ଆଉ ଚିଠି ଲେଖା ଚଳିବନି; ଅଭିଯୋଗ ଆସିବାମାତ୍ରେ ତୁରନ୍ତ ସମାଧାନ କରିବାକୁ ମେୟର ଓ କମିଶନର ତାଗିଦ କରିଛନ୍ତି । ସେହିଭଳି ସ୍ୱାସ୍ଥ୍ୟ ଷ୍ଟାଣ୍ଡିଂ କମିଟିର ସଦସ୍ୟମାନେ ନିଜ ନିଜ ଅଞ୍ଚଳରେ ପ୍ରମୁଖ ସମସ୍ୟାଗୁଡିକ ଉପସ୍ଥାପନ କରିଥିଲେ । ସିଏମସି ଡେପୁଟି ମେୟର ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦିପ୍ତୀମୟୀ ମୁଳିଆ, ଏ. ଶ୍ରୀଦେବୀ, ପ୍ରଦୀପ୍ତ ଖୁଣ୍ଟିଆ, ପ୍ରଳୟ ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠରେ ବନମହୋତ୍ସବ ସପ୍ତାହ



**କୋଣାର୍କ(ଏନ୍.ଏମ୍.):** କୋଣାର୍କ ନିକଟସ୍ଥ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠ ପରିସରରେ ୭୩ତମ ବନମହୋତ୍ସବ ସପ୍ତାହ ମହାସମାରୋହରେ ପାଳିତ ହୋଇ ଯାଇଛି । ବନବିଭାଗ, କୋଣାର୍କ ଓ ଦୁଇ ବିଦ୍ୟାଳୟ ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ଓ ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ଜାତୀୟ ସବୁଜ ବାହିନୀ, ଏନସିସି ଭାରତ ସ୍କାଉଟ ଓ ଗାଇଡ଼ ଛାତ୍ର ଛାତ୍ରୀମାନେ ଅଂଶଗ୍ରହଣ କରି ବ୍ୟାପକ ଚାରା ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ତଥା ସିଆରସିସି ରବିନ୍ଦ୍ରନାଥ ବାହିନୀପତି ଯୋଗଦେଇ ବୃକ୍ଷ ପୂଜନ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନବିଭାଗର ଅଧିକାରୀ ରବିନ୍ଦ୍ର ସ୍ୱାଇଁ, ସମାଜସେବୀ ରାମକୃଷ୍ଣ ମହାନ୍ତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଲେଙ୍କା, ଦିଲ୍ଲିପ ନାୟକ, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇ ବ୍ୟାପକ ବୃକ୍ଷ ରୋପଣ ପାଇଁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟ ପରିସରରେ ଏକ ନିଆରା ଢଙ୍ଗରେ ବୃକ୍ଷ ପୂଜନ କରାଯାଇ ବୃକ୍ଷ ରୋପଣ କରା ଯାଇଥିଲା । ଛାତ୍ର ଛାତ୍ରୀ ମାନଙ୍କୁ ବୃକ୍ଷ ଚାରା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ରବିନ୍ଦ୍ର ଦ୍ୱିବେଦୀ, ମାନସ ମୁଦୁଲି, କେ. ବାସନ୍ତୀ, ନିହାରିକା ମହାନ୍ତି, ଚିତ୍ରାଞ୍ଜଳି ନାୟକ, ଅଭୟ ନାୟକ, କାହ୍ନୁଚରଣ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ ।

# ବିଜେବି ଛାତ୍ରୀ ନିବାସରେ ରୁଚିକା ଆତ୍ମହତ୍ୟା ଘଟଣା: ତିନି ସିନିୟର୍ ଛାତ୍ରୀଙ୍କ ଚିହ୍ନଟ ପ୍ରକ୍ରିୟା ଜାରି

**ଭୁବନେଶ୍ୱର(ଏନ୍.ଏମ୍.):** ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ରୁଚିକା ଆତ୍ମହତ୍ୟା ଘଟଣାର ୩ ଅଭିଯୁକ୍ତଙ୍କୁ ଏଯାଏ ଚିହ୍ନଟ କରାଯାଇ ନଥିବାବେଳେ, ସେମାନଙ୍କୁ ଚିହ୍ନଟ ପ୍ରକ୍ରିୟା ଜାରି ରଖିଛି ପୁଲିସ । ହଷ୍ଟେଲ ଭିତରେ ଏସିପିଙ୍କ ଟିମ୍ ଓ ମହିଳା ପୁଲିସ ୧୩୪ ଜଣ ସିନିୟର ଛାତ୍ରୀଙ୍କୁ ପଚରାଉଚରା କରୁଛନ୍ତି । ସେହି ତିନି ଜଣ କିଏ, କେବେଠୁ ସେମାନେ ରାଗିଙ୍ଗ କରୁଥିଲେ ଏବଂ କାହାର ଚାପ ଯୋଗୁ ରୁଚିକା ଆତ୍ମହତ୍ୟା କଲେ ସେନେଇ କମିଶନରେଟ୍ ପୁଲିସ ତଦନ୍ତ କରୁଛି । ଜୋନ୍-୪ର ଏସିପି ପରେଶ କୁମାର ରାଉତଙ୍କ କହିବା ଅନୁଯାୟୀ, ବିଜେବି କଲେଜ ହଷ୍ଟେଲରେ ପ୍ରାଥମିକ ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୩୦ଜଣ ଛାତ୍ରୀଙ୍କ ବୟାନ ରେକର୍ଡ ହୋଇଛି । ଏହାଛଡ଼ା ଛାତ୍ରୀ ନିବାସର ଅଧୀକ୍ଷକ, ୱାର୍ଡେନ, ଆସିଷ୍ଟାଣ୍ଟ ୱାର୍ଡେନ, ଫ୍ଲୋର ଇନଚାର୍ଜ ଓ ହଷ୍ଟେଲ ଦାୟିତ୍ୱରେ ଥିବା ଏକାଧିକ ଲୋକଙ୍କୁ ପଚରାଉଚରା ସହ ସେମାନଙ୍କ ବୟାନ ରେକର୍ଡ ହୋଇଛି । ପୁଲିସ ପକ୍ଷରୁ ୩ଟି ଟିମ ଗଠନ କରାଯାଇ ତଦନ୍ତ ଚାଲିଛି ।

ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି । ସୂଚନାଯୋଗ୍ୟ, ଗତକାଲି କଟକ ଆଠଗଡ଼ର ରୁଚିକା ମହାନ୍ତି ଗତ ଶନିବାର ପୂର୍ବାହ୍ନରେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର କାରୁବାକୀ ଛାତ୍ରୀନିବାସରେ ଆତ୍ମହତ୍ୟା କରିଥିଲେ । ୩ ସିନିୟର୍ ଛାତ୍ରୀଙ୍କ ମାନସିକ ନିର୍ଯାତନା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି ରୁଚିକାଙ୍କ ପକେଟରୁ ସୁଇସାଇଡ୍ ନୋଟରେ ଉଲ୍ଲେଖ ଥିବା ଜଣାପଡ଼ିଛି । ରାଗିଂ ଭଳି ସଂଗିନ୍ ଅଭିଯୋଗ ପ୍ରସଙ୍ଗ ଉଠିବା ପରେ ବଡ଼ଗଡ଼ ଥାନା ପୁଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ଛାନଭିନ ଆରମ୍ଭ କରିଛି । ରୁଚିକାଙ୍କ ମା' ବିଦ୍ୟୁତପ୍ରଭା ମହାନ୍ତି ମଧ୍ୟ କଲେଜ ହଷ୍ଟେଲରେ ଚାଲିଥିବା ରାଗିଂ ପାଇଁ ତାଙ୍କ ଝିଅର ଜୀବନ ଯାଇଛି ବୋଲି ଏତଲା ଦେଇଛନ୍ତି ଓ ଦୋଷୀ ଛାତ୍ରୀମାନଙ୍କୁ ଠାବ କରି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିଭଳି ବିଜେବି କଲେଜରେ ଏଭଳି ସମ୍ବେଦନଶୀଳ ମାମଲା ହୋଇଥିବାରୁ ବିଭିନ୍ନ ସାମାଜିକ ସଂଗଠନ ମଧ୍ୟ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି ।

# ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ ଆରମ୍ଭ କଲେ ଏଏସ୍ଆଇର ବୈଷୟିକ ଟିମ



**ପୁରୀ(ଏନ୍.ଏମ୍.):** ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅବସରରେ ପ୍ରଭୁ ଶ୍ରୀ ଜଗନ୍ନାଥ ଯାଇଛନ୍ତି ମାଉସୀମା ଘରକୁ । ୯ଦିନ ଧରି ସେଠାରେ ଅବସ୍ଥାନ କରିବେ । ତେବେ ଏହି ସମୟରେ ଶ୍ରୀମନ୍ଦିର ଖାଲି ରହିଥିବାରୁ ଗର୍ଭଗୃହ ଯାଞ୍ଚ ପାଇଁ ଏଏସଆଇର ବୈଷୟିକ ଟିମ ବଡଦେଉଳରେ ପହଞ୍ଚିଛନ୍ତି । ଏହି ଟିମ୍ ପହଞ୍ଚିଛି ଏବଂ ଶ୍ରୀମନ୍ଦିର ଐତିହ୍ୟ କୀର୍ତ୍ତିରାଜୀର ସୁରକ୍ଷା ନିମନ୍ତେ ଯାଞ୍ଚ ଆରମ୍ଭ କରିଛନ୍ତି । ଟିମ୍ରେ ଆଇଆଇଟି ଚେନ୍ନାଇର ପ୍ରଫେସର ଅରୁଣ ମେନନ, ଦିଲ୍ଲୀର କଂଜରଭେସନ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଭିମା, ଇଏଓ ଓଡିଶା ମୁଖ୍ୟ ଅରୁଣ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଗର୍ଭଗୃହ ଯାଞ୍ଚ କରୁଛନ୍ତି । ଗର୍ଭଗୃହର ଅବସ୍ଥା, ନାଟମଣ୍ଡପ, ଭୋଗମଣ୍ଡପ, ବିଭିନ୍ନ ଦ୍ୱାରର ଗୁମୁଟ, ମେଘନାଦ ପାଚେରି, କଳାହାଟ ଦ୍ୱାରରେ ରୁପା ଛାଉଣୀ କାମ ଓ ଶ୍ରୀମନ୍ଦିର ପରିସର ପାର୍ଶ୍ୱ ମନ୍ଦିର ସ୍ଥିତି ମଧ୍ୟ ଅନୁଧ୍ୟାନ କରୁଛି ଟିମ୍ । ଦକ୍ଷିଣ ଦ୍ୱାର ଦେଇ ଟିମ୍ ପ୍ରବେଶ କରିବା ବେଳେ ଏହି ଦ୍ୱାର ଗୁମୁଟ ମରାମତି କାମ ଦେଖିଥିଲା । କେମିକାଲ ଇଂଜିନିୟର ରଞ୍ଜନା ପୁଷ୍କରଙ୍କ ସମେତ ରାଜ୍ୟ ପୂର୍ତ୍ତ ବିଭାଗର ଅଧିକାରୀମାନେ ଯାଞ୍ଚରେ ସାମିଲ ହୋଇଛନ୍ତି । ସୂଚନା ଯୋଗ୍ୟ ଯେ, ରଥଯାତ୍ରା ସମୟରେ ପ୍ରତିବର୍ଷ ବୈଷୟିକ ଟିମ ଦ୍ୱାରା ଗର୍ଭଗୃହ ଯାଞ୍ଚ ଓ ଆବଶ୍ୟକ ମରାମତି କରା ଯାଇଥାଏ । ତେଣୁ ପ୍ରତିଥର ଚଳିତ ଥର ଚାଲିଥିବା ଯାଞ୍ଚ ପରେ ଆବଶ୍ୟକ ମରାମତି କାମ ହେବ ବୋଲି ସୂଚନା ମିଳିଛି ।

# ରଥାରୂଢ଼ ଜଗନ୍ନାଥଙ୍କୁ ଦର୍ଶନ ପାଇଁ ବିଚାରପତିଙ୍କୁ ଛାଡ଼ିଲେନି ପୁଲିସ

**ପୁରୀ(ଏନ୍.ଏମ୍.):** ରଥଯାତ୍ରା ବେଳେ ଆଜି ବିଚାରପତି-ପୁଲିସ ମୁହାଁମୁହିଁ ପରିସ୍ଥିତି ଉପୁଜିଛି । ବଡ଼ଦାଣ୍ଡକୁ ଯିବାକୁ ଚାହୁଁଥିବା ବିଚାରପତିଙ୍କୁ ପୁଲିସ ନ ଛାଡ଼ିବାରୁ ଏଭଳି ପରିସ୍ଥିତି ଉପୁଜିଛି । ଏହାକୁ ନେଇ ବିଚାରପତି ଓ ଆଇନଜୀବୀଙ୍କ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ମିଳିଥିବା ସୂଚନା ମୁତାବକ, ପୁରୀ ଗ୍ରାମ୍ୟ ନ୍ୟାୟାଳୟର ବିଚାରପତି ସନ୍ତୋଷ ବାରିକ ଆଜି ସଂଧ୍ୟାରେ ଝାଡେଶ୍ୱରୀ ଛକ ଦେଇ ବଡ଼ଦାଣ୍ଡକୁ ଯିବାକୁ ଚାହୁଁଥିଲେ । ଏହି ସମୟରେ ଝାଡେଶ୍ୱରୀ ଛକ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ଥିବା ଜଣେ ମହିଳା ଏସ୍ଆଇ ଓ ଅନ୍ୟ ପୁଲିସମାନେ ତାଙ୍କୁ ଛାଡ଼ି ନଥିଲେ । ପିସିଆର୍ ପହଞ୍ଚି ବୁଝାସୁଝା କରିବା ପରେ ପୁଲିସ ବିଚାରପତିଙ୍କୁ ଛାଡ଼ିଥିଲା । ପୁଲିସଠାରୁ ମିଳିଥିବା ସୂଚନା ମୁତାବକ, ବିଚାରପତି ଶ୍ରୀ ବାରିକ ପହଞ୍ଚିବା ପରେ ବଡ଼ଦାଣ୍ଡକୁ ଯିବାକୁ ଚାହିଥିଲେ । କିନ୍ତୁ ସେତେବେଳେ କାହାରିକୁ ବଡ଼ଦାଣ୍ଡକୁ ନ ଛାଡ଼ିବାକୁ ନିର୍ଦ୍ଦେଶ ଥିଲା । ଏଣୁ ବିଚାରପତିଙ୍କୁ ବଡ଼ଦାଣ୍ଡକୁ ଛଡ଼ାଯାଇନଥିଲା । ବଡ଼ଦାଣ୍ଡକୁ ଛଡ଼ା ନ ଯିବାରୁ ବିଚାରପତି ତାଙ୍କ ଗାଡ଼ିକୁ ସେହିଭଳି ରାସ୍ତା ଉପରେ ରଖିଥିଲେ । ପରେ ପୁଲିସ କଣ୍ଟ୍ରୋଲ୍ ରୁମ୍କୁ ଫୋନ୍ କରି ଜଣାଇବା ପରେ ପିସିଆର୍ ପହଞ୍ଚିଥିଲା । ପିସିଆର୍ ପହଞ୍ଚିବା ପରେ ବିଚାରପତି ଶ୍ରୀ ବାରିକ ନିଜପରିଚୟ ଦେଇଥିଲେ । ପରେ ତାଙ୍କୁ ଛଡ଼ା ଯାଇଥିଲା ବୋଲି ପୁଲିସ କହିଛି ।

# ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା : ଆଡପ ମଣ୍ଡପକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି

**ପୁରୀ/କୋଣାର୍କ(ଏନ୍.ଏମ୍.):** ନବଦିନାତ୍ମକ ଘୋଷ ଯାତ୍ରେରେ ରଥାରୁଢ ହୋଇ ଆସିଥିବା ଚତୁର୍ଦ୍ଧାମୂର୍ତ୍ତି ବଡଦାଣ୍ଡରେ ସମବେତ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପରେ ଶ୍ରୀଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ଗୋଟି ପହଣ୍ଡିରେ ବିଜେ କରିଛନ୍ତି । ଅପରାହ୍ନରେ କୋଠ ସୁଆଁସିଆମାନେ ଚାରମାଳ ବାନ୍ଧିବା ପରେ ରଥ ଉପରେ ମହାପ୍ରଭୁଙ୍କ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟା ଆଳତୀ ପରେ ଟାହିଆ ଲାଗି ଏବଂ ପରେ ପରେ ପହଣ୍ଡି ହୋଇଥିଲା । ଗୋଟି ପହଣ୍ଡିରେ











ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଛନ୍ତି ଶ୍ରୀଜୀୟୁମାନେ । ପ୍ରଥମେ ରାମକୃଷ୍ଣ ମଦନମୋହନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ପରେ ରଥାରୁଢ଼ ସୁଦର୍ଶନଙ୍କ ପହଣ୍ଡି ହୋଇଥିଲା । ଏହାପରେ ଦେବୀ ମା ସୁଭଦ୍ରା, ବଡ଼ଠାକୁର ଶ୍ରୀ ବଳଭଦ୍ର ଓ ଶେଷରେ କାଳିଆ ଠାକୁର ଗୋଟି ପହଣ୍ଡିରେ ଜନ୍ମବେଦିକୁ ବିଜେ କରିଥିଲେ । ଘୋଷଯାତ୍ରା ଦିନ ଶ୍ରୀଗୁଣ୍ଡିଚାରେ ତିନିରଥ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖସ୍ଥ ଶରଧାବାଲିରେ ଲାଗିଥିଲା । ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତି ଅନୁଯାୟୀ ଆଜି ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଆଡ଼ପ ମଣ୍ଡପକୁ ସେବାୟତମାନେ ବିଜେ କରାଇଛନ୍ତି । ରଥ ଉପରେ ଶନିବାର ସକାଳୁ ମଙ୍ଗଳଆଳତି, ତଡ଼ପଲାଗି, ଅବକାଶ, ବେଶ ଶେଷ, ଗୋପାଳଭୋଗ, ସକାଳଧୂପ ଶେଷ ହେବା ପରେ ୧୧ଟା ୩୫ରେ



ସର୍ବାଙ୍ଗ କରାଯାଇଥିଲା । ସକାଳୁ ଲକ୍ଷାଧିକ ଭକ୍ତ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ରଥ ଚାରିପଟେ ଦୀପ ଜାଳିବା ସହ ଶୁଖିଲା ଭୋଗ ଅର୍ପଣ କରାଯାଇଥିବା ଦେଖିବାକୁ ମିଳିଥିଲା । ବିଜେ କାହାଳି ବାଜିବା ପରେ ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ରାମକୃଷ୍ଣ ମଦନମୋହନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ପରେ ପରେ ପ୍ରଭୁ ଶ୍ରୀ ସୁଦର୍ଶନ, ଦେବୀ ମା ସୁଭଦ୍ରା, ବଡ଼ଠାକୁର ଶ୍ରୀ ବଳଭଦ୍ର ଓ ଶେଷରେ ଜଗତରନାଥ ଜଗନ୍ନାଥଙ୍କ ପହଣ୍ଡି ହୋଇ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ । ରଥରେ ମହାପ୍ରଭୁଙ୍କ ସିନ୍ଧୁକରେ ଆସିଥିବା ସମସ୍ତ ସରଞ୍ଜାମ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ଘଂଟ, ଘଂଟା, ମୃଦଙ୍ଗର ତାଳେ ତାଳେ ଶ୍ରୀଜୀଉ ମାନଙ୍କ ପହଣ୍ଡି ଅନୁଷ୍ଠିତ ହୋଇଥିଲା । ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀରେ ଶରଧାବାଲି ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସମର୍ଥ ବର୍ମା, ଏସପି କନୱର ବିଶାଳ ସିଂହଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଓ ଶ୍ରୀମନ୍ଦିରର ପରିଚାଳନା କମିଟିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଶାନ୍ତି ଶୃଙ୍ଖଳାରେ ମହାପ୍ରଭୁ ଆଡ଼ପ ମଣ୍ଡପକୁ ବିଜେ କରିଥିଲେ ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ରାଜ୍ୟ ବଜେଟ୍ ଉପସ୍ଥାପିତ, ୨ ଲକ୍ଷ କୋଟିର ...

କୋଟି, ଦୁର୍ଗମ ବିଚ୍ଛିନ୍ନ ଗାଁ ଗୁଡ଼ିକୁ ରାସ୍ତା ସଂଯୋଗ ପାଇଁ ୧୫୦ କୋଟି, ୪ ଏୟାରପୋର୍ଟ (ରାଉରକେଲା, ଜୟପୁର, ଉତକେଲା,ଝାରସୁଗୁଡ଼ା) ଜମି ଅଧିଗ୍ରହଣ, ନବୀକରଣ ପାଇଁ ୩୨୫ କୋଟି, ଇ-ଯାନ ପ୍ରୋତ୍ସାହନ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ, ବିଜୁ ପକ୍କା ଘର ଯୋଜନା ପାଇଁ ୫ ହଜାର ୯ଶହ ୬ କୋଟି ବ୍ୟୟବରାଦ, ମିଶନ ଶକ୍ତି ଯୋଜନାରେ ଝଔଏଙ୍କୁ ଅର୍ଥ ସହାୟତା ପାଇଁ ୭୭୩ କୋଟି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୃହ ନିର୍ମାଣ ପାଇଁ ୧୭୬ କୋଟି, ମନରେଗା ପାଇଁ ୨୦୦୧ କୋଟି, ମନରେଗା କର୍ପସ ପାଣ୍ଠି ପାଇଁ ୧ ହଜାର କୋଟି, ବୃଦ୍ଧ, ବିଧବା, ଭିନ୍ନକ୍ଷମଙ୍କୁ ଭତ୍ତା ପାଇଁ ୨୦୧୭ କୋଟି ବ୍ୟୟ ବରାଦ, ବ୍ୟୟ ଅଟକଳ ପାଇଁ ରାଜସ୍ୱ ପ୍ରାପ୍ତିରୁ ଖର୍ଚ୍ଚ ହେବ ୧, ୬୩, ୯୬୭ କୋଟି, ଋଣ ଓ ଅନ୍ୟାନ୍ୟ ବାବଦରୁ ପ୍ରାପ୍ତ ୩୬ ହଜାର ୩୩ କୋଟି ଖର୍ଚ୍ଚ ହେବ ପର୍ଯ୍ୟଟନର ବିକାଶ ନିମନ୍ତେ ୫୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୩୭୫ କୋଟି ଓ ପର୍ଯ୍ୟଟନର ପ୍ରୋତ୍ସାହନ ପାଇଁ ୧୫୦ କୋଟି ବିନିଯୋଗ ହେବ। କ୍ରୀଡ଼ାକ୍ଷେତ୍ର ପାଇଁ ୯୧୧ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ମିଶନ ଶକ୍ତି କାର୍ଯ୍ୟକ୍ରମ ଅଧୀନରେ ୨୦୦୦ କୋଟି ଟଙ୍କା ବ୍ୟୟବରାଦ, ସାମାଜିକ ନିରାପତ୍ତା ଲାଗି ମୋଟ ୩,୭୦୬ କୋଟି ଟଙ୍କାର ବ୍ୟୟ ବରାଦ କେଜି ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦେବା ପାଇଁ ସର୍ବମୋଟ ୧,୦୨୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ବିଦ୍ୟୁତ୍ ଶକ୍ତି କ୍ଷେତ୍ରରେ ୩,୪୮୨ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଓ ଷ୍ଟାର୍ଟ ଅପ୍ସ ପ୍ରୋତ୍ସାହିତ କରିବା ପାଇଁ ମୋଟ ୧୨୬୯ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ରହିଛି। ହସ୍ତତନ୍ତ, ହସ୍ତଶିଳ୍ପ, ସେରିକଲଚର ଓ ବୟନ ଶିଳ୍ପ କ୍ଷେତ୍ର ପାଇଁ ୨୦୩ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଜଙ୍ଗଲ କ୍ଷେତ୍ର ପାଇଁ ୨,୨୧୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଖଣିକ୍ଷେତ୍ର ପାଇଁ ୧୮୩ କୋଟି ଟଙ୍କା ବ୍ୟୟ ବରାଦ ରହିଛି। ଏଥିମଧ୍ୟରେ ସଶଗଝ ପାଇଁ ୫୦ କୋଟି ଏବଂ କଣତଜ ଅନୁସନ୍ଧାନ ଓ ନିଲାମ ପାଇଁ ୩୮ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ର ପାଇଁ ୩୦୨ କୋଟି ଟଙ୍କା ବ୍ୟୟବରାଦ

## ଶ୍ରୀକ୍ଷେତ୍ରରେ ରଥ ଟାଣିଲେ ...

ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ରଥ ଟାଣିଛନ୍ତି। ଏଥିସହ ଆଜି ପୁରୀ ଗସ୍ତରେ ଯାଇ ପ୍ରଥମେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ପଟେ ନିର୍ମିତ ମଡେଲ ପ୍ୟାଚ୍ ବୁଲି ଦେଖିବା ପରେ ମୁଖ୍ୟମନ୍ତ୍ରୀ ନନ୍ଦିଘୋଷ ରଥ ଟାଣିଛନ୍ତି। ତେବେ ଶ୍ରୀମନ୍ଦିର ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଯେଉଁଭଳି ସମ୍ପୂର୍ଣ୍ଣ ଉତ୍କଳୀୟ ଢାଞ୍ଚାରେ ଖଣ୍ଡୋଲାଇଟ୍ ପଥରରେ କାମ ହୋଇଛି। ଅତ୍ୟନ୍ତ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଉଥିବା ଏହି ସ୍ଥାନ ସମସ୍ତଙ୍କୁ ବିମୋହିତ କରୁଛି । ସ୍ଥାନୀୟ ଲୋକ ମଧ୍ୟ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିବା ବେଳେ ପୂର୍ଣ୍ଣାଙ୍ଗ ପ୍ରକଳ୍ପ ନିଶ୍ଚିତ ଭାବେ ଚିତାକର୍ଷକ ହେବ ବୋଲି କହିଛନ୍ତି। ଆଜି ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଚସ୍ପତି ବିକ୍ରମ ଆରୁଖ, ୫-ଟି ସଚିବ ଭି.କେ. ପାଣ୍ଡିଆନ ପ୍ରମୁଖ ଉପସ୍ଥିଥିଲେ।

## ରାଜ୍ୟସ୍ତରୀୟ ତାଇକୋଣ୍ଡୋ...

କ୍ରୀଡ଼ାବିତମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ଏବଂ ଜାତୀୟ ସ୍ତରୀୟ ପ୍ରତିଯୋଗିତାର ବିଚ଼ାରକଭାବେ ଅଂଶ ଗ୍ରହଣ କରିପାରିବେ। ଏହି କାର୍ମଶାଳାରେ ଯୋଗ ଦେଇଥିବା ପ୍ରତିଭାବାନ ବ୍ଲାକ ବେଲ୍ଟ କ୍ରୀଡ଼ାବିତମାନେ ହେଲେ ଲିଙ୍ଗରାଜ ପୃଷ୍ଟି, ଚ଼ନ୍ଦନ ସାହୁ, ପ୍ରଦୀପ କୁମାର କାଣ୍ଡି, ନିର୍ମଳ ଚ଼ନ୍ଦ୍ର ନାୟକ, ରଞ୍ଜିତ ବେହେରା, ସ୍ୱସ୍ତିକ କାନୁନଗୋ, ପ୍ରଫୁଲ୍ଲ ମାସନ୍ତ, ଟଙ୍କଧର ନାୟକ, ମନୋଜ ପାତ୍ର, ମାନସ ରଞ୍ଜନ ବାରିକ, ଦିଗବିଜୟ ବେହେରା, ବିଶ୍ୱରୂପା ପାତ୍ର,ସ୍ମୃତିଲକ୍ଷ୍ମୀ ନାୟକ, ସତ୍ୟବାନ ମହାପାତ୍ର, ସ୍ଥିତିପ୍ରଜ୍ଞା ଗିରି, ପ୍ରଦୀପ ପାତ୍ର, ଅମ୍ବିତ ହଂସଦା, ଜିତେନ୍ଦ୍ର ଓରାମ ଏବଂ କୃଷ୍ଣଚ଼ନ୍ଦ୍ର ଓରାମ।

## ଜୁନରେ ଜିଏସଟି ଆଦାୟ ୫୬% ବଢ଼ିଲା...

ରହିଛି। ଏହାବାଦ ବିଭିନ୍ନ ଦ୍ରବ୍ୟରେ ଲାଗୁଥିବା ସେସରୁ ୧୧,୦୧୮ କୋଟି ଟଙ୍କା ଆଦାୟ କରାଯାଇଛି। ମେ' ମାସରେ ଜିଏସ୍ଟି ଆଦାୟ ହ୍ରାସ ପାଇଥିଲା। ମେ' ମାସରେ ପୂରା ଦେଶରୁ ମୋଟ ୧,୪୦,୮୮୫ କୋଟି ଟଙ୍କାର ଜିଏସଟି ସଂଗ୍ରହ ହୋଇଥିଲା। କିନ୍ତୁ ଏହା ଏପ୍ରିଲ ତୁଳନାରେ ୧୫% କମ। ଏପ୍ରିଲ ମାସରେ ରେକର୍ଡ ୧.୬୮ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ଆଦାୟ ହୋଇଥିଲା। ମାର୍ଚ୍ଚ ମାସରେ ୧,୪୨,୦୯୫ କୋଟି ଟଙ୍କା ଓ ଜାନୁଆରୀରେ ୧,୪୦,୯୮୬ କୋଟି ଟଙ୍କାର ଜିଏସ୍ଟି ରାଜସ୍ୱ ଆକାରରେ ମିଳିଥିଲା। ଜାନୁଆରୀ ମାସର ଜିଏସ୍ଟି ସଂଗ୍ରହ ସେତେବେଳେ ନୂଆ ରେକର୍ଡ କରିଥିଲା। ହେଲେ ମାର୍ଚ୍ଚ ମାସର ଜିଏସ୍ଟି ସଂଗ୍ରହ ଏହି ରେକର୍ଡକୁ ଭାଙ୍ଗି ଥିଲା। ସେହିପରି ଏପ୍ରିଲରେ ପୁଣି ରେକର୍ଡ ୧.୬୮ ଲକ୍ଷ କୋଟି ଟଙ୍କାର ଜିଏସ୍ଟି ସଂଗ୍ରହ ହୋଇଥିଲା।

## ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହେବାର ...

ପାୱାର ଟ୍ୱିଟ୍ କରି କେନ୍ଦ୍ରର ବିଜେପି ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଇଡି ଏବଂ କେନ୍ଦ୍ରୀୟ ଏଜେନ୍ସିର ଏବେ ବ୍ୟବହାର ହେଉଛି ଏବଂ ଏହାର ଫଳାଫଳ ଆଜି ଦିନରେ ଖୁବ୍ ସ୍ପଷ୍ଟ ପରିପ୍ରକାଶ ହେଉଥିବା ସେ ଅଭିଯୋଗ କରିଛନ୍ତି । ଅନେକ ବିଧାୟକଙ୍କୁ ଏଭଳି ନୋଟିସ ହୋଇଥିବା ଅଭିଯୋଗ ହୋଇଛି। ସେ କହିଛନ୍ତି ଯେ ଏବେ ଏକ ନୂଆ ଧାରା ଆରମ୍ଭ ହୋଇଛି। ୫ ବର୍ଷ ପୂର୍ବେ ଇଡି କିଏ ଆମେ ଜାଣି ନଥିଲୁ। ହେଲେ ଆଜିର ଦିନରେ ଗାଁ ଲୋକମାନେ ମଧ୍ୟ ଥଟ୍ଟାମଜାରେ ଇଡି କଥା କହୁଛନ୍ତି। ଗାଁ ଗାଁରେ ଇଡି ରେଡ୍ କଥା ପରସ୍ପରକୁ କୁହାକୁହି ହେଉଛନ୍ତି। ଗାଁ ଲୋକେ ବି ଇଡି କଥା ଶୁଣି ଡରି ଯାଉଥିବା ପାୱାର ଟ୍ୱିଟ୍ କରିଛନ୍ତି। ଭିନ୍ନମତ ପୋଷଣ କରୁଥିବା ରାଜନୈତିକ ବ୍ୟକ୍ତି ପାଇଁ ଏହି ସଂସ୍ଥାସବୁ ବ୍ୟବହାର ହେଉଥିବା ସେ କହିଛନ୍ତି। ମୁଁ ମଧ୍ୟ ଆୟକର ବିଭାଗ ପକ୍ଷରୁ ସେମିତି ଏକ ପ୍ରେମପତ୍ର ପାଇଥିବା ପାୱାର ପରିହାସ ଛଳରେ କହିଛନ୍ତି। ଗତ କାଲି ଏକାନାଥ ସିନ୍ଦେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଓ ଦେବେନ୍ଦ୍ର ଫଡନାଭିସ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ଏହା ପୂର୍ବରୁ ଦେବେନ୍ଦ୍ର ଫଡନାଭିସ ଘୋଷଣା କରି ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ହେବେ ବୋଲି କହିଥିଲେ।

## ସୁବ୍ରତ ବାଗଚୀଙ୍କ ଚୌଦ୍ୱାର ମଣ୍ଡଳ କାରାଗାର ପରିଦର୍ଶନ

# କଏଦୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ସରକାରଙ୍କ ପଦକ୍ଷେପ



**କଟକ(ଏନ୍.ଏମ୍.):** କାରାଗାରରେ ବନ୍ଦୀ ଜୀବନ କାଟୁଥିବା କଏଦୀ ମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ କାରାମୁକ୍ତ ହେବା ପରେ ଜଣେ କଏଦୀ ଆଉ ଅପରାଧରେ ଜଡିତ ନରହି କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ସରକାର ବିଭିନ୍ନ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣର ଅଧ୍ୟକ୍ଷ ସୁବ୍ରତ ବାଗ୍ଚି, ଜେଲ ଡି.ଜି. ମନୋଜ ଛାବ୍ରା, ଡିଆଇଜି ଶୁଭକାନ୍ତ ମିଶ୍ର ପ୍ରମୁଖ ଚୌଦ୍ୱାର ଜେଲ ପରିଦର୍ଶନ କରି ଜେଲର କଏଦୀମାନଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ କଏଦୀ ଜେଲରୁ ମୁକୁଳିବା ପରେ ନିଜ ତଥା ପରିବାରର ଭରଣପୋଷଣ ପାଇଁ ଅର୍ଥ ଉପାର୍ଜନ ପାଇଁ ଦରକାର ହେଉଥିବା ଦକ୍ଷତା ବୃଦ୍ଧି ଦିଗରେ ଜେଲରେ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ଏହି ଅବସରରେ ସୂଚନା ଦିଆଯାଇଛି। କଏଦୀ ମାନଙ୍କ ନିଜସ୍ୱ ପ୍ରତିଭା ଓ ଆଗ୍ରହକୁ ଦେଖି ସେମାନଙ୍କୁ ବିଭିନ୍ନ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇ ସ୍ୱାବଲମ୍ବି କରିବାରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ବାଗଚି ପ୍ରକାଶ କରିଥିଲେ। ଚୌଦ୍ୱାର ମଣ୍ଡଳ କାରାଗାର ଓଡ଼ିଶାର ବୃହତ୍ତମ ଜେଲ ହୋଇଥିବାରୁ ଏହାର ଭିତ୍ତିଭୂମିକୁ ଅନୁଧ୍ୟାନ କରି ବିଭିନ୍ନ ଦକ୍ଷତା ବିକାଶ ବୈଷୟିକ ତାଲିମ ଶାଖାମାନ ଖୋଲାଯାଇ କଏଦୀ ମାନଙ୍କୁ ତାଲିମ୍ ପ୍ରଦାନ କରାଯିବ ବୋଲି ଡିଆଇଜି ଶ୍ରୀ ମିଶ୍ର କହିଥିଲେ। ଚୌଦ୍ୱାର ଜେଲ ଆରକ୍ଷୀ ଅଧୀକ୍ଷକ ପ୍ରଦୀପ୍ତ ବେହେରା, ଜେଲର ବିଭୁଦେନ୍ଦୁ ଭୂୟାଁ, ସ୍ଥାନୀୟ ତହସିଲଦାର ଅଜୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ପୁଲିସ ଭାଗ୍ୟ ଆଉଟସୋର୍ସିଂ ସଂସ୍ଥା ହାତରେ

# ଘରୋଇ ସଂସ୍ଥା ଚୟନ କରିବ ଓଡ଼ିଶା ପୁଲିସ ପାଇଁ ଏସ୍ଆଇ

**କଟକ (ଏନ୍.ଏମ୍.) :** ଓଡ଼ିଶା ପୁଲିସର ଭାଗ୍ୟ ଏବେ ଆଉଟସୋର୍ସିଂ ବା ଘରୋଇ ସଂସ୍ଥା ହାତରେ। ଏକ ଘରୋଇ ସଂସ୍ଥା ଓଡ଼ିଶା ପୁଲିସ ବାହିନୀ ପାଇଁ ସବ୍ ଇନସପେକ୍ଟର (ଏସ୍ଆଇ) ଚୟନ କରିବ। ଏହି ଘରୋଇ ସଂସ୍ଥା ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା କେନ୍ଦ୍ର ଚୟନ ସହିତ ସଂପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥା ପରିଚାଳନା କରୁଛି। ଫଳରେ ଓଡ଼ିଶା ପୁଲିସର ଏହି ମିଳିତ ପୁଲିସ ସେବା ପରୀକ୍ଷା( ସିପିଏସଇ-୨୦୧୮)ର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ୍ ବୋର୍ଡ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ଘରୋଇ ସଂସ୍ଥା ହାତରେ ଟେକି ଦେଇଥିବାରୁ ଏହାକୁ ନେଇ ବିଭିନ୍ନ ମହଲରୁ ଆପତ୍ତି ଉଠିଛି। ୨୦୧୮ ପାଇଁ ଏହି ପରୀକ୍ଷାକୁ ଏବେ କାହିଁକି କରାଯାଉଛି ? ଏ ନେଇ ସାନି ବିଜ୍ଞପ୍ତି ପ୍ରକାଶ ନକରି ଏକ ପୁରୁଣା ପରୀକ୍ଷାକୁ ଏବେ କରାଯାଉଥିବାରୁ ବହୁ ଆଶାୟୀ ଏଥିରୁ ବଞ୍ଚିତ ହୋଇଛନ୍ତି। ୨୦୧୮ର ଏହି ମିଳିତ ପୁଲିସ ସେବା ପରୀକ୍ଷା ୨୦୨୨ରେ ଅନୁଷ୍ଠିତ ହେଉଥିବାରୁ ବହୁ ସଂଖ୍ୟାରେ ଆଶାୟୀ ଆଜି ଅନୁପସ୍ଥିତ ରହିଥିବା ଜଣାପଡିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ନବ ଗଠିତ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ୍ ବୋର୍ଡ ଏହି ପରୀକ୍ଷା ପରିଚାଳନା କରିବାକୁ କଣ ଅସମର୍ଥ ? ତଥ୍ୟ ମୁତାବକ, ଓଡ଼ିଶା ମିଳିତ ପୁଲିସ ସେବା ପରୀକ୍ଷା ସିପିଏସଇ-୨୦୧୮ ପରୀକ୍ଷା ଆଜି ରାଜ୍ୟର ୩୪ଟି ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ବେଳେ ୨୯ ହଜାର ୬୪୪ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱରରେ ୧୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ କଟକରେ ୬ଟି କେନ୍ଦ୍ର କରାଯାଇଛି। ସମ୍ବଲପୁର, ରାଉରକେଲା, ବ୍ରହ୍ମପୁରରେ ୩ଟି ଲେଖାଏଁ କେନ୍ଦ୍ର ହୋଇଛି। ସେହିଭଳି ପୁରୀ, ମୟୁରଭଞ୍ଜ, ଜଗତସିଂହପୁର ଓ ବରଗଡରେ ଗୋଟିଏ ଲେଖାଏଁ କେନ୍ଦ୍ର କରାଯାଇଛି। ତେବେ ୨୦୧୮ର ଏହି ମିଳିତ ପୁଲିସ ସେବା ପରୀକ୍ଷା (ସବ୍ ଇନସପେକ୍ଟର) ପାଇଁ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ଦୀର୍ଘ ୪ ବର୍ଷ ବିଳମ୍ବରେ ଅନୁଷ୍ଠିତ ହେଉଥିବାରୁ ପାଖାପାଖି ଅଧା ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ପୂର୍ବରୁ ଏହି ପରୀକ୍ଷା ଓଡ଼ିଶା ଷ୍ଟାଫ୍ ସିଲେକସନ କମିସନ କରୁଥିବା ବେଳେ ଗତ ବର୍ଷ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ୍ ଗଠନ ପରେ ଏବେ ଏହି ପରୀକ୍ଷା ଏହି ବୋର୍ଡ ହାତକୁ ଯାଇଛି। ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଓ ତୁରନ୍ତ ତଥା ନିୟମିତ ପରୀକ୍ଷା ପାଇଁ ଗଠନ ହୋଇଥିବା ପୁଲିସ ରିକ୍ରୁଟମେଣ୍ଟ ଘରେ ନପଶୁଣୁ ଚାଳ ବାଜିବା ନ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାକୁ ଏକ ଘରୋଇ ସଂସ୍ଥା ଦ୍ୱାରା କରାଉଛି। ତେବେ ଆବଶ୍ୟକ ଭିତ୍ତିଭୂମି ଓ ଅଭିଜ୍ଞତାର ଅଭାବ ଯୋଗୁଁ ଏହି କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ପରିଚାଳନା ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବା ଜଣାପଡିଛି। ଏହି ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପରେ ୧୧ ଓ ୧୨ ତାରିଖ ଦୁଇ ଦିନ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ପରିଚାଳନା ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟରେ ୩୪ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି। ଏଥିରେ ଅତିରିକ୍ତ ଏସପି, ଡିଏସପି ଓ ଇନସପେକ୍ଟର ପାହ୍ୟାର ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି।




# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ ; ଶ୍ୱଶୁର ଓ ନଣନ୍ଦ ଅଟକ, ସ୍ୱାମୀ ଫେରାର୍




**ଭଦ୍ରକ(ଏନ୍.ଏମ୍.):** ଭଦ୍ରକ ଜିଲ୍ଲା କୁବେରା ପଞ୍ଚାୟତ ଅଧୀନ ଜୟପୁର ଗ୍ରାମର ଅଜିତ କୁମାର ନାୟକଙ୍କ ଝିଅ ମୋନାଲିସା (୨୫) ଆଠ ବର୍ଷ ତଳେ ତାଳପଦା ପଞ୍ଚାୟତ ଗଦାଧରପୁର ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପୁଅ ବିଜୟ ନାୟକ (୨୯)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଶାଶୂଘର ଦାବି ମୁତାବକ ୮୦ ହଜାର ଟଙ୍କା ସହ ଅନ୍ୟାନ୍ୟ ଜିନିଷ ଯୌତୁକ ଆକାରରେ ଦିଆଯାଇଥିଲା। ମାତ୍ର ବିବାହର କିଛିଦିନ ପରେ ଅଧିକ ୧ ଲକ୍ଷ ଟଙ୍କା ଦାବି କରି ଶାଶୂଘର ଲୋକେ ମୋନାଲିସାଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏପରି ସମୟରେ ଗତ ଜୁନ୍ ୨୯ ତାରିଖ ଦିନ ମୋନାଲିସାଙ୍କ ମୃତ୍ୟୁ ହୋଇଥିଲା। ମୃତ ମୋନାଲିସାଙ୍କ ସ୍ୱାମୀ ବିଜୟ ଶାଶୂଙ୍କ ନିକଟକୁ ଖବର ଦେଇଥିଲେ ଯେ, ତାଙ୍କ ଝିଅ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତେବେ ଏନେଇ ମୋନାଲିସା ବାପଘର ପକ୍ଷରୁ ଯୌତୁକ ଜନିତ ହତ୍ୟା ବୋଲି ଥାନାରେ ଅଭିଯୋଗ ହୋଇଥିଲା। ଫଳରେ ପୁଲିସ ୨୭୮/୨୨ରେ ଏକ ମାମଲା ରୁଜୁ କରି ଶ୍ୱଶୁର ଲକ୍ଷ୍ମୀଧର ନାୟକ, ନଣନ୍ଦ ସୁଲୋଚନା ବିଶ୍ୱାଳ, ସ୍ୱାମୀ ବିଜୟ ନାୟକ, ଦିଅର ଅଜୟ ନାୟକ, ଭଣଜା ସନ୍ତୋଷ ବିଶ୍ୱାଳ ଓ ଚନ୍ଦନ ବିଶ୍ୱାଳଙ୍କ ନାମରେ ମାମଲା ରୁଜୁ କରିଛି। ଶ୍ୱଶୁର ଲକ୍ଷ୍ମୀଧର ଓ ନଣନ୍ଦ ସୁଲୋଚନାଙ୍କୁ ଅଟକ ଥିବା ବେଳେ ସ୍ୱାମୀ ବିଜୟ ନାୟକ ଫେରାର୍ ହୋଇଯାଇଛନ୍ତି। ସୂଚନାଯୋଗ୍ୟ; ମୃତ ମୋନାଲିସାଙ୍କ ଜଣେ ଦୁଇ ବର୍ଷର ପୁଅ ଏବଂ ଜଣେ ଚାରି ବର୍ଷର ଝିଅ ଅଛନ୍ତି।

# ରାଗିଙ୍ଗ ଫ୍ରି କ୍ୟାମ୍ପସ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ




**ଭୁବନେଶ୍ୱର (ଏନ୍.ଏମ୍.):** ବି.ଜେ.ବି. କଲେଜ ଛାତ୍ରୀ ନିବାସରେ ସିନିୟରମାନଙ୍କ ଦ୍ୱାରା ର୍ୟାଗିଂର ଶିକାର ହୋଇ ଆତ୍ମହତ୍ୟା କରିଥିବା ମେଧାବୀ ଛାତ୍ରୀକୁ ନ୍ୟାୟ ଦେବା ସହ ସୁଇସାଇଡ୍ ନୋଟ୍‌କୁ ଭିତ୍ତିକରି କ୍ରାଇମ୍ ବ୍ରାଞ୍ଚ୍ ତଦନ୍ତ ଆରମ୍ଭ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରୁଛି ଆର୍.ଏଫ .ସି.ଏ. ଟିମ୍। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ହଷ୍ଟେଲଗୁଡ଼ିକରେ ଘଟି ଚାଲିଥିବା ର୍ୟାଗିଂ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟ ନିଜେ ହସ୍ତକ୍ଷେପ କରିବା ସହିତ ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଠକ ଡାକି ର୍ୟାଗିଂ ବିରୁଦ୍ଧରେ ଜିରୋ ଟଲରାନ୍ସ ଟୁ ର୍ୟାଗିଂ ଘୋଷଣା କରନ୍ତୁ। ବର୍ତ୍ତମାନ ରାଜ୍ୟ ବିଧାନସଭା ଚାଲିଥିବାର ବିଧାନସଭା ଗୃହ କାର୍ଯ୍ୟ ଆରମ୍ଭ ହେଲେ ସମସ୍ତ ରାଜନୈତିକ ଦଳର ବିଧାୟକମାନେ ରାଜ୍ୟରେ ବଢ଼ି ଚାଲିଥିବା ର୍ୟାଗିଂ ଜନିତ ମୃତ୍ୟୁ ଉପରେ ଆଲୋଚନା କରନ୍ତୁ। ଏହା ସହ ଦେଶର ସାତଟି ରାଜ୍ୟ (ତାମିଲନାଡୁ, ଆନ୍ଧ୍ରପ୍ରଦେଶ, [illegible] ଉତ୍ତରପ୍ରଦେଶ ଓ ଜମ୍ମୁ କାଶ୍ମୀର) ଭଳି ଓଡ଼ିଶାରେ ଦି ଓଡ଼ିଶା ପ୍ରୋହିଭିସନ ଅଫ ରାଗିଙ୍ଗ ଆକ୍ଟ ବିଧାନସଭା ଜରିଆରେ ସରକାର ତୁରନ୍ତ ଆଣନ୍ତୁ। ଓଡ଼ିଶାରେ ତୁରନ୍ତ ରାଜ୍ୟସ୍ତରୀୟ ଆଣ୍ଟି ରାଗିଙ୍ଗ ଟାକ୍ସ ଫୋର୍ସ ଗଠନ କରନ୍ତୁ ଓ ଓଡ଼ିଶା ପୁଲିସ୍‌ର ହ୍ୟୁମାନ ରାଇଟ ପ୍ରୋଟେକ୍ସନ ସେଲ(ଏଚଆରପିସି) କାର୍ଯ୍ୟାଳୟଠାରେ ୨୪ ଘଣ୍ଟିଆ ଆଣ୍ଟି ରାଗିଙ୍ଗ ହେଲ୍‌ପଲାଇନ ଆରମ୍ଭ [illegible] ନ୍ୟାୟମୂର୍ତ୍ତି ଅରଜିତ ପଶାତୟଙ୍କ ରାଗିଙ୍ଗ ସମ୍ପର୍କୀତ ରାୟ ତା ୧୧.୦୨.୨୦୦୯କୁ ତୁରନ୍ତ ରାଜ୍ୟ ସରକାର ପାଳନ କରନ୍ତୁ। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଡକ୍ଟର ଆର୍.କେ. ରାଘବନ୍‌ଙ୍କ ନେତୃତ୍ୱରେ ଗଠନ ହୋଇଥିବା କମିଟି ଅନ ରାଗିଙ୍ଗର ପ୍ରସ୍ତାବ ଯାହା ୦୭ ମଇ ୨୦୦୭ରେ ସୁପ୍ରିମ କୋର୍ଟରେ ଦାଖଲ ହୋଇଛି, ତାହାକୁ ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ୪ ମଇ, ୨୦୦୧ରେ ବିଶ୍ୱ ଜାଗୃତି ମିଶନ ଭର୍ସେସ କେନ୍ଦ୍ର ସରକାର(ଏଆଇଆର) ୨୦୦୧ ଏସସି-୨୭୯୩ ର୍ୟାଗିଂ ରୋକିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ତଥା ଘରୋଇ ଶିକ୍ଷାନୁଷ୍ଠାନ ପାଇଁ ସୁପ୍ରିମ କୋର୍ଟ ଜାରି କରିଥିବା ଗାଇଡ୍‌ଲାଇନ୍‌କୁ ଓଡ଼ିଶା ସରକାର ତୁରନ୍ତ କାର୍ଯ୍ୟକାରୀ କରନ୍ତୁ। ଏହି ସମସ୍ତ ଡକ୍ୟୁମେଣ୍ଟ୍ ଗୁଡ଼ିକ ର୍ୟାଗିଂ ଫ୍ରି କ୍ୟାମ୍ପସ୍ ଅଭିଯାନ ତରଫରୁ ଓଡ଼ିଶା ମାନବାଧିକାର ଆୟୋଗଙ୍କୁ ପ୍ରଦାନ କରାଯାଇଛି ଓ ଏଗୁଡ଼ିକୁ ପାଳନ କରିବା ପାଇଁ ମାନବାଧିକାର ଆୟୋଗ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡ଼ିକରେ କେବଳ ନାମକୁ ମାତ୍ର ଆଣ୍ଟି-ର୍ୟାଗିଂ କମିଟି ରହିଛି। ନା ସେଗୁଡ଼ିକ କାମ କରୁଛି, ନା ସେମାନେ ଉତ୍ତରଦାୟୀ ରହୁଛନ୍ତି। ବରଂ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ର୍ୟାଗିଂ ଘଟଣାକୁ ଅସ୍ୱୀକାର କରିବା ସହ ଘଟଣାକୁ ଚପାଇ ଦେଉଛନ୍ତି। ଯେଉଁଠି ଦଣ୍ଡ ଦିଆଯାଉଛି ତାହା ଏତେ କମ୍ ଯେ ତାହାର କୌଣସି ପ୍ରଭାବ ର୍ୟାଗିଂ ରୋକିବାରେ ସଫଳ ହେଉନାହିଁ। ବେପରୁଆ ଥିବା ହଷ୍ଟେଲ ଓ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ସେମାନେ ମଧ୍ୟ ର୍ୟାଗିଂକୁ ଆଦୌ ଗୁରୁତର ଭାବେ ଗ୍ରହଣ କରୁନାହାନ୍ତି। ବଲାଙ୍ଗୀରର ଭୀମଭୋଇ ମେଡ଼ିକାଲ କଲେଜରେ କିଛିଦିନ ପୂର୍ବରୁ ହୋଇଥିବା ଦୁଇଟି (ଜଣେ ଛାତ୍ର ଓ କିଛିଦିନ ଆଗରୁ ଜଣେ ଛାତ୍ରୀ)ଙ୍କ ହତ୍ୟାକୁ ଆତ୍ମହତ୍ୟାର ରୂପ ଦିଆଗଲା। ପ୍ରମାଣ ଥାଇ ମଧ୍ୟ ମୃତ ଛାତ୍ରଙ୍କୁ ନ୍ୟାୟ ମିଳିଲା ନାହିଁ। ର୍ୟାଗିଂ ଫ୍ରି କ୍ୟାମ୍ପସ୍ ଅଭିଯାନ ରାଗିଙ୍ଗ ଫ୍ରି କ୍ୟାମ୍ପସ ଅଭିଯାନ ପକ୍ଷରୁ ରାଜ୍ୟ ସରକାର ଓ ସମସ୍ତ ରାଜନୈତିକ ଦଳ ତଥା ମାନ୍ୟବର ବିଧାୟକମାନଙ୍କ ଉଦ୍ଦେଶ୍ୟରେ ଯଥାଶୀଘ୍ର ସମ୍ଭବ ଏହି ବିଷୟରେ ଆଲୋଚନା କରିବା ପାଇଁ ଆବାହକ ତେଜେଶ୍ୱର ପରିଡ଼ା, ସହ ଆବାହକ ମୀର ଅହମ୍ମଦ ଅଲ୍ଲୀ, ନଳିନୀକାନ୍ତ ନାୟକ ପ୍ରମୁଖ ନିବେଦନ କରିଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହଟଚମଟ, ପ୍ରଫେସରଙ୍କୁ ଆକ୍ରମଣ କରି ୨ ଛାତ୍ର ଗିରଫ

# ଛାତ୍ରୀଙ୍କ ଅସଦାଚରଣ ଅଭିଯୋଗ ପରେ ପ୍ରଫେସର ବି ଗିରଫ




**ବ୍ରହ୍ମପୁର(ଏନ୍.ଏମ୍.):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରଫେସର ସଦାନନ୍ଦ ନାୟକଙ୍କ କ୍ୱାର୍ଟର୍ସରେ ପଶି ବିଶ୍ୱବିଦ୍ୟାଳୟ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଦୁଇ ଜଣ ଛାତ୍ର ରକ୍ତାକ୍ତ ଆକ୍ରମଣ କରିଛନ୍ତି। ଏହି ଘଟଣା ଗତକାଲି ବିଳମ୍ବିତ ସନ୍ଧ୍ୟାରେ ଘଟିଥିବା ବେଳେ ଆଜି ପ୍ରଫେସର ନାୟକଙ୍କ ବିରୋଧରେ ଜଣେ ଛାତ୍ରୀ ଅସଦାଚରଣ ଅଭିଯୋଗ ଆଣିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ପ୍ରଫେସର ନାୟକଙ୍କ ଏତଲା ଓ ଛାତ୍ରୀଙ୍କ ଏତଲା ଆଧାରରେ ଗୋପାଳପୁର ପୁଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରିଛି। ଅସଦାଚରଣ ମାମଲାରେ ପ୍ରଫେସର ନାୟକଙ୍କୁ ଆଜି ସନ୍ଧ୍ୟାରେ ଗିରଫ କରାଯାଇଛି। ସେଭଳି ପ୍ରଫେସରଙ୍କୁ ଆକ୍ରମଣ କରିଥିବା ଦୁଇ ଛାତ୍ରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାକୁ ନେଇ ବିଶ୍ୱବିଦ୍ୟାଳୟ ପରିସର ଅଶାନ୍ତ ରହିଥିବା ବେଳେ ବିଭିନ୍ନ ମହଲରେ ଏହାକୁ ନିନ୍ଦା କରାଯାଇଛି। ୩୦ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ବେଳେ ଓଡ଼ିଆ ବିଭାଗ ପ୍ରଫେସର ନାୟକ ଅନ୍ଲାଇନ୍ କ୍ଲାସ୍ କରୁଥିବା ସମୟରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଦୁଇ ଛାତ୍ର ଦିନେଶ୍ ପାଢ଼ୀ ଓ ହୃଷିକେଶ ବାଡ଼ତ୍ୟା କ୍ୱାର୍ଟର୍ସକୁ ଆସି କବାଟ ବାଡ଼େଇଥିଲେ। ପ୍ରଫେସର କବାଟ ଖୋଲିବା କ୍ଷଣି ସେମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହଠାତ୍ ଆକ୍ରମଣ କରି ଦେଇଥିଲେ। କାହିଁକି ପିଏଚ୍ଡିରେ ସିଟ୍ ମିଳିଲା ନାହିଁ ବୋଲି ପ୍ରଶ୍ନ କରି ଉଭୟେ ପ୍ରଫେସରଙ୍କ ମୁହଁକୁ ମୁଥ ମାରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ନେଇ ଅଭିଯୋଗ କରିଛନ୍ତି। ପ୍ରଫେସରଙ୍କ ମୋବାଇଲ୍ ଫୋନ୍ ଭାଙ୍ଗି ଦେବାସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ପ୍ରଫେସରଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଦୁଇ ଛାତ୍ର ଦୀନେଶ୍ ପାଢ଼ୀ ଓ ହୃଷିକେଶ ବାଡ଼ତ୍ୟାଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଅପରପକ୍ଷେ ଆଜି ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀ ପ୍ରଫେସର ନାୟକଙ୍କ ବିରୋଧରେ ଅସଦାଚରଣ କରିଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଛାତ୍ରୀ ଜଣକ ତାଙ୍କ ଏତଲାରେ ଗତ ମେ ୨୧ ତାରିଖର ଘଟଣା ଉଲ୍ଲେଖ କରି କିଛି ନୋଟ୍ ଦେବା ଓ ପାଠ ସଂପର୍କରେ ଆଲୋଚନା କରିବା ପାଇଁ ପ୍ରଫେସର ଅପରାହ୍ନ ସାଢ଼େ ୪ଟା ବେଳେ ତାଙ୍କୁ ଘରକୁ ଡକାଇଥିଲେ ବୋଲି ଉଲ୍ଲେଖ କରିଛନ୍ତି। ପ୍ରଫେସରଙ୍କ କଥାକୁ ବିଶ୍ୱାସ କରି ସେ ଏକା ତାଙ୍କ ଘରକୁ ଯାଇଥିବା ବେଳେ ସେ ତାଙ୍କୁ ଅସଦାଚରଣ କରିଥିବା ନେଇ ଗୋପାଳପୁର ଥାନାରେ ଛାତ୍ରୀଜଣଙ୍କ ଆଜି ଲିଖିତ ଅଭିଯୋଗ କରିଛନ୍ତି। ଗୋପାଳପୁର ପୁଲିସ ପକ୍ଷରୁ ଦୁଇଟି ମାମଲା ରୁଜୁ କରାଯିବା ସହ ଆକ୍ରମଣକାରୀ ଦୁଇ ଛାତ୍ରଙ୍କ ସମେତ ପ୍ରଫେସରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।




# ଟି-୨୦ ବିଶ୍ୱକପ ଟିମରେ ରହିବେନି ମହମ୍ମଦ ଶାମି !



**ମୁମ୍ବାଇ(ଏଜେନ୍ସି):** ଆୟର୍ଲ୍ୟାଣ୍ଡ ବିପକ୍ଷ ଟି-୨୦ ସିରିଜ୍ ଜିତିବା ପରେ ଟିମ୍ ଇଣ୍ଡିଆ ଏବେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍ ଉପରେ ଫୋକସ କରିଛି । ଇଂଲଣ୍ଡ ସହ ଦଳ ଗୋଟିଏ ଟେଷ୍ଟ ମ୍ୟାଚ୍ ସହ ଦିନିକିଆ ଓ ଟି-୨୦ ସିରିଜ ଖେଳିବ । ଚଳିତ ବର୍ଷ ଟି-୨୦ ବିଶ୍ୱକପ ପୂର୍ବରୁ ଭାରତ ହାତରେ ଆଉ ଖୁବକମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୁଯୋଗ ରହିଛି । ତେଣୁ ବିସିସିଆଇ ଚୟନ କମିଟି ସବୁ ଖେଳାଳିଙ୍କ ପ୍ରଦର୍ଶନ ଉପରେ ନଜର ରଖିଛି । କିନ୍ତୁ ବିସିସିଆଇ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଦ୍ରୁତ ବୋଲର ମହମ୍ମଦ ଶାମି ଟି-୨୦ ବିଶ୍ୱକପ ଖେଳିବା ଦୌଡ଼ରେ ନାହାନ୍ତି । ବିସିସିଆଇ ତାଙ୍କ ଉପରେ ଆଦୌ ନଜର ରଖି ନାହିଁ । ଟି-୨୦ ବିଶ୍ୱକପ ଟିମ୍ରେ ସାମିଲ ହେବା ପାଇଁ ଶାମି ଆଦୌ ଫିଟ ହେଉ ନଥିବାରୁ ତାଙ୍କ ବିସିସିଆଇ ଚୟନ କମିଟି ନିଜ ରାଡାରରେ ରଖିନାହିଁ । ଚୟନ କମିଟି ଯୁବ ଖେଳାଳିଙ୍କ ଉପରେ ଅଧିକ ଫୋକସ କରି ସେମାନଙ୍କୁ ଅଧିକରୁ ଅଧିକ ମ୍ୟାଚ୍ ଖେଳିବା ପାଇଁ ସୁଯୋଗ ଦେବା ମୁଡରେ ରହିଛି । ସେମାନେ ସମ୍ଭବତଃ ବରିଷ୍ଠ ଦ୍ରୁତ ବୋଲର ଭାବେ ଭୁବନେଶ୍ୱର କୁମାରଙ୍କୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି-୨୦ ବିଶ୍ୱକପ ସ୍କ୍ୱାଡରେ ସାମିଲ କରି ପାରନ୍ତି । କିନ୍ତୁ ଏଥର ଶାମି ଟିମ୍ ଇଣ୍ଡିଆର ବିଶ୍ୱକପ ସ୍କ୍ୱାଡରେ ରହିବେ ନାହିଁ ବୋଲି ଏହି ସୂତ୍ରରେ କୁହାଯାଇଛି । ବର୍ତ୍ତମାନ ଶାମି ଟେଷ୍ଟ ସହ ଏଜବାଷ୍ଟ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛନ୍ତି । ଆସନ୍ତା ୧ ତାରିଖରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ସ୍ଥଗିତ ଥିବା ଟେଷ୍ଟ ସିରିଜର ଶେଷ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ରେ ଶାମିଙ୍କୁ ଦେଖିବାକୁ ମିଳିବ ।

## ଖୋଲିଲେ ମନର କଥା

# ଅଲିମ୍ପିଆନ୍ ଦ୍ୟୁତୀ ଚାନ୍ଦଙ୍କୁ ସହିବାକୁ ପଡ଼ିଛି ରାଗିଂ




**ଭୁବନେଶ୍ୱର(ଏନ୍.ଏମ୍.):** ଅଲିମ୍ପିଆନ୍ ଦ୍ୟୁତୀ ଚାନ୍ଦଙ୍କ ସହ ହୋଇଥିଲା ରାଗିଂ । ଭୁବନେଶ୍ୱର ସ୍ପୋଟସ୍ ହଷ୍ଟେଲ୍ରେ ତାଙ୍କ ସହ ରାଗିଂ କରାଯାଇଥିଲା । ୨୦୦୬ରୁ ୨୦୦୮ ମସିହା ଯାଏଁ କ୍ୟାରିୟର ଆରମ୍ଭ କରୁଥିବା ବେଳେ ଦ୍ୟୁତୀ ସ୍ପୋଟସ୍ ହଷ୍ଟେଲ୍ରେ ରହୁଥିଲେ । ଏହି ସମୟରେ ତାଙ୍କୁ ରାଗିଂ କରିଥିଲେ ସିନିୟର ଖେଳାଳି । ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ରାଗିଂଜନିତ ସୁଇସାଇଡ୍କୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ଦ୍ୟୁତୀଙ୍କ ମନ୍ତବ୍ୟ ଅଲୋଚନାକୁ ବଳ ଦେଇଛି । ଶିକ୍ଷାନୁଷ୍ଠାନ ଓ ତାଲିମ ଦିଆଯାଉଥିବା ଅନୁଷ୍ଠାନରେ ଏବେ ବି ରାଗିଂ ଚାଲିଥିବା ଏହା ସ୍ପଷ୍ଟ କରିଛି । ଦ୍ୟୁତୀ ଏନେଇ କରିଥିବା ଏକ ସୋସିଆଲ ମିଡ଼ିଆ ପୋଷ୍ଟରେ ରାଗିଂର ଶିକାର ହୋଇଥିବା କହିଛନ୍ତି । ସେ ଲେଖିଛନ୍ତି, ହଷ୍ଟେଲ୍ରେ ସିନିୟରଙ୍କ ବଡି ମସାଜ୍ କରିବା, କପଡ଼ା ଧୋଇବା ଭଳି କାମ ସେ କରିଛନ୍ତି । ସିନିୟରଙ୍କ କଥା ନ ଶୁଣିଲେ ଅଧିକ ନିର୍ଯାତନା ସହିବାକୁ ପଡୁଥିଲା । ପରିବାରର ଅବସ୍ଥା, ଆର୍ଥିକ ସ୍ଥିତିକୁ ନେଇ ବି କମେଣ୍ଟ ମାରୁଥିଲେ ସିନିୟର ଖେଳାଳି । ଏ ସମ୍ପର୍କରେ ଅଭିଯୋଗ କରିବା ପରେ ବି କେହି ଶୁଣିନଥିଲେ । ହଷ୍ଟେଲ୍ ଇନଚାର୍ଜଙ୍କୁ ଜଣାଇବା ପରେ ବି ସେ ଏହାକୁ ହାଲ୍କାରେ ନେଉଥିଲେ । ଏହାକୁ ଚୁପଚାପ ସହିବାକୁ କହୁଥିଲେ । ଏଭଳି ଘଟଣା କାହାକୁ କହି ହେଉନଥିଲା କି ସହି ହେଉନଥିଲା ବୋଲି ଦ୍ୟୁତୀ ସୋସିଆଲ୍ ମିଡିଆରେ କମେଣ୍ଟ ଦେଇ ଲେଖିଛନ୍ତି । ତେବେ ଦ୍ୟୁତୀଙ୍କୁ କେଉଁମାନେ ରାଗିଂ କରୁଥିଲେ ସେମାନଙ୍କ ନାମକୁ ସେ ଏଠାରେ ପ୍ରକାଶ କରିନାହାନ୍ତି । ସେପଟେ ଦ୍ୟୁତୀଙ୍କ ଅଭିଯୋଗ ନେଇ ଭୁବନେଶ୍ୱର ସ୍ପୋଟସ୍ ହଷ୍ଟେଲ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି ।

# ଟି-୨୦ ରାଙ୍କିଙ୍ଗରେ ବିରାଟଙ୍କ ରେକର୍ଡ ଭାଙ୍ଗିଲେ ବାବର ଆଜମ




**ଦୁବାଇ(ଏଜେନ୍ସି):** ପାକିସ୍ତାନ ଅଧିନାୟକ ବାବର ଆଜମ ଏବେ ତାଙ୍କ କ୍ରିକେଟ କ୍ୟାରିୟରର ସର୍ବଶ୍ରେଷ୍ଠ ସମୟ ଦେଇ ଗତି କରୁଛନ୍ତି । କ୍ରିକେଟର ୩ଟି ଯାକ ଫର୍ମାଟରେ ସେ ନିଜ କ୍ଲାସ ଦେଖାଇ ବିଶ୍ୱର ସବୁ କ୍ରିକେଟ ପଣ୍ଡିତଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇଛନ୍ତି । କିଛି କ୍ରିକେଟ ପଣ୍ଡିତ ବାବରଙ୍କୁ ବର୍ତ୍ତମାନ ସମୟର ବିଶ୍ୱର ସର୍ବଶ୍ରେଷ୍ଠ ବ୍ୟାଟରର ଆଖ୍ୟା ଦେଇଥିବା ବେଳେ ଆଉ କିଛି ତାଙ୍କୁ ବିରାଟ କୋହଲି, କେନ ୱିଲିୟମସନ, ଷ୍ଟିଭ ସ୍ମିଥ ଓ ଜୋ ରୁଟଙ୍କ କ୍ଲବରେ ସାମିଲ କରିଛନ୍ତି । ବାବରଙ୍କୁ ନେଇ ଏପରି ଚର୍ଚ୍ଚା ଚାଲିଥିବା ବେଳେ ସେ ଆଇସିସି ବ୍ୟାଟିଂ ରାଙ୍କିଙ୍ଗରେ ନିଜର ଦବଦବା ଜାରି ରଖିଛନ୍ତି । ଉଭୟ ଟି-୨୦ ଓ ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଛନ୍ତି ବାବର । ଆଜି ଆଇସିସି ପକ୍ଷରୁ ଜାରି ସଦ୍ୟତମ ଟି-୨୦ ବ୍ୟାଟିଂ ରାଙ୍କିଙ୍ଗରେ ବାବର ପୂର୍ବଭଳି ୧ନଂ ସ୍ଥାନରେ ରହିଛନ୍ତି । ସେ ଦୀର୍ଘ ଦିନ ଧରି ଟି-୨୦ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବାରୁ ଏବେ ବିରାଟ କୋହଲିଙ୍କ ରେକର୍ଡ ଭାଙ୍ଗି ଦେଇଛନ୍ତି । ବିରାଟ କୋହଲି ନିଜର ଦମଦାର ବ୍ୟାଟିଂ ଯୋଗୁ ଏକଦା ଟି-୨୦ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିଲେ । ସେ ୧୦୧୩ ଦିନ ଯାଏ ୧ନଂ ସ୍ଥାନରେ ରହି ରେକର୍ଡ କରିଥିଲେ । କିନ୍ତୁ ବାବର ଏବେ ବିରାଟଙ୍କ ୧୦୧୩ ଦିନର ରେକର୍ଡକୁ ଅତିକ୍ରମ କରି ଯାଇଥିବା ଆଇସିସି ସୂଚନା ଦେଇଛି । ଆଇସିସି କହିଛି ଯେ, ପାକିସ୍ତାନ ଅଧିନାୟକ ବାବର ଏବେ ଉଭୟ ଟି-୨୦ ଓ ଦିନିକିଆ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଛନ୍ତି । ଏଥିସହ ସେ ଟେଷ୍ଟରେ ମଧ୍ୟ ଶୀର୍ଷ ସ୍ଥାନ ଦଖଲ କରିବା ମୁଡରେ ଅଛନ୍ତି । ଅନ୍ୟପକ୍ଷରେ ଆଇସିସି ବ୍ୟାଟିଂ ରାଙ୍କିଙ୍ଗର ଟପ୍ ୧୦ରେ ଏକମାତ୍ର ଭାରତୀୟ ଭାବେ ଈଶାନ କିଶନ ରହିଛନ୍ତି । ଗତ ବୁଧବାର ଜାରି ହୋଇଥିବା ବ୍ୟାଟିଂ ରାଙ୍କିଙ୍ଗରେ ଈଶାନ କିଶନ ୬ଷ୍ଠ ସ୍ଥାନରେ ଥିଲେ । କିନ୍ତୁ ଆୟର୍ଲ୍ୟାଣ୍ଡ ବିପକ୍ଷରେ ସେ ଆଖିଦୃଶିଆ ପ୍ରଦର୍ଶନ କରି ପାରି ନଥିବାରୁ ୭ମ ସ୍ଥାନକୁ ଖସିଛନ୍ତି । ୬ଷ୍ଠ ସ୍ଥାନରେ ନ୍ୟୁଜିଲ୍ୟାଣ୍ଡର ଡେଭୋନ କନୱେ ରହିଛନ୍ତି । ସେହିପରି ଦ୍ୱିତୀୟରେ ମହମ୍ମଦ ରିଜୱାନ, ତୃତୀୟ ଆଡେନ ମାର୍କମ, ୪ର୍ଥରେ ଡାୱିଡ ମଲାନ, ୫ମରେ ଆରୋନ ଫିଞ୍ଚ, ୬ଷ୍ଠରେ ଡେଭୋନ କନୱେ, ୭ମରେ ଈଶନ କିଶନ, ୮ମରେ ପାଥୁମ ନିଶାଙ୍କା, ୯ମରେ ମାର୍ଟିନ ଗପ୍ଟିଲ ଓ ୧୦ମ ସ୍ଥାନରେ ରସି ଭାନ ଡେର ଡୁସେନ ଅଛନ୍ତି ।

# ଓଡ଼ିଆ ପୁଅ ଅମରେନ୍ଦ୍ର ଜାତୀୟ ବାସ୍କେଟବଲ ଦଳରେ ଚୟନ




**କଟକ(ଏନ୍.ଏମ୍.):** ଜୁଲାଇ ୧ରୁ ୪ ତାରିଖ ପର୍ଯ୍ୟନ୍ତ ଫିଲିପାଇନ୍ସ ଠାରେ ଫିବା ବିଶ୍ୱକପ-୨୦୨୩ ଲାଗି ଏସିଆନ କ୍ୱାଲିଫାୟାର୍ସ ମ୍ୟାଚ ଖେଳାଯିବ । ଏଥିଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଆ ଯୁବକ ଅମରେନ୍ଦ୍ର ନାୟକ । କଟକରେ ଜନ୍ମିତ ଅମରେନ୍ଦ୍ର ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରି ନଥିଲେ ସୁଦ୍ଧା ଭାରତୀୟ ସିନିୟର ବାସ୍କେଟବଲ ଦଳରେ ଜଣେ ଓଡ଼ିଆ ସ୍ଥାନ ପାଇଥିବାରୁ ବିଭିନ୍ନ ବର୍ଗରେ ଖୁସି ଖେଳି ଯାଇଛି । ଅମରେନ୍ଦ୍ର ପରିବାର ସହ କୋଲକାତାରେ ରହୁଛନ୍ତି । କଟକ ମଣିସାହୁ ଛକ ଅଞ୍ଚଳର ସ୍ଥାନୀୟ ବାସିନ୍ଦା ସତ୍ୟବ୍ରତ ନାୟକ ଓ ମା' ସ୍ୱର୍ଣ୍ଣଲତା ନାୟକଙ୍କ ପୁତ୍ର ଅମରେନ୍ଦ୍ରଙ୍କର ଘର । ଉଭୟ ପିତା ଓ ମାତା ବାସ୍କେଟବଲ ଖେଳାଳି ଭାବେ ପରିଚିତ । ପିତା ସତ୍ୟବ୍ରତ ଭାରତୀୟ ବାସ୍କେଟବଲ କ୍ରୀଡ଼ାର ଜଣେ ଅତିପରିଚିତ ଚେହେରା । ସେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ସହିତ ରେଳବାଇରେ ଚାକିରୀ ପାଇ ବର୍ତ୍ତମାନ କୋଲକାତା ସହରରେ ରହୁଛନ୍ତି । ସତ୍ୟବ୍ରତ ୨୦୧୯-୨୦ରେ ଭାରତୀୟ ସିନିୟର ମହିଳା ବାସ୍କେବଲ ଦଳର କୋଚ ରହିଥିଲେ । ୨୦୧୬ ମସିହାରୁ ଭାରତୀୟ ରେଳବାଇ ମହିଳା ଟିମର ମୁଖ୍ୟ କୋଚ ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି । ଜଣେ ସଫଳ କୋଚ ଭାବେ କ୍ରୀଡ଼ା କ୍ୟାରିୟର ସୃଷ୍ଟି କରିଥିବା ପିତା ସତ୍ୟବ୍ରତଙ୍କ ଜାତୀୟ ଦଳରେ ସ୍ଥାନ ପାଇବାର ସ୍ୱପ୍ନ ଏବେ ଅମରେନ୍ଦ୍ର ପୂରଣ କରିଛନ୍ତି । ଅମରେନ୍ଦ୍ର ଚଣ୍ଡୀଗଡରେ ପାଠ ପଢୁଛନ୍ତି । ସେ ସ୍ନାତକ ଦ୍ୱିତୀୟ ବର୍ଷର ଛାତ୍ର । ଏହି ସଫଳତା ନିମନ୍ତେ ରାଜ୍ୟ କ୍ରୀଡା ବିଭାଗ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି ।

# ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ



**କଟକ (ଏନ୍.ଏମ୍.):** ତିନି ଦିନ ଧରି ଜବାହାର ଲାଲ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ମାଷ୍ଟର୍ସ ଡବଲ୍ସର ୫୫ ବର୍ଗରେ ଅଶୋକ ମଲ୍ଲିକ ଓ ଶୁଭାଶିଷ ସାହୁ ଚାମ୍ପିଅନ ହୋଇଥିବା ବେଳେ ମାଷ୍ଟର୍ସ ସିଙ୍ଗଲ୍ସର ଉକ୍ତ ବର୍ଗରେ ଅଜୟ ସାଙ୍ଗ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ମାଷ୍ଟର୍ସର ୫୦ ବର୍ଗ ଯୋଡିରେ ସମୀର କୁମାର ସାହୁ ଓ ସଞ୍ଜୟ ରାଉତଙ୍କ ଯୋଡି ବିଜୟ, ସିଙ୍ଗଲ୍ସରେ ବିଜୟ ମହାରଣା, ମାଷ୍ଟର୍ସ ୪୫ର ଡବଲ୍ସରେ ଶ୍ରାବଣ ଜମାମ ଓ ତାହିର ମହମ୍ମଦ, ସିଙ୍ଗଲ୍ସରେ ମହମ୍ମଦ ହାସିମ, ୪୦ର ଡବଲ୍ସରେ କାନ୍ହୁଚରଣ ପଟ୍ଟନାୟକ ଓ ଉମାଶଙ୍କର ପ୍ରଧାନ, ସିଙ୍ଗଲ୍ସରେ କେ ରବି ବାବୁ, ୩୫ ବର୍ଗର ଡବଲ୍ସରେ ଜ୍ଞାନଚାନ୍ଦ ଓ ମାନଓ ରଞ୍ଜନ ରାଉତରାୟ, ସିଙ୍ଗଲ୍ସରେ ଜୟପ୍ରକାଶ ସିଂହ, ୧୯ ବର୍ଷରୁ କମ ବୟସ ବର୍ଗର ବାଳିକା ଡବଲ୍ସରେ ପ୍ରଗତି ପରିଡା ଓ ବିଶାକ ଟୋପ୍ପ ପ୍ରଥମ, ବାଳକ ଡବଲ୍ସରେ ଅଭିଜିତ ମହାରଣା ଓ ଅମର ମହାନ୍ତି ପ୍ରଥମ, ବାଳିକା ବର୍ଗରେ ସ୍ମୃତି ସ୍ୱାଇଁ ଓ ବାଳକରେ ତସିଫ ଖାନ ଚାମ୍ପିଅନ ହୋଇଛନ୍ତି । ବ୍ୟାଡମିଣ୍ଟନ କୋଚିଙ୍ଗ ଏବଂ ଟ୍ରେନିଂ ସେଣ୍ଟର, କଟକ, ବ୍ୟାଡମିଣ୍ଟନ ଡେଭଲପମେଣ୍ଟ କମିଟି କଟକ ଓ ଏସବିଏର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ୧୯ ବର୍ଷରୁ କମ ଏବଂ ମାଷ୍ଟର ଅଲ ଓଡ଼ିଶା ବ୍ୟାଡମିଣ୍ଟନ ର ?ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ ଏଫଜେଡ ଫେରାଜର ଉଦଯାପତି ଉତ୍ସବରେ କଟକ ଜିଲ୍ଲା ଡେଭଲପମେଣ୍ଟ କମିଟି ଅଧକ୍ଷ କାର୍ତ୍ତିକ ଦାସ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ଓଏଫଡିସିର ଅଧକ୍ଷ ତଥା ଅଭିନେତା ସତ୍ୟବ୍ରତ ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ କଟକ କ୍ଲବର ସମ୍ପାଦକ ସତ୍ୟାକ୍ଷୀ ବୋଷ, ଓଏସବିଏର ସମ୍ପାଦକ ନିଲିନ କୁମାର ଯୋଗ ଦେଇ ଚାମ୍ପିଅନ ଓ ରନର୍ସଙ୍କୁ ମାନପତ୍ର, ଟ୍ରଫି ଓ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଆୟୋଜକ ସମ୍ପାଦକ କମଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଏସବିଏର କୋ-ଅର୍ଡିନେଟର ଚନ୍ଦନ ଦାସ ଓ ଅଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଏସଜିଏ ପାଳିଲା ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ

# 'ଖେଳାଳି ଓ ଖେଳ ସାମ୍ବାଦିକ ପରସ୍ପରର ପରିପୂରକ'




**ଭୁବନେଶ୍ୱର(ଏନ୍.ଏମ୍.):** ଜଣେ ଖେଳାଳି ପାଇଁ କ୍ରୀଡ଼ା ସାମ୍ବାଦିକ ଯେତିକି ଗୁରୁତ୍ୱପୂର୍ଣ୍ଣ, କ୍ରୀଡ଼ା ସାମ୍ବାଦିକଙ୍କ ପାଇଁ ମଧ୍ୟ ଖେଳାଳିଙ୍କ ଗୁରୁତ୍ୱ ସେହିପରି । ଉଭୟଙ୍କ ଜନମାନସରେ ପ୍ରଚାର ପାଇଁ ପରସ୍ପରର ଆବଶ୍ୟକତା ରହିଛି । ଖେଳ ଦୁନିଆ ଏବଂ କ୍ରୀଡ଼ା ସାମ୍ବାଦିକତା ପରସ୍ପର ଠାରୁ ଭିନ୍ନ ନୁହଁନ୍ତି ବରଂ ଖେଳାଳି ଓ ଖେଳ ସାମ୍ବାଦିକ ପରସ୍ପରର ପରିପୂରକ ବୋଲି ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓଏସଜିଏ) ପକ୍ଷରୁ ଆୟୋଜିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଉତ୍ସବରେ ଅତିଥି ଭାବରେ ଯୋଗଦେଇ ଏହି ମତ ଦେଇଥିଲେ ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜୟିନୀ ତଥା ଓଡ଼ିଶା କ୍ରୀଡ଼ାର କିଂବଦନ୍ତି ଆଥ୍ଲେଟ୍ ପ୍ରଣତି ମିଶ୍ର । ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲର ସମ୍ମିଳନୀ କକ୍ଷରେ ଓଏସଜିଏ ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟ ସମାରୋହରେ ପ୍ରଣତିଙ୍କ ସହ ଓଡ଼ିଶାର କ୍ରିକେଟ୍ ଗୌରବ ତଥା ବର୍ତ୍ତମାନର ଜାତୀୟ ଚୟନକର୍ତ୍ତା ଦେବାଶିଷ ମହାନ୍ତି ଏବଂ ସଦ୍ୟ ଏଭରେଷ୍ଟ ଆରୋହଣ କରିଥିବା ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଓସଜିଏ କାର୍ଯ୍ୟକାରୀ ସଭାପତି କେ. ରବି ଏବଂ ସମ୍ପାଦକ ଦେବୀପ୍ରସନ୍ନ ମହାନ୍ତି ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ । ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ କ୍ରିକେଟର ଦେବାଶିଷ ମହାନ୍ତି ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଖେଳରେ ସଫଳତା ହାସଲ କରିବାର କିଛି ସର୍ଟକର୍ଟ ଉପାୟ ନାହିଁ । ପାଗଳ ପ୍ରାୟ ହୋଇ ଖେଳରେ ନଲାଗିଲେ ବଡ଼ ସଫଳତା ହାସଲ କରିହେବ ନାହିଁ । ଏହି ଅବସରରେ ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆ ସିଦ୍ଧାର୍ଥ ରାଉତରାୟ ଯୋଗଦେଇ ତାଙ୍କ ଜୀବନରେ କ୍ରୀଡ଼ା ସହ ସାମିଲ ହୋଇ ରହିଥିବାରୁ କିପରି ପାଦେପାଦେ ସଫଳତା ପାଇଛନ୍ତି, ତାହା ବିସ୍ତୃତ ଭାବେ ବତାଇବା ସହ ଏଭେରେଷ୍ଟ ଆରୋହଣର ସ୍ମୃତି ବାଣ୍ଟିଥିଲେ । ଏଥି ସହିତ ସମାଜର ମହିଳାମାନଙ୍କୁ ଖେଳ ମାଧ୍ୟମରେ ସଶକ୍ତ ହୋଇ ନିର୍ଭୟର ସହ ଚଳିବାର ସେ ଆହ୍ୱାନ ଦେଇଥିଲେ । ସମ୍ବିତ୍ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଓଏସଜିଏର ଏକ ବିଶେଷ ସ୍ମରଣିକାର ପ୍ରଚ୍ଛଦ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।

# ଜାତୀୟ ମହିଳା ଫୁଟବଲ ଚାମ୍ପିଅନସିପରେ ଓଡ଼ିଶା ପରାସ୍ତ

**କଟକ(ଏନ୍.ଏମ୍.):** କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ହୋଇଥିବାବେଳେ ଜାତୀୟ ମହିଳା ଫୁଟବଲ ଚାମ୍ପିୟନସିପରେ ଓଡ଼ିଶା ଶୋଚନୀୟ ପରାସ୍ତ ହୋଇଛି । ତେବେ ଆସାମ ଠାରେ ଚାଲିଥିବା ୧୭ ବର୍ଷରୁ କମ ଜାତୀୟ ମହିଳା ଫୁଟବଲ ଚାମ୍ପିଅନସିପରେ ଓଡ଼ିଶା ଦଳ ପରାଜିତର ସ୍ୱାଦ ଚାଖିଛି । ପାଲଟନ ବଜାର ସାଇ ନ୍ୟୁ ଗ୍ରାଉଣ୍ଡ ଠାରେ ଆୟୋଜିତ ଗ୍ରୁପ ଷ୍ଟେଜ ମ୍ୟାଚରେ ମହାରାଷ୍ଟ୍ର ଠାରୁ ଓଡ଼ିଶା ୩-୦ ଗୋଲରେ ହାରିଛି । ମହାରାଷ୍ଟ୍ର ଦଳର ସୁମୟା ଶେଖ ୨୪, ୪୯ ଓ ୬୫ ମିନିଟରେ ଗୋଲ ସ୍କୋର କରିଥିଲେ ।

ନିୟମିତ ନିଷ୍କର୍ଷ ମିଡିଆର ୟୁଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ
ନିଷ୍କର୍ଷ NISHKARSHA
ଯଦି ସବସ୍କ୍ରାଇବ୍ କରିନାହାନ୍ତି ଆଜି ହିଁ ମୋବାଇଲରେ ସବସ୍କ୍ରାଇବ୍ କରନ୍ତୁ
Nishkarsha Media
ଲାଇକ୍, କମେଣ୍ଟ୍ ଓ ସେୟାର କରନ୍ତୁ
ପ୍ରତିଦିନ ସର୍ଚ୍ଚ କରନ୍ତୁ ଆଉ ତୁରନ୍ତ ଅପଡେଟ ଖବର ପାଆନ୍ତୁ ...
ନିଜ ମୋବାଇଲ, ଟାବଲେଟ୍, ଲାପଟପ କିମ୍ବା ଡେସ୍କଟପରେ ଘରେ ବସି ଜାଣନ୍ତୁ ଦେଶ ବିଦେଶର ଖବର...
nishkarsha.com

# ଓଡ଼ିଶା ରାଜ୍ୟ ସ୍କୁଲ ଫିଡେ ରେଟେଡ ଚେସ ପ୍ରତିଯୋଗିତା ଉଦଘାଟିତ




**କଟକ(ଏନ୍.ଏମ୍.):** ବାରବାଟୀ ଷ୍ଟାଡିୟମ ସ୍ଥିତ ହର୍ଷଗେଟର ଶୀତତାପ ନିୟନ୍ତ୍ରଣ କକ୍ଷରେ ୪୪ତମ ଚେସ ଅଲମ୍ପିଆଡ ଉପଲକ୍ଷେ ଓଡ଼ିଶା ରାଜ୍ୟ ସ୍କୁଲ ଫିଡେ ରେଟେଡ ରାପିଡ ଚେସ ଚାମ୍ପିଅନସିପ ଉଦଘାଟିତ ହୋଇଯାଇଛି । କଟକ ଜିଲ୍ଲା ଚେସ ସଂଘ ଦ୍ୱାରା ତଥାନିଖିଳ ଓଡ଼ିଶା ଚେସ ସଂଘ ଏବଂ ସର୍ବଭାରେତୀୟ ଚେସ ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ୧୨ଟି ଜିଲ୍ଲାରୁ ବାଳକ ବର୍ଗରେ ୯୩ଜଣ ଏବଂ ବାଳିକା ବର୍ଗରେ ୩୭ ଜଣ ପ୍ରତିଯୋଗୀ ସହ ମୋଟ ୧୪୦ଜଣ ଅଂଶଗ୍ରହଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ୩୩ ଜଣ ଆନ୍ତର୍ଜାତୀୟ ରେଟେଡ ଖେଳାଳି ରହିଛନ୍ତି । ବାଳକ ବର୍ଗରେ କଟକର ଶ୍ରେୟାସ ଶୁଭମ ପଟ୍ଟନାୟକ ଏବଂ ବାଳିକା ବର୍ଗରେ କଟକର ସନ୍ଦିପା ପ୍ରିୟଦର୍ଶନୀ ସାହୁ ଟପସିଡ ମାନ୍ୟତା ପାଇଛନ୍ତି । ଗତ ରବିବାର ଅନୁଷ୍ଠିତ ହୋଇଥିବା ୫ମ ରାଉଣ୍ଡ ବାଳିକା ବର୍ଗରେ ଜ୍ୟୋତିକା ସାହୁ ସନ୍ଦିପାଙ୍କୁ, ପ୍ରତ୍ୟଶା ଜେନା- ଆୟୁଷି ମହାନ୍ତିଙ୍କୁ, ସାହାନା ଲେଙ୍କା-ସ୍ୱୟଂଶ୍ରୀ ସାହୁଙ୍କୁ, ରତୁଶ୍ରୀ ରତୁପ୍ରଭା- ପ୍ରଭାନି ଦୟାନିତା ମାଝୀଙ୍କୁ, ବସୁନ୍ଧରା ପଣ୍ଡା- ଏସ ମନିଷାଙ୍କୁ, ଜୟଲକ୍ଷ୍ମୀ ସାହୁ-ଆରସିଆ ସାହୁଙ୍କୁ ପରାସ୍ତ କରିଥିବା ବେଳେ ପ୍ରିତିଶା ମିଶ୍ର ଏବଂ ଶୁଭସ୍ମିତା ପ୍ରିୟଦର୍ଶନୀ ମଧ୍ୟରେ ଖେଳାଯାଇଥିବା ମ୍ୟାଚ ଡ୍ରରେ ଶେଷ ହୋଇଛି । ସେହିପରି ବାଳକ ବର୍ଗରେ ଶ୍ରେୟାଂଶ ଶୁଭମ-ସ୍ୱସ୍ତିକ ଶୁଭମ ପଟ୍ଟନାୟକଙ୍କୁ, କୌସ୍ତଭ ଦାସ-ଆରିନ ଅନ୍ୱେଷ ସାହୁଙ୍କୁ, ପ୍ରତ୍ୟୁଷ ନାୟକ-ରୋହିତ ମଲ୍ଲିକଙ୍କଳ ସାଇ ସୌରଭ ଦାସ-ଆୟୁଷ ଆରୟନ ମହାପାତ୍ରଙ୍କୁ ପରାସ୍ତ କରିଥିବା ବେଳେ ସ୍ମିତ ପ୍ରଜ୍ଞା ସାହୁ ଓ ଶ୍ରୀୟାଂଶ ଦେ, ଆୟୁଷ୍ମାନ ମହାନ୍ତି ଓ ଶ୍ରୀହନ ସାବତ, ବିକାଶ କୁମାର ଲେଙ୍କା ଓ ଶାନ୍ତନୁ କୁମାର ଦାସଙ୍କ ମଦ୍ୟରେ ମ୍ୟାଚ ଡ୍ର ରହିଥିଲା । ୫ମ ରାଉଣ୍ଡ ଶେଷ ସୁଦ୍ଧା ବାଳିକା ବର୍ଗରେ ଜ୍ୟୋତିକା ସାହୁ ଓ ପ୍ରତ୍ୟାଶାଜେନା ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନ, ସାହାନା ଲେଙ୍କା ଓ ରତୁଶ୍ରୀ ରତୁପ୍ରଭା ସାହୁ ମିଳିତ ଭାବେ ୪ ପଏଣ୍ଟ ପାଇ ଦ୍ୱିତୀୟରେ ରହିଛନ୍ତି । ଅନ୍ୟପକ୍ଷରେ ବାଳକ ବର୍ଗର ୫ମ ରାଉଣ୍ଡରେ ଶ୍ରେୟାଂଶ ଶୁଭମ ପଟ୍ଟନାୟକ ୫ ପଏଣ୍ଟ ପାଇ ଏକକରେ ଅଗ୍ରଣୀ ଅଛନ୍ତି । ଶ୍ରୀୟାଂଶ ଦେଙ୍କ କୌସ୍ତୁଭଦାଶ ମିଳିତ ଭାବେ ୪.୫ ପଏଣ୍ଟ ସହ ଦ୍ୱିତୀୟରେ ରହିଛନ୍ତି । ଉଦଘାଟନୀ ଉତ୍ସବରେ ଅତିଥି ଭାବେ କଟକ ଜିଲ୍ଲାର ପୂର୍ବତନ ସଭାପତି ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ଓ ଅସିତ କୁମାର ମୁଖାର୍ଜୀ ଯୋଗ ଦେଇ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ସନ୍ତୋଷ କୁମାର ପୃଷ୍ଟି, ସମ୍ପାଦକ ଅଜୟ କୁମାର ନାୟକ, କୋଷାଧକ୍ଷ ରାଜେନ୍ଦ୍ର କୁମାର ସେଠୀ, ଜ୍ୟୋତିପ୍ରକାଶ ମହାପାତ୍ର, ଜୀବନ ବଲ୍ଲଭ ସାମଲ, ଶ୍ରୀତମ ପୃଷ୍ଟି, କମଳା କାନ୍ତ ବିଶୋଇ, ସୂର୍ଯ୍ୟକାନ୍ତ ବିଶୋଇ, ସଭାପତି ବିବେକ କୁମାର ତିବର ୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ପ୍ରତିଯୋଗିତାକୁ ଆର୍ବିଟର ଭାବେ ନିହାରରଞ୍ଜନ ସାମମଲ, ତାପସ ମହାନ୍ତି ଓ ଜ୍ୟୋତିଶଙ୍କର ନନ୍ଦ ପରିଚାଳନା କରୁଛନ୍ତି ।

Printed, Published and owned by Sri Tapan Kumar Sahoo At-Badachanachoo, Po-Nakhara, Via-Choudwar, Dist-Cuttack-754025 (Odisha),
Printed at Sakuntala Printers, Bidanasi, Cuttack-753014 (Odisha) and Published at At - Badachanachoo, Po- Nakhara, Via-Choudwar, Dist-Cuttack- 754025 (Odisha)
Editor : SRI TAPAN KUMAR SAHOO Mob- 8895134289, 9938725879. Email : nishkarsha.media@gmail.com ସମ୍ପାଦକ: ତପନ କୁମାର ସାହୁ